Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 169
Monday, 25 August 2025
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୫ ଅଗଷ୍ଟ, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବିପଦ ସଂକେତ ଉପରେ ସୁବର୍ଣ୍ଣରେଖା ଓ ବୈତରଣୀ

ଭୁବନେଶ୍ୱର, ୨୪/୦୮ (ଆ.ପ୍ର) : କେଉଁଠି ଉଛୁଳିଲାଣି... କେଉଁଠି ବୁଡ଼ାଇଲାଣି... କେଉଁଠି ଘାଇ କଲାଣି । ପୁଣି ତାଉ ଦେଖାଇଲାଣି ସୁବର୍ଣ୍ଣରେଖା ଓ ବୈତରଣୀ । ଲଘୁଚାପ ଜନିତ ଲଗାଣ ବର୍ଷା ଫଳରେ ଉତର ଓଡ଼ିଶାରେ ପୁଣି ଥରେ ଉବୁଟୁବୁ ସ୍ଥିତି । ସୁବର୍ଣ୍ଣରେଖାରେ ଷଷ୍ଠ ଥର ଏବଂ ବୈତରଣୀରେ ତୃତୀୟ ଥର ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି । ଯାହା ଫଳରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ତଳିଆ ଅଂଚଳବାସୀଙ୍କ ମନରେ ଛନକା ପଶିଛି । ଦେଖନ୍ତୁ ଏ ଦୃଶ୍ୟକୁ ।... ଅଳ୍ପକେ ବର୍ତିଯାଇଛି ତିନି ତିନିଟି ଜୀବନ । ଭୋଗରାଇ ଗଛିଦା ସ୍ଲୁଇସ୍ ଗେଟ୍ ନିକଟରେ ସୁବର୍ଣ୍ଣରେଖାର ପ୍ରଖର ସୁଅରୁ ୨ ବାଇକ୍ ଆରୋହୀ ସମେତ ୩ ଜଣଙ୍କୁ ଉଦ୍ଧାର କରିଛନ୍ତି ସ୍ଥାନୀୟ ଲୋକେ । ଉଛୁଳା ନଦୀରେ ଡଙ୍ଗା ବୁଡ଼ିଯିବା ପରେ, ଏକ ଗଛକୁ ଧରି ସେମାନେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ରାଜଘାଟ ଠାରେ ସୁବର୍ଣ୍ଣରେଖା ବିପଦ ସଂକେତ ଉପରେ ପ୍ରବାହିତ ହେଉଥିବା ବେଳେ; ବସ୍ତା, ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ଅଂଚଳ

ପ୍ରଭାବିତ ହୋଇଛି । ବାଲିଆପାଳ ବ୍ଲକର ୨୦ଟି ଗାଁରେ ପାଣି ପଶିଥିବା ବେଳେ, ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଏପଟେ ବାଲେଶ୍ୱର ରେମୁଣାର ସୁନ, ଗଙ୍ଗାହାର, ବୁଢ଼ାବଳଙ୍ଗ ସହିତ ବଂଶଧାରା ଜଳସ୍ତର ବି ବୃଦ୍ଧି ପାଉଥିବା ସୂଚନା ମିଳିଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁ ବୈତରଣୀ ଜଳସ୍ତର ବି ବିପଦ ସଂକେତ ଉପରେ । ପ୍ରବଳ ବର୍ଷା ଓ ପ୍ରଖର ସୁଅ ଯୋଗୁଁ ଧସିଯାଇଛି ଭଦ୍ରକ ଜିଲ୍ଲା ଷୋଳମପୁର ବିଦ୍ଧାଣ ବ୍ୟାରେଜ ପାଖ ପଥର ବନ୍ଧ । ସେପଟେ ଯାଜପୁର ଜିଲ୍ଲାର ଦଶରଥପୁର ଓ କୋରେଇ ବ୍ଲକରେ ଦେଖାଦେଇଛି ବନ୍ୟା ସ୍ଥିତି । ଶାଖା କାଣୀ ନଦୀ ଲାଗି ଦଶରଥପୁର ବ୍ଲକର ତଳିଆ ଅଂଚଳ ଲାଗି ବିପଦ ସୃଷ୍ଟି ହୋଇଛି । ସପ୍ତମାତୃକା ମନ୍ଦିରରେ ଅଂଟାଏ ଲେଖାଏଁ ପାଣି ପଶିଥିବାବେଳେ ଦଶରଥପୁର ବ୍ଲକ ସିଦ୍ଧେଶ୍ୱର ମନ୍ଦିର ଏବଂ ଏହାର ପାର୍ଶ୍ୱ ମନ୍ଦିର ବୁଡ଼ି ଯାଇଛି । ତେଣେ ଦଶରଥପୁର ବ୍ଲକର ତଳିଆ ଅଂଚଳରେ ଥିବା ୪ଟି ପଂଚାୟତରେ ପାଣି ପଶିଥିବାରୁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି । ସେପଟେ ଶିମିଳିପାଳ ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଜମ୍ବିପଦା କାଳ ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଛି । ଏଣେ କେନ୍ଦୁଝର ଜିଲ୍ଲାର ଜୁଡ଼ିଆଘାଟି ଓ କାଞ୍ଜିପାଣି ଘାଟିରେ ମାଟି ଅଡଡ଼ା ଖସିଛି । ଫଳରେ ୪୯ ନମ୍ବର ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏବେବି ଟଳିନି ବନ୍ୟା ବିପଦ । ଆସନ୍ତାକାଲି ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ, ଆହୁରି ବଢ଼ିପାରେ ବିଭିନ୍ନ ନଦୀର ଜଳସ୍ତର । ଆସନ୍ତା ୪୮ ଘଂଟାରେ ଲଘୁଚାପ କ୍ଷେତ୍ର ଘନୀଭୂତ ହେବା ସମ୍ଭାବନା ଥିବାରୁ, ପ୍ରାୟ ସବୁ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ଏବଂ ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ଏବଂ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ କୁହାଯାଇଛି । ଏପଟେ ହୀରାକୁଦ ଜଳଭଣ୍ଡାରରେ ଆଜି ଆଉ ୪ଟିକୁ ମିଶାଇ ମୋଟ୍ ୧୨ଟି ଗେଟ୍ ଖୋଲାଯାଇଥିବା ବେଳେ, ଏବେ ମହାନଦୀରେ କୌଣସି ବଡ଼ ବନ୍ୟା ଆଶଙ୍କା ନାହିଁ ବୋଲି କହିଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ ।

ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀର ପ୍ରଥମ ସଫଳ ପରୀକ୍ଷଣ

ବାଲେଶ୍ୱର, ୨୪/୦୮ (ଆ.ପ୍ର) : ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ସମନ୍ୱିତ ବାୟୁ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ପ୍ରଣାଳୀ (ଆଇଏଡିଡବ୍ଲୁଏସ)ର ପ୍ରଥମ ସଫଳ ପରୀକ୍ଷଣ ସମ୍ପନ୍ନ କରିଛି । ଓଡ଼ିଶା ଉପକୂଳରୁ ଶନିବାର ଅପରାହ୍ଣ ସାଢ଼େ ୧୨ଟାରେ ଏହି ପରୀକ୍ଷଣ କରାଯାଇଥିଲା । ଆଇଏଡିଡବ୍ଲୁଏସ ଏକ ବହୁସ୍ତରୀୟ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଯେଉଁଥିରେ ସମସ୍ତ ସ୍ୱଦେଶୀ ଦ୍ରୁତ ମୁକାବିଲା କ୍ଷମତା ସମ୍ପନ୍ନ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟ ଭେଦ କରିପାରୁଥିବା କ୍ଷେପଣାସ୍ତ୍ର ସଂଯୋଗ କରାଯାଇଛି । ଏହାଛଡ଼ା ଏଥିରେ ଉନ୍ନତ ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ (ଭିଏସଏଚଓଆରଏଡିଏସ) କ୍ଷେପଣାସ୍ତ୍ର ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଆଧାରିତ ଲକ୍ଷ୍ୟଭେଦକାରୀ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର (ଡିଇଡବ୍ଲୁ) ମଧ୍ୟ ଖଞ୍ଜା ହୋଇଛି । ଏହି କାର୍ଯ୍ୟକ୍ରମର ଅଗ୍ରଣୀ ପ୍ରୟୋଗଶାଳା ରୂପେ ମାନ୍ୟତା ଲାଭ କରିଥିବା ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପ୍ରୟୋଗଶାଳା ଦ୍ୱାରା ବିକଶିତ ଏକ ସମନ୍ୱିତ କମାଣ୍ଡ ଏବଂ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ଅସ୍ତ୍ର ପ୍ରଣାଳୀର ସବୁ ଉପକରଣକୁ ସମନ୍ୱିତ ପରିଚାଳନା ଓ ନିୟନ୍ତ୍ରିତ କରାଯାଇଥାଏ । ଭିଏସଏଚଓଆରଏଡିଏସକୁ ରିସର୍ଚ୍ଚ ସେଂଟର ଇମାରତ ଦ୍ୱାରା ବିକଶିତ କରାଯାଇଥିବା ବେଳେ ଡିଇଡବ୍ଲୁକୁ ସେଂଟର ଫର ହାଇ ଏନର୍ଜି ସିଷ୍ଟମ୍ସ ଆଣ୍ଡ ସାଇନ୍ସେସ୍ ଦ୍ୱାରା ବିକଶିତ କରାଯାଇଛି । ଆକାଶମାର୍ଗ ପରୀକ୍ଷଣ ସମୟରେ ଦୁଇଟି ଉଚ୍ଚ ଗତିଶୀଳ ଫିକ୍ସଡ୍ ୱିଙ୍ଗ ମାନବବିହୀନ ଆକାଶମାର୍ଗର ଲକ୍ଷ୍ୟ ଏବଂ ଗୋଟିଏ ମଲ୍ଟି କ୍ୟାପ୍ଟର ଡ୍ରୋନ୍ ସମେତ ତିନୋଟି ଭିନ୍ନଭିନ୍ନ ଲକ୍ଷ୍ୟକୁ ଏକ ସଙ୍ଗେ ଟାର୍ଗେଟ୍ କରାଯାଇଥିଲା । କ୍ୟୁଆରଏସଏଏମ, ଭିଏସଏଚଓଆରଏଡିଏସ ଏବଂ ଉଚ୍ଚ କ୍ଷମତାସମ୍ପନ୍ନ ଲେଜର ଅସ୍ତ୍ର ପ୍ରଣାଳୀ ଦ୍ୱାରା ଭିନ୍ନ ଭିନ୍ନ ଦୂରତା ଏବଂ ଉଚ୍ଚତାରେ ଏକ ସମୟରେ ଏଗୁଡ଼ିକୁ ଟାର୍ଗେଟ୍ କରାଯାଇ ଧ୍ୱଂସ କରି ଦିଆଯାଇଥିଲା । କ୍ଷେପଣାସ୍ତ୍ର ପ୍ରଣାଳୀ ଏବଂ ଡ୍ରୋନ ଚିହ୍ନଟ ଓ ଧ୍ୱଂସ ପ୍ରଣାଳୀ, ଅସ୍ତ୍ର ପ୍ରଣାଳୀର କମାଣ୍ଡ ଏବଂ ନିୟନ୍ତ୍ରଣ ସମେତ ଯୋଗାଯୋଗ ଓ ରାଡାର ଆଦିକୁ ନେଇ ସମ୍ପୂର୍ଣ୍ଣ ଅସ୍ତ୍ର ପ୍ରଣାଳୀ ଉପକରଣ ତ୍ରୁଟିଶୂନ୍ୟ ପ୍ରଦର୍ଶନ କରିଥିଲା । ଫ୍ଲାଇଟ୍ ତଥ୍ୟ ନିରୀକ୍ଷଣ ଲାଗି ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟି ଦ୍ୱାରା ନିୟୋଜିତ କରାଯାଇଥିବା ରେଞ୍ଜ ଉପକରଣଗୁଡ଼ିକ ଅସ୍ତ୍ର ପ୍ରଣାଳୀର ସଠିକ୍ ପ୍ରଦର୍ଶନକୁ ପ୍ରମାଣିତ କରିଥିଲା । ଡିଆରଡିଓର ବରିଷ୍ଠ ବୈଜ୍ଞାନିକ ଏବଂ ସେନାବାହିନୀର ପ୍ରତିନିଧିମାନେ ଏହି ପରୀକ୍ଷଣ ସମୟରେ ଉପସ୍ଥିତ ରହିଥିଲେ । ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଆଇଏଡିଡବ୍ଲୁଏସର ସଫଳ ବିକାଶ ପାଇଁ ଡିଆରଡିଓ, ସେନାବାହିନୀ ଏବଂ ଶିଳ୍ପ ଅଂଶୀଦାରମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଏହି ଅଭିନବ ଉଡ଼ାଣ-ପରୀକ୍ଷଣ ଦେଶର ବହୁସ୍ତରୀୟ ବାୟୁ-ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିଛି । ଏହା ଆକାଶମାର୍ଗରୁ ଆସୁଥିବା ଶତ୍ରୁ ପକ୍ଷର ଆକ୍ରମଣକୁ ନିରସ୍ତ କରିବାରେ ଦେଶର ପ୍ରତିରକ୍ଷା କ୍ଷମତାକୁ ମଜବୁତ କରିବ । ପ୍ରତିରକ୍ଷା ବିଭାଗ ଗବେଷଣା ଏବଂ ବିକାଶ ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସମୀର ଭି କାମତ ସଫଳ ଉଡ଼ାଣ-ପରୀକ୍ଷଣରେ ସାମିଲ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଛନ୍ତି ।

ଜର୍ମାନୀ ସହ ମିଶି ଭାରତ ନିର୍ମାଣ କରିବ ୬ଟି ବୁଡ଼ା ଜାହାଜ

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ଛଅ ମାସରୁ ଅଧିକ ସମୟ ପର୍ଯ୍ୟନ୍ତ ଅଟକି ରହିବା ପରେ, କେନ୍ଦ୍ର ସରକାର ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ମଜଗାଁ ଡକୟାର୍ଡ୍ସ ଲିମିଟେଡ୍ (ଏମଡିଏଲ)କୁ ପ୍ରୋଜେକ୍ଟ ୭୫ ଇଣ୍ଡିଆ ଅଧୀନରେ, ଛଅଟି ବୁଡ଼ା ଜାହାଜ ନିର୍ମାଣ ପାଇଁ ଜର୍ମାନୀର ସହଯୋଗୀଙ୍କ ସହ କଥାବାର୍ତ୍ତା ଆରମ୍ଭ କରିବାକୁ ଅନୁମୋଦନ ଦେଇଛି । ଏହି ବୁଡ଼ା ଜାହାଜ ଭାରତରେ ନିର୍ମିତ କରାଯିବ ଏବଂ ଏଥିରେ ଇଣ୍ଡିପେଣ୍ଡେଂଟ ପ୍ରୋପଲ୍ସନ (ଏଆଇପି) ସିଷ୍ଟମ ରହିବ । ଏହି ମହତ୍ୱାକାଂକ୍ଷୀ ବୁଡାଜାହାଜ ଡିଲ୍‌ର ଆନୁମାନିକ ମୂଲ୍ୟ ୭୦ ,୦୦୦ କୋଟି ଟଙ୍କା । ପ୍ରତିରକ୍ଷା ମନ୍ତ୍ରଣାଳୟ ଜାନୁଆରୀରେ ସରକାରୀ ମାଲିକାନାର ଏମଡିଏଲକୁ ଜର୍ମାନୀ କମ୍ପାନୀ ଥାୟସନକ୍ରୁପ ମାରିନ ସିଷ୍ଟମ୍ସ ସହ ପାର୍ଟନରସିପ୍‌ରେ ଏହି ଛଅ ବୁଡ଼ାଜାହାଜର ନିର୍ମାଣ ପାଇଁ ବଛାଯାଇ ଥିଲା । ପ୍ରତିରକ୍ଷା ଅଧିକାରୀମାନେ ଏଏନଆଇକୁ କହିଛନ୍ତି, କେନ୍ଦ୍ର ସରକାର ଏବେ ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଏମଡିଏଲକୁ ଏହି ପ୍ରକଳ୍ପ ପାଇଁ କଥାବାର୍ତ୍ତା ଆରମ୍ଭ କରିବାର ଅନୁମତି ଦେଇଛି ଏବଂ ଏହି ପ୍ରକ୍ରିୟା ଏହି ମାସର ଶେଷ ସୁଦ୍ଧା ଆରମ୍ଭ ହେବାର ଆଶା ରହିଛି । ଏହି ନିଷ୍ପତ୍ତି ଏକ ଉଚ୍ଚ ସ୍ତରୀୟ ବୈଠକ ପରେ ନିଆଯାଇଛି, ଯେଉଁଥିରେ ଶୀର୍ଷ ପ୍ରତିରକ୍ଷା ଓ ରାଷ୍ଟ୍ରୀୟ ସୁରକ୍ଷା ଅଧିକାରୀମାନେ ଦେଶର ବୁଡ଼ା ଜାହାଜ ବାହିନୀର ଭବିଷ୍ୟତର ରଣନୀତି ଓ ରୋଡମ୍ୟାପ୍ ଉପରେ ଆଲୋଚନା କରାଯାଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ଭାରତୀୟ ନୌସେନାକୁ ଆଶା ଯେ , ଆଗାମୀ ଛଅ ମାସରେ କଂଟ୍ରାକ୍ଟର କଥାବାର୍ତ୍ତା ସଂପୂର୍ଣ୍ଣ ହୋଇଯିବ ଏବଂ ଏଥିପାଇଁ ଅନ୍ତିମ ଅନୁମୋଦନ ମିଳିଯିବ । ଏହି କଂଟ୍ରାକ୍ଟ ମାଧ୍ୟମରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଲକ୍ଷ୍ୟ ଦେଶର ପାରମ୍ପରିକ ବୁଡ଼ା ଜାହାଜର ଡିଜାଇନ ଓ ନିର୍ମାଣରେ ସ୍ୱଦେଶୀ କ୍ଷମତା ବିକଶିତ କରିବାର ଅଛି ।

୬୮ତମ ରାଷ୍ଟ୍ରମଣ୍ଡଳ ସଂସଦୀୟ ସମ୍ମିଳନୀରେ ଭାରତର ନେତୃତ୍ୱ ନେବେ ଲୋକସଭା ବାଚସ୍ପତି ଓମ ବିରଳା

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ଅକ୍ଟୋବର ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ବ୍ରିଜଟାଉନ, ବାର୍ବୋଡସରେ ଅନୁଷ୍ଠିତ ହେବାକୁ ଥିବା ୬୮ତମ ରାଷ୍ଟ୍ରମଣ୍ଡଳ ସଂସଦୀୟ ସମ୍ମିଳନୀରେ ଲୋକସଭା ବାଚସ୍ପତି ଓମ ବିରଳା ଭାରତୀୟ ସଂସଦୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ । ଏହି ସମ୍ମାନଜନକ ଅନ୍ତର୍ଜାତୀୟ ସମ୍ମିଳନୀରେ ରାଜ୍ୟସଭା ଉପସଭାପତିଙ୍କ ସମେତ ଦେଶର ୨୯ ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କ ବିଧାନସଭା ପିଠାସୀନ ଅଧିକାରୀ ଓ ସଚିବ ମଧ୍ୟ ସାମିଲ ହେବେ । ଓମ ବିରଳା ସମ୍ମିଳନୀର ସାଧାରଣ ସଭା କୁ 'ରାଷ୍ଟ୍ରମଣ୍ଡଳ: ଗ୍ଲୋବାଲ ପାର୍ଟନର' ଶୀର୍ଷକ ଉପରେ ସମ୍ବୋଧିତ କରିବେ । ଏହା ଛଡା ଭାରତୀୟ ସଂସଦୀୟ ପ୍ରତିନିଧି

ମଣ୍ଡଳ ସଦସ୍ୟ ସମ୍ମିଳନୀ କାଳରେ ଅନୁଷ୍ଠିତ ହେବାକୁ ଥିବା ୭ଟି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିବେ । ଏହି ସମ୍ମିଳନୀର ବିଶେଷ ଆକର୍ଷଣ ରହିବ ଯୁଥ ରାଉଣ୍ଡ ଟେବୁଲ ସମ୍ମିଟ, ଯାହାର ଶୀର୍ଷକ ରହିବ 'ସୁରକ୍ଷିତ ଓ ସ୍ୱାଧୀନ ରହି ଉନ୍ନତି କରିବା: ଗ୍ୟାଙ୍ଗ ଭାୟୋଲାନ୍ସରୁ ଆରମ୍ଭ କରି ସାଇବର ବୁଲିଂ ପର୍ଯ୍ୟନ୍ତ ଆଧୁନିକ ଆହ୍ୱାନ ଉପରେ ବିଜୟ ପାଇଁ ଯୁବବର୍ଗଙ୍କୁ ସଶକ୍ତ କରିବା' । ଏହି ସମ୍ମିଳନୀ ପୂର୍ବରୁ ଲୋକସଭା ବାଚସ୍ପତି ରବିବାର ଏକ ଅନ୍ତର ମନ୍ତ୍ରାଳୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏଥିରେ ବରିଷ୍ଠ ଅଧିକାରୀମାନେ ଭାରତୀୟ ପ୍ରତିନିଧି ମଣ୍ଡଳଙ୍କୁ ବିଭିନ୍ନ କାର୍ଯ୍ୟକ୍ରମ ଓ ଅଧିବେଶନ ବିସ୍ତୃତ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଲୋକସଭା ବାଚସ୍ପତିଙ୍କ ନେତୃତ୍ୱରେ ଭାରତୀୟ ପ୍ରତିନିଧି ଦଳ ଅକ୍ଟୋବର ପ୍ରଥମ ସପ୍ତାହରେ ବାର୍ବୋଡସ ଯାତ୍ରାରେ ବାହାରିବେ ।

କୃଷି ବଜେଟ ଅର୍ଥ ଖର୍ଚ୍ଚରେ ଓଡ଼ିଶା ଦେଶରେ ନମ୍ବର ୧ : କନକ ବର୍ଦ୍ଧନ ସିଂଦେଓ

ଭୁବନେଶ୍ୱର, ୨୪/୦୮ (ଆ.ପ୍ର) : ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ୬୪ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ତଥା କୁଳପତି ଡକ୍ଟର୍ ହରିବାବୁ କମ୍ଭମପତି, ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବିଧାୟକ ବାବୁ ସିଂ ଓ ଓୟୁଏଟିର କୁଳପତି ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଉଦବୋଧନ ଦେଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଭାରତ ତଥା ଓଡ଼ିଶାକୁ ବିକଶିତ ରାଜ୍ୟରେ ପରିଣତ କରିବାକୁ କୃଷି ସଂକଳ୍ପ ଯାତ୍ରା ଆରମ୍ଭ କରାଯାଇଛି । ମିଶ୍ରିତ ଚାଷ ପାଇଁ ସରକାର ସବୁ ସୁବିଧା ଯୋଗାଇ ଦେଇଛନ୍ତି । କାମଧେନୁ ଯୋଜନାରେ ୭୦

ପ୍ରତିଶତ ସବସିଡ଼ି ଦେଇ ଚାଷୀମାନଙ୍କୁ ଦୁଇଟି ଗାଈ ଦିଆଯାଉଛି । ପୂର୍ବରୁ ଯୋଜନା ବାଟମାରଣା ହେଉଥିଲା । ନିର୍ଦ୍ଦିଷ୍ଟ ଚାଷୀଙ୍କ ହାତରେ ଯୋଜନା ବନ୍ଧା ପଡିଥିଲା । ଆଜି ସମସ୍ତଙ୍କୁ ଯୋଜନାର ଲାଭ ମିଳୁଛି । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନିଜର ଅଭିଭାଷଣରେ କହିଥିଲେ, ଚାଷୀ ଆତ୍ମହତ୍ୟାକୁ ନେଇ ବଦନାମ ଥିଲା କଳାହାଣ୍ଡି । ଏବେ ଓଡ଼ିଶାର ଭାତ ହାଣ୍ଡି କଳାହାଣ୍ଡି । ରାଜ୍ୟର ଆମ୍ବ ଏବେ ବିଦେଶକୁ ରପ୍ତାନି ହେଉଛି । କିଲୋଗ୍ରାମ ପିଛା ୨୦ ଟଙ୍କାରେ ଆମ୍ବ ଓଡ଼ିଶାରେ ବିକ୍ରି ହେଉଥିଲା । ଏବେ ୫୫ ଟଙ୍କା କେଜି ଅନୁସାରେ ୟୁ ଏ ଇ, ଦୁବାଇ, ଲଣ୍ଡନ ଓ ପ୍ୟାରିସକୁ ରପ୍ତାନି ହୋଇଛି । କୃଷି ବଜେଟ ଅର୍ଥ ଖର୍ଚ୍ଚରେ ଦେଶରେ ନମ୍ବର ୧ ଓଡ଼ିଶା । ଗତ ବର୍ଷ ୮୫ ପ୍ରତିଶତ ଖର୍ଚ୍ଚ ହୋଇଛି । ଚଳିତ ବର୍ଷ ୮୧ ପ୍ରତିଶତ ଖର୍ଚ୍ଚ ହୋଇ ସାରିଛି । ରାଜ୍ୟପାଳ ନିଜ ଅଭିଭାଷଣରେ କହିଥିଲେ, ଚାଷୀଙ୍କୁ ଦିଆଯାଉଛି ଟ୍ରେନିଂ, ହେଲେ କୃଷି ବିଜ୍ଞାନ କେନ୍ଦ୍ର ଟ୍ରେନିଂ ପାଇବା ପରେ କାର୍ଯ୍ୟରେ ଲଗାଇ ପାରୁ ନାହାନ୍ତି ଚାଷୀ ।

ଭାରତରେ ନିର୍ମାଣ ହେବ ଯୁଦ୍ଧ ବିମାନ ଇଞ୍ଜିନ : ରାଜନାଥ

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) :ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଘୋଷଣା କରିଛନ୍ତି ଯେ, ଭାରତ ପଂଚମ ପିଢ଼ିର ଲଢୁଆ ବିମାନ ପାଇଁ ଇଞ୍ଜିନ ନିର୍ମାଣ ପାଇଁ ଫରାସୀ କମ୍ପାନି ସାଫ୍ରାନ ସହିତ ମିଳିତ ହେବ । ଏହା ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପକୁ ପ୍ରୋତ୍ସାହିତ କରିବା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସେ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ନିବେଶ କରିବାକୁ ବିଦେଶୀ କମ୍ପାନିଗୁଡ଼ିକୁ ମଧ୍ୟ ଆମନ୍ତ୍ରଣ କରିଛନ୍ତି । ସେ କହିଛନ୍ତି ଯେ, ଏହା ଭାରତର ସ୍ୱଦେଶୀ ପ୍ରତିରକ୍ଷା ଏବଂ ମହାକାଶ କ୍ଷମତାକୁ ସୁଦୃଢ଼ କରିବା ପାଇଁ ଏକ ପ୍ରମୁଖ ପ୍ରୟାସ । ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି,ଆଜି, ଆମେ ପଂଚମ ପିଢ଼ିର ଲଢୁଆ ବିମାନ ନିର୍ମାଣ ଦିଗରେ ଆଉ ଏକ ପଦକ୍ଷେପ ନେଉଛୁ । ଆମେ ଏବେ ଫରାସୀ କମ୍ପାନି ସାଫ୍ରାନ ସହଯୋଗରେ ଭାରତରେ ସେମାନଙ୍କର ଇଞ୍ଜିନ ନିର୍ମାଣ କରିବା ଦିଗରେ ଅଗ୍ରସର ହେଉଛୁ । ରାଜନାଥ ସିଂହ ଭାରତର ବର୍ଦ୍ଧିତ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଅଂଶଗ୍ରହଣ କରିବାକୁ ବିଶ୍ୱସ୍ତରୀୟ କମ୍ପାନିଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି ଏବଂ ସେମାନଙ୍କୁ ସରକାରଙ୍କ ସମର୍ଥନର ପ୍ରତିଶ୍ରୁତି ଦେଇଛନ୍ତି । ସେ ବିଦେଶୀ କମ୍ପାନି ଏବଂ ନିବେଶକମାନଙ୍କୁ ଭାରତର ସକ୍ରିୟ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ନିବେଶ କରିବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ଆମେ ସମସ୍ତ ଆବଶ୍ୟକୀୟ ଅନୁମୋଦନ ପ୍ରଦାନ କରିବୁ ଏବଂ ସମର୍ଥନ ଦେବୁ । 'ମେକ୍ ଇନ୍ ଇଣ୍ଡିଆ' ପଛରେ ଥିବା ବ୍ୟାପକ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ରାଜନାଥ କହିଛନ୍ତି,ଆମର ମେକ୍ ଇନ୍ ଇଣ୍ଡିଆ ପ୍ରୟାସ କେବଳ ଭାରତରେ ସୀମିତ ନୁହେଁ । ଯେତେବେଳେ ଭାରତରେ କିଛି ନିର୍ମାଣ କରାଯାଏ, ତାହା ବିଶ୍ୱ ପାଇଁ ମଧ୍ୟ ନିର୍ମାଣ କରାଯାଇଥାଏ । ପ୍ରତିରକ୍ଷା ମନ୍ତ୍ରଣାଳୟ ଆଡଭାନ୍ସଡ୍ ମଧ୍ୟମ ଯୁଦ୍ଧ ବିମାନ କାର୍ଯ୍ୟକ୍ରମ ପାଇଁ କାର୍ଯ୍ୟାନ୍ୱୟନ ମଡେଲକୁ ଅନୁମୋଦନ କରିବାର କିଛି ମାସ ପରେ ଏହି ଘୋଷଣା କରାଯାଇଛି । ଗତ ଦଶନ୍ଧିରେ ପ୍ରତିରକ୍ଷା ରପ୍ତାନି ପ୍ରାୟ ୩୫ ଗୁଣା ବୃଦ୍ଧି ପାଇଛି ।

ସୁବର୍ଣ୍ଣରେଖାରେ ଚଳିତ ବର୍ଷ ଷଷ୍ଠ ବନ୍ୟା, ଭୋଗରାଇ ବ୍ଲକର ୭ ପଂଚାୟତ ପ୍ରଭାବିତ

ଭୋଗରାଇ, ୨୪/୦୮ (ଆ.ପ୍ର) : ଉପରମୁଣ୍ଡରେ ପ୍ରବଳ ବର୍ଷା ହୋଇଥିବାରୁ ଝାଡ଼ଖଣ୍ଡର ଗାଲୁଡିହି ବ୍ୟାରେଜରେ ଗେଟ୍ ଖୋଲାଯାଇଛି ଯାହାଫଳରେ ସୁବର୍ଣ୍ଣରେଖାରେ ଚଳିତ ବର୍ଷ ଷଷ୍ଠ ଥର ବନ୍ୟା ଦେଖାଦେଇଛି । ରାଜଘାଟଠାରେ ସୁବର୍ଣ୍ଣରେଖାର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହୋଇଛି । ସୁବର୍ଣ୍ଣରେଖାରେ ଚଳିତ ବର୍ଷ ପଂଚମ ବନ୍ୟାରେ ଭୋଗରାଇ ବ୍ଲକର କୁସ୍ତାରଗଡ଼ି, ଆଗ୍ରହାବୃତି-୧ , ଖଡିବପିପଳ, ନାଚିନ୍ଦା, ଗବଗାଁ, କୁଶୁଡ଼ା, ପୁଟିଣା ପଂଚାୟତ ପ୍ରମୁଖ ବନ୍ୟାଜଳ ପଶିବା ଫଳରେ ଗାଁ ଗୁଡିକ ପ୍ରଭାବିତ ହୋଇଛି ।ଅପରପକ୍ଷରେ ଭୋଗରାଇ ବ୍ଲକର ବିଭିନ୍ନ ପଂଚାୟତର ବିଭିନ୍ନ ଗାଁ ବନ୍ୟା ପ୍ଲାବିତ ହୋଇଥିବାରୁ ଜୀବନଜୀବିକା ଦୁର୍ବିସହ ହୋଇ ପଡ଼ିଛି । ଗୋଟିଏ ଗାଁ ରୁ ଅନ୍ୟ ଗାଁ ବିଚ୍ଛିନ୍ନ ହୋଇଥିବାବେଳେ ଗ୍ରାମ ରାସ୍ତା ଗୁଡିକରେ ୩ ରୁ ୪ ଫୁଟର ପାଣି ସ୍ରୋତ ଛୁଟୁଛି । ବନ୍ୟାରେ କଚ୍ଚା ଘରେ ପାଣି ପଶିଯିବାରୁ ଲୋକେ ଅନ୍ୟ ଉଚ୍ଚ ପକ୍କା ଘରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି । ବିଶେଷ କରି ଭୋଗରାଇ ବ୍ଲକର କୁସ୍ତାରଗଡ଼ି ପଂଚାୟତର ବାଉଁଶଖଣ୍ଡା, କୁହ୍ଲା, ପତ୍ତାଇ, ଖଜାବାଡିଆ,

କୁସ୍ତାରଗଡ଼ି, ଖଡିବପିପଳ ପଂଚାୟତର ହରିଣକୁଲି, ମିଆଁପାଟଣା,ନୂଆସାହି, ନୟାପାଲି, ଖଡିବପିପଳ, ଆଗ୍ରହାବୃତି-୧ ପଂଚାୟତର ମଜୁନଗର, ନଥିପୁର, ବାଉଟିଆ, ସଚିଷାଗଞ୍ଜ, ଆଗ୍ରହାବୃତି -୧ , ଗବଗାଁ ପଂଚାୟତର ନୀଳପୁରା, ଚିରକୁଲା, ଗବଗାଁ, ପୁରୁଷୋତ୍ତମପୁର, ରାମଦେଇଚକ, ବଧିଆ, ଦୁବାଡିଆ, କୃଷ୍ଣପୁର, ନାଚିନ୍ଦା ପଂଚାୟତର ଖଡିବିଚକ, ରଘୁଚକ, ନିଶ୍ଚିନ୍ତଡିହା, ଡେଙ୍ଗଁର, କୁଶୁଡ଼ା ପଂଚାୟତର କୁଶୁଡ଼ା, ଗୁଜିଡିହା ପ୍ରମୁଖ ଗାଁ ବନ୍ୟାରେ ଅଧିକ ପ୍ରଭାବିତ ହୋଇଅଛି । ଆଜି ଭୋଗରାଇ ବ୍ଲକ ପ୍ରଶାସନ ପକ୍ଷରୁ ନଦୀ କୂଳିଆ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରିତ ହେବା ପାଇଁ ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ସଚେତନତା କରାଯାଇଛି । ୧ ଟି ଓଡ୍ରାଫ ଟିମ୍, ଅଗ୍ନିଶମ ବାହିନୀ ସହିତ ୫ ଟି ଏସଆରସି ଡଙ୍ଗା ପ୍ରସ୍ତୁତ କରି ରଖାଯାଇଥିବା ବିଡ଼ିଓ ପ୍ରଶାନ୍ତ ମହାରଣା ସୂଚନା ଦେଇଛନ୍ତି । ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ କୁସ୍ତାରଗଡି, ଆଗ୍ରହାବୃତି ପଂଚାୟତର ବିଭିନ୍ନ ଗ୍ରାମକୁ ଯାଇ ବିପନ୍ନଙ୍କ ସମସ୍ୟା ବୁଝିବା ସହିତ ଭୋଗରାଇ ଲକ୍ କାର୍ଯ୍ୟାଳୟରେ ଜଳସେଚନ ବିଭାଗର ଅଧିକାରୀ ମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିବା ନେଇ ସୂଚନା ଦେଇଛନ୍ତି

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ବାଣପୁର ବରିଷ୍ଠ ନାଗରିକ ସଙ୍ଘ ବାର୍ଷିକ ଉତ୍ସବକୁ ଉଦଘାଟନ କଲେ ରାଜ୍ୟ ଆଇନ ମନ୍ତ୍ରୀ

ଚିଲିକା/ବାଣପୁର, ୨୪/୦୮ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ବରିଷ୍ଠ ନାଗରିକ ସଙ୍ଘ ତରଫରୁ ବାଣପୁର ସରକାରୀ ହାଇ ସ୍କୁଲ ଦ୍ୱିତୀୟ ସଭା ଗୃହରେ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ବାଣପୁର ବରିଷ୍ଠ ନାଗରିକ ସଙ୍ଘର ପ୍ରଥମ ବାର୍ଷିକ ଉତ୍ସବ ଉଦଘାଟିତ ହୋଇଯାଇଛି । ପ୍ରଥମେ ମାନ୍ୟବର ମନ୍ତ୍ରୀ ମହୋଦୟଙ୍କୁ ସଂଘର ସଭାପତି ଡ଼ଃ. ଚିନ୍ତାମଣୀ ମିଶ୍ର, ଉପସଭାପତି ଗୋଲକ ବିହାରୀ ପରିଡା,ସଦସ୍ୟ ନନ୍ଦକିଶୋର ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସଭା ସ୍ଥଳକୁ ପାଛୋଟି ଆଣିଥିଲେ । ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପୁଷ୍ପମାଲ୍ୟ ପ୍ରଦାନ କରି ଓ ପ୍ରଦୀପ ପ୍ରଜ୍ୱଳନ କରି ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବରିଷ୍ଠ ନାଗରିକ ସଙ୍ଘର ବାର୍ଷିକ ଉତ୍ସବକୁ ଉଦଘାଟନ କରିଥିଲେ । ଉକ୍ତ ଉତ୍ସବରେ ଡ଼ଃ. ଚିନ୍ତାମଣି ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନୀତ ଅତିଥି ଭାବେ ବାଣପୁର ପଚାୟତ ସମିତି ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଲଳିତ ମୋହନ ପଟ୍ଟନାୟକ, ମାନବେନ୍ଦ୍ର ମହାରଥୀ ବଳବେହେରା, ଉପଦେଷ୍ଟା ପ୍ରଫେସର ନଳିନୀକାନ୍ତ ପଟନାୟକ, ରାଜ୍ୟ ବରିଷ୍ଠ ନାଗରିକ ମହାସଙ୍ଘ ସାଧାରଣ ସମ୍ପାଦକ ଯୋଗ ଦେଇଥିଲେ । ସଙ୍ଘ ତରଫରୁ ସମସ୍ତ ମାନ୍ୟ ଗଣ ଅତିଥି ବୃନ୍ଦଙ୍କୁ ଉତରୀୟ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ

କରାଯାଇଥିଲା । ସଙ୍ଘର ଉପସଭାପତି ତଥା ପରିଡା ପାଠାଗାରର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବାବେଳେ ସହ ସମ୍ପାଦକ ବିଭୁତି ଭୂଷଣ ନନ୍ଦ ବାର୍ଷିକ ବିବରଣୀ ପାଠ କରିଥିଲେ । ସବୁବର୍ଗରୁ ଆସିଥିବା ଶହେ ବାଇସିରୁ ଉର୍ଦ୍ଧ୍ୱ ସଂଘର ସଭ୍ୟ ଓ ସ୍ଥାନୀୟ ବହୁ ବୁଦ୍ଧିଜୀବୀ ମହିଳାଙ୍କୁ ନେଇ ଉକ୍ତପୂର ସମାବେଶରେ ମାନ୍ୟବର ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବାଣପୁର ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ସହିତ ବିକାଶର କଥା କହିଥିଲେ । ବରିଷ୍ଠ ନାଗରିକ,ଏ ଦେଶ ଓ ଜାତିର କର୍ଣ୍ଣଧାର, ସେମାନଙ୍କ ବଳିଷ୍ଠ ଉପଦେଶ ଓ ଦିଗଦର୍ଶନ ଆମ ସମାଜକୁ ଅଧିକ ଉନ୍ନତ କରିଥାଏ । ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ସମ୍ମାନ ଆମ ସମସ୍ତଙ୍କ ଦାୟିତ୍ୱ ଅଟେ । ସମାଜ ଗଠନରେ ସେମାନଙ୍କର ଅବଦାନ ସର୍ବଦା ସ୍ମରଣୀୟ । ସେମାନଙ୍କ ସମ୍ମାନ, ସୁରକ୍ଷା ଏବଂ ସୁସ୍ଥତା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା । ସୁନାଖଳା ଠାରୁ ବଡହନ୍ତୁଆଡ଼ ପର୍ଯ୍ୟନ୍ତ ଓ ବଡହନ୍ତୁଆଡ଼ ଠାରୁ ମାଭଗବତୀଙ୍କ ମନ୍ଦିରକୁ ବାଇପାସ ଓସାରିଆ ରାସ୍ତା ସହ ମା ଭଗବତୀ ମନ୍ଦିରରେ ସ୍ଥାୟୀ ଯଜ୍ଞ ସ୍ଥଳୀ ନିର୍ମାଣ ସହ ମାନ ଅଂଚଳକୁ ସିଂହାସନି ମନ୍ଦିରର ବିକାଶ ସହ ଓସାରିଆ ପ୍ରଶସ୍ତ ରାସ୍ତା ଖୁବ ଶୀଘ୍ର କରାଯିବ ବୋଲି କହିଥିଲେ । ବାଣପୁର ଐତିହାସିକ ପଲଟନ ପଡିଆର ପ୍ରାଚୀର ସହ ଚାରିପଟେ ଗେଟ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲାଭଳି ସାଜସଜା କରାଯିବ ବୋଲି କହିଥିଲେ । ଏହାସହ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଯୋଗାଇବା ନିମନ୍ତେ ପ୍ରକାଶ କରିଥିଲେ । ଭଗବତୀ କଳାନିକେତନ ସମ୍ପାଦିକା ବିଷ୍ଣୁପ୍ରିୟା ବାରିକଙ୍କ ତତ୍ତ୍ୱାବଧାନରେ ଆବାହନ ଓ ଉଦଯାପନୀ ସଂଗୀତ ପରିବେଷଣ କରାଯାଇଥିଲା । ଏହି ଅଂଚଳରେ କୃଷି, ସଂଗୀତ, ସାମାଜସେବା, ସ୍ୱଚ୍ଛତା ଓ ପରିମଳ ଭଳି ଅନ୍ୟାନ୍ୟ କ୍ଷେତ୍ରରେ ବହୁମୂଲ୍ୟ ଅବଦାନ ନିମନ୍ତେ ବିଷ୍ଣୁପ୍ରିୟା ବାରିକ, ସନ୍ଧ୍ୟା ଦେବୀ,ରବୀନ୍ଦ୍ର କୁମାର ସାମନ୍ତ ରାୟ ପ୍ରମୁଖ ୧୨ ଜଣଙ୍କୁ ଉତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଇନଜୀବି ରବୀନ୍ଦ୍ରନାଥ ମାନସିଂହ, କୋଷାଧକ୍ଷ ଶିବରାମ ସୁବୁଦ୍ଧି, ଦେବବ୍ରତ ବଡ଼ଜେନା, କୈଳାଶ ଚନ୍ଦ୍ର ଲାଠି, ବାଳମୁକୁନ୍ଦ ଦାସ, ଭଗବାନ ପ୍ରଧାନ, ଲକ୍ଷ୍ମୀ ଚରଣ ପ୍ରଧାନ ପ୍ରମୁଖଙ୍କ ପରିଚାଳନାରେ ଉକ୍ତ ଉତ୍ସବ ସରସ ସୁନ୍ଦର ହୋଇପାରିଥିଲା । ସମସ୍ତ ସଫଳତା ପାଇଁ କ୍ୟାପଟେନ ଭାବାନୀ ପ୍ରସାଦ ହୋତା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଓ ସଚେତନତା ଶିବିର ଅନୁଷ୍ଠିତ

ଚିଲିକା/ବାଣପୁର, ୨୪/୦୮ (ଆ.ପ୍ର) : ଚିଲିକା-ବାଲୁଗାଁ ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ରୋଟାରିଆନ ଡ଼ଃ ସୁରେନ୍ଦ୍ର ଦାସଙ୍କ ଦ୍ୱାରା ଆୟୋଜିତ ବାଣପୁର ଗମ୍ଭାରୀମୁଣ୍ଡା ସ୍ଥିତ ପତିତପାବନ କଲ୍ୟାଣ ମଣ୍ଡପ ପରିସରରେ ବ୍ରହ୍ମପୁର ରୁଚି ଚକ୍ଷୁ ଚିକିତ୍ସାଳୟ ଓ ଲାସିକ ସେଂଟର୍ ଡାକ୍ତର ମାନଙ୍କ ଦ୍ୱାରା ମାଗଣା ଚକ୍ଷୁ ପରାମର୍ଶ ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କ୍ଲବ୍‌ର ସଭାପତି ଗଜେନ୍ଦ୍ର ସେଠିଙ୍କ ସହିତ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ରୋଗୀ ମାନଙ୍କୁ ଶୃଙ୍ଖଳିତ ଚିକିତ୍ସା ଯୋଗାଇ ଦେଇଥିଲେ । ରୋଟାରୀ କ୍ଲବ ସଭାପତି ରୋଟାରିଆନ ଗଜେନ୍ଦ୍ର ସେଠି ଓ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିକିତ୍ସକ ରୋଟାରୀଆନ ଡାକ୍ତର ସୁରେନ୍ଦ୍ରନାଥ ଦାସଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବାତବ୍ୟ ଚିକିତ୍ସା ଶିବିରରେ ବ୍ରହ୍ମପୁରସ୍ଥିତ ରୁଚି ଚକ୍ଷୁ ଚିକିତ୍ସାଳୟର ଡାକ୍ତର ସାକ୍ଷୀ ନଇଟିଆଲ, ଡାକ୍ତର ପ୍ରତିମା ଗୌଡ଼,ଡାକ୍ତର ସୁଜିତ୍ କୁମାର ଦାଶ ଓ ସହକର୍ମୀବୃନ୍ଦ ଚିକିତ୍ସାରେ ସହୟତା କରିଥିଲେ । ଏଥିରେ ବାଣପୁର ଓ ଗମ୍ଭାରୀମୁଣ୍ଡା ଅଂଚଳର ପଚାଶରୁ ଉର୍ଦ୍ଧ୍ୱ ରୋଗୀଙ୍କର ଚକ୍ଷୁ ଚିକିତ୍ସା କରାଯାଇଥିଲା । ଚିଲିକା- ବାଲୁଗାଁ ରୋଟାରୀ କ୍ଲବର ସମ୍ପାଦକ ରୋଟେରିଆନ ଯଦୁମଣୀ ତରାଇ, ପୂର୍ବତନ ସଭାପତି ସତ୍ୟେନ୍ଦ୍ର ସ୍ୱାଇଁ, ଜାନକୀବଲ୍ଲଭ ପଟ୍ଟନାୟକ, ଡ଼କ୍ଟର କୈଳାସ ଚନ୍ଦ୍ର ମହାରଣା, ଭାଗିରଥୀ ସ୍ୱାଇଁ, ସୁକାନ୍ତ ବିଶ୍ୱାଳ ଉପସ୍ଥିତି ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ନବାଗତ ରୋଟାରିଆନ ସୁରେଶ ମହାପାତ୍ର, ଦ୍ୱାରିକାନାଥ ନନ୍ଦ, ପୀୟୁଷ ପ୍ରସାଦ ହରିଚନ୍ଦନ, ଭାଗିରଥୀ ସ୍ୱାଇଁ, କେଳୁଚରଣ ଖୁଂଟିଆ ପ୍ରମୁଖ ରୋଗୀମାନଙ୍କୁ ସ୍ୱାଗତ କରିବା ସହିତ ସହାୟତା ପ୍ରଦାନ କରିଥିଲେ ।

ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ରମେଶ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହ କ୍ରିୟା ଓ ସ୍ମୃତିଚାରଣ ସଭା

ଧାମନଗର, ୨୪/୦୮ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଂଚାୟତ ଅଧିନ ବନ୍ଧଟିଆ ଗ୍ରାମର ବିଶିଷ୍ଟ ଶିକ୍ଷାବିତ ଓ ସମାଜସେବୀ ସ୍ୱର୍ଗତ ରମେଶ ଚନ୍ଦ୍ର ପଣ୍ଡାଙ୍କ ଦ୍ୱାଦଶାହ କ୍ରିୟାରେ ସ୍ମୃତିଚାରଣ ସଭା ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି । କବି ଅର୍ଜୁନ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିଚାରଣ ସଭାକୁ ଅବସରପ୍ରାପ୍ତ ଶିକ୍ଷକ ରାମରାହ୍ମ ସାହୁ ସଂଚାଳନ କରିଥିଲେ । ସ୍ୱର୍ଗତ ପଣ୍ଡା ଅବସର ପରଠାରୁ ଗାଁରେ ରହି ସମାଜସେବା କରିବା ସହିତ ଆଂଚଳିକ ପୂଜ୍ୟପୂଜାରେ ସକ୍ରିୟ ସଦସ୍ୟ ଭାବରେ ରହି ଗାଁରେ ମଠ ମନ୍ଦିରର ଯତ୍ନ ନେବାରେ ତାଙ୍କର ସମୟ କାଟୁଥିଲେ ବୋଲି ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ ।ଶ୍ରୀ ପଣ୍ଡା ୧୯୬୦ ମସିହାରେ ରଇପୁର ପଂଚାୟତ କଂଟିକା ପ୍ରାଥମିକ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି

ଶୋଳଗାଁ, ବନସର, ମାଙ୍କିଡିଆ, ଚୁଡାକୁଟି ଓ ଶେଷରେ ଜଇନଗର ପ୍ରାଥମିକ ବିଦ୍ୟାଳୟରୁ ଇଚ୍ଛାକୃତ ଅବସର ଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା । କିଛି ମାସ ହେଲା ଅସୁସ୍ଥ ହୋଇ ପଡ଼ିଥିଲେ । ଗତ ୧୩ ତାରିଖ ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା । ଆଜିର କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟା ତଥା ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ ଭଦ୍ରକ,ସରପଂଚ ପ୍ରିତମ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଏବିଇଓ ଶିକ୍ଷକ ହେମେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ନାଥ ଭୋଇ, କୈଳାସ ବେହେରା, ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଖୁଂଟିଆ, କବି ଦୟାନିଧି ମିଶ୍ର, ଅଧ୍ୟାପକ ରବିନ୍ଦ୍ର ପାଣିଗ୍ରାହୀ, ଲୋକେଶ ଚନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ପାଢ଼ୀ, ଦାମୋଦର ସାହୁ, ମହେଶ୍ୱର ସ୍ୱାଇଁ, ଅଭିମନ୍ୟୁ ମଲ୍ଲିକ, ନରେନ୍ଦ୍ର ମଲ୍ଲିକ,ଭାସ୍କର ଚନ୍ଦ୍ର ସାହୁ, ଗୁରୁଶ୍ରୀ ସୁବାଷ ଚନ୍ଦ୍ର ମଲ୍ଲିକ,ବରିଷ୍ଠ ସମିତି ସଭ୍ୟ ବିଦ୍ୟାଧର ରାଉତ, ପୂର୍ବତନ ସମିତି ସଭ୍ୟ ରଞ୍ଜିତ ଜେନା, ପୁତ୍ରବଧୂ ତୃପ୍ତିମୟୀ ପଣ୍ଡା ଓ ନାତି ବିଶ୍ୱରଂଜନ ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିରେ ପଣ୍ଡା ପରିବାରର ସମସ୍ତ ସଦସ୍ୟ, ବନ୍ଧୁ ବାନ୍ଧବ, ଶୁଭେଚ୍ଛୁ ଓ ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ପୁଅ ପ୍ରଭାତ ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଜାତୀୟ ରାଜପଥ ନଂ ୧୬ ରୁ ଗୋଡ଼େଇ ଗୋଡ଼େଇ ଗୋରୁ ବୋଝେଇ ଗାଡ଼ିକୁ ଧରିଲେ ବାଣପୁରରେ

ଚିଲିକା/ବାଣପୁର, ୨୪/୦୮ (ଆ.ପ୍ର) : ରାଜରାସ୍ତାରେ ପ୍ରାୟତଃ ଗୋରୁ ବୋଝେଇ ଗାଡ଼ିକୁ ଦେଖିବାକୁ ମିଳୁଛି ବିଳମ୍ବିତ ରାତିରେ । ସେହିଭଳି ଗତ ରାତ୍ରୀ ତିନିଟା ରୁ ଚାରିଟା ମଧ୍ୟରେ ଗୋଟିଏ ମହିନ୍ଦ୍ରା ପିକ୍ ଅପ୍ କଂଟେନର ମାଧ୍ୟମରେ ଗୋରୁ ବୋଝେଇ ଗାଡ଼ିକୁ ରଣପୁରରୁ ପିଛାକରି ବଜରଙ୍ଗ ଦଳର ସଦସ୍ୟ ମାନେ ବାଲୁଗାଁ ୧୬ ନମ୍ବର ଜାତୀୟ ରାଜପଥ ବାଇପାସ୍ ନିକଟରେ ଅଟକାଇବାକୁ ଚେଷ୍ଟାକରିବା ସମୟରେ ଉକ୍ତ ଗୋରୁ ବୋଝେଇ ଗାଡ଼ି ନଂ ୨୫ଗ୧୧୩୮ ଇଉ ଟର୍ଣ୍ଣ ମାରି ପୁଣି ସୁନାଖଳା ଓ ଗମ୍ଭାରୀ ମୁଣ୍ଡା ଦେଇ ବାଣପୁର ବଡହନ୍ତୁଆଡ ମୁସଲିମ ସାହି ମଧ୍ୟରେ ଗାଡ଼ିକୁ ରଖିଦେଇ ଡ୍ରାଇଭର କେଉଁଆଡେ ଚମ୍ପଟ ମାରିଦେଲା । ଗୋରୁ ବୋଝେଇ ଗାଡ଼ିକୁ ପିଛା କରୁଥିବା ବଜରଙ୍ଗ ଦଳର ଗୋସେବକ ମାନେ ସେଠାରେ ପହଂଚି ବାଣପୁର ପୋଲିସକୁ ଖବରଦେଇଥିଲେ । ପୋଲିସ୍ ହେପାଜତରେ ଗୋରୁ ବୋଝେଇ ଗାଡ଼ିକୁ ଏକ ଟ୍ରାକ୍ଟର ସାହାଯ୍ୟରେ ଟାଣି ନେଇ ସୋଲରୀ ଠାରେ ଥିବା ଏକ ଗୋଶାଳା ରେ ଗୋରୁ ଗାଈମାନଙ୍କୁ ଗାଡିରୁ ଖୋଲି ସେମାନଙ୍କୁ ଚିକିତ୍ସା କରୁଥିବାର ଖବର ମିଳିଛି । ଗୋରୁ ଗାଈମାନଙ୍କୁ ଅତି ଦୟନୀୟ ଅବସ୍ଥାରେ ଲଦି ଯେପରି ଭାବରେ ଗୋ ଚାଲାଣ ଦିନକୁ ଦିନ ବୃଦ୍ଧି ପାଉଛି ଏହା ଅତି ଅମାନୁଷିକତାକୁ ପ୍ରଶୟ ଦେଉଛି । ତେଣୁ ସରକାର ଏଥି ପ୍ରତି ଧ୍ୟାନଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି ।

ଆଉ କେଇଟା ଦିନ ପରେ ଗଣେଶ ପୂଜା,ବିଘ୍ନରାଜଙ୍କ ମୂର୍ତି ତିଆରିରେ ବ୍ୟସ୍ତ କାରିଗର

ଧାମନଗର, ୨୪/୦୮ (ଆ.ପ୍ର) : ଆଉ କେଇଟା ଦିନ ପରେ ଗଣେଶ ପୂଜା । ଆଦ୍ୟାପୂଜ୍ୟଙ୍କ ଆରାଧନାରୁ ଆରମ୍ଭ ହେବ ପାର୍ବଣ ଋତୁ । ଏଥିପାଇଁ ଚଳଚଂଚଳ ହୋଇଉଠିଛି ଧାମନଗର ଏନଏସି ଅନ୍ତର୍ଗତ ଶାମପୁର ଗ୍ରାମର ସୂର୍ଯ୍ୟମଣି ବାରିକ ପରିବାର ଏବେ ସାନ ପୁଅ ଶରତ ବାରିକ ଧାମନଗର ଜଳସେଚନ ଡାକବଙ୍ଗା ସମ୍ମୁଖରେ ମୂର୍ତି ତିଆରି କରୁଛନ୍ତି । ସେହିପରି ବ୍ଲକ ଅନ୍ତର୍ଗତ ନଦୀଗାଁ ପଂଚାୟତ ଭଆସ ସାହିର ମହାପାତ୍ର ପରିବାର । ଏମାନେ ଦୀର୍ଘ ୪୦ ବର୍ଷରୁ ଅଧିକ ହେବ ଏହି ଶିଳ୍ପୀ ପରିବାର ଗଣେଶ ଓ ସରସ୍ୱତୀ ପୂଜା ସମୟରେ ଶହଶହ ମୃଣ୍ମୟ ମୂର୍ତି ନିର୍ମାଣ ସହ ବଜାରରେ ବିକ୍ରି କରି ପରିବାର ଗୁଜୁରାଣ ମେଂଟାଉଛନ୍ତି । ପୂଜାର ଆଗମନରେ ପୁରୁଷାନୁକ୍ରମେ ଭଳିକି ଭଳି ମୂର୍ତି ତିଆରିରେ ଲାଗିପଡିଛନ୍ତି ଏହି ପରିବାରର ଲୋକେ । ମାଟି, ପାଣି, କୁଣ୍ଡା, କପଡା, ପାଳ ଆଦି ଜିନିଷର ମିଶ୍ରଣରେ ଏମାନେ ତିଆରି କରୁଛନ୍ତି ସୁନ୍ଦର ସୁନ୍ଦର ଗଣେଶ ମୂର୍ତି । ଆକର୍ଷଣୀୟ ଢଙ୍ଗରେ ରଙ୍ଗାୟିତ ମୂଷା ପିଠିରେ ବସିବା, ମୁଣ୍ଡରେ ପଗଡି

ଭିଡିଥିବା ଗଣେଶ ସାଙ୍ଗକୁ ଶିବଲିଙ୍ଗକୁ ଧରିଥିବା ଗଣେଶଙ୍କ ମୂର୍ତି ତିଆରି କରୁଛନ୍ତି ଏହି କାରିଗର । ଆକର୍ଷଣୀୟ ମୂର୍ତି ପାଇଁ ବିଭିନ୍ନ ବଡ଼ ବଡ଼ ଅନୁଷ୍ଠାନରୁ କାରିଗରଙ୍କ ପାଖକୁ ବରନା ମଧ୍ୟ ଆସିଛି ।ଏମାନଙ୍କ ମଧ୍ୟରୁ କିଏ ମୂର୍ତି ଗଢୁଛନ୍ତି ତ କିଏ ମାଟି ଚକଟିବାରେ ଲାଗିପଡିଛନ୍ତି । ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଭଳିକି ଭଳି ମୂର୍ତି ତିଆରି କରୁଛନ୍ତି କାରିଗର । ତିଆରି ଚାଲିଛି ଏକ ଫୁଟ ଠାରୁ ୧୦ ଫୁଟ ପର୍ଯ୍ୟନ୍ତ ଉଚ୍ଚତାର ଗଜାନନଙ୍କ ମୃଣ୍ମୟ ମୂର୍ତି । ଏଠାରେ ନିର୍ମାଣ ହେଉଥିବା ମୂର୍ତିର ଚାହିଦା ବହୁତ ଅଧିକ ରହିଥାଏ । ଗ୍ରାମାଂଚଳ ପାରୁ ଆରମ୍ଭ କରି ସହରାଂଚଳର ଅନେକ ଲୋକ ଏଠାକୁ ଆସି ମୂର୍ତି କିଣିନେଉଥାନ୍ତି । ବେପାରୀ ମାନେ ଏମାନଙ୍କ ଠାରୁ ମୂର୍ତି କିଣି ନେଇ ଧାମନଗର, ଦୋଳକ, ଧୂସୁରୀ, ଆରଡ଼ି,ଅସୁରାଳି ଓ ଭଦ୍ରକ ଏବଂ ଭଣ୍ଡାରିପୋଖରୀ ଇତ୍ୟାଦି ବଜାରରେ ବିକ୍ରି କରନ୍ତି । ଚଳିତ ବର୍ଷ ପୂଜାରେ କାରିଗରଙ୍କ ହାତ ତିଆରି ସୁନ୍ଦର ମୂର୍ତି ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ନିଶ୍ଚୟ । ଆସନ୍ତା ଅଗଷ୍ଟ ୨୭ ତାରିଖ ଗଣେଶ ଚତୁର୍ଥୀ । ଏହିଦିନ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କରେ ବିଘ୍ନ ନାଶକ ଗଜାନନଙ୍କ ପୂଜା ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

ଜିଲ୍ଲା ସ୍ୱଚ୍ଛ ସଂଚୟ ଅଭିକର୍ତା ସଂଘର ବାର୍ଷିକ ଉତ୍ସବ

ଭଦ୍ରକ, ୨୪/୦୮ (ଆ.ପ୍ର) : ଆଜି ରବିବାର ଦିବା ୧୧ଘଟିକା ରେ ଭଦ୍ରକ ସହରର ଭାଗବତ କଲ୍ୟାଣ ମଣ୍ଡପ ଠାରେ ଭଦ୍ରକ ଜିଲ୍ଲା ସ୍ୱଚ୍ଛ ସଂଚୟ ଅଭିକର୍ତା ସଂଘ ଦ୍ୱାରା ଆୟୋଜିତ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍ୱଚ୍ଛ ସଂଚୟ ଅଭିକର୍ତା ସଂଘର ସଭାପତି କଳ୍ପତରୁ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭା ରେ ମୁଖ୍ୟ ଅତିଥି ଭାବେ ସାଂସଦ ଅଭିମନ୍ୟୁ ସେଠି, ସମ୍ମାନିତ ଅତିଥି ଭାବେ ବିଧାୟକ ସଂଜୀବ କୁମାର ମଲ୍ଲିକ, ବିଧାୟକ ଅଶୋକ କୁମାର ଦାସ, ରାଜ୍ୟ ସ୍ୱଚ୍ଛ ସଂଚୟ ଅଭିକର୍ତା ସଂଘର ଉପସଭାପତି ସଂଜୀବ ଦାସ, ଉପସଭାପତି ଶ୍ରଦ୍ଧାଞ୍ଜଳି ରାୟ,ରଜତ ପରିଡା, ରାଜ୍ୟ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, ଜିଲ୍ଲା ସମ୍ପାଦକ ଏମଡି. ଅଲ୍ଲୀ ଏକତର, ଡାକ ଅଧିକ୍ଷକ ବିଜୟ କୁମାର ମହାନ୍ତି, ଜିଲ୍ଲା ସ୍ୱଚ୍ଛ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ଉପଦେଷ୍ଟା ପ୍ରଦ୍ୟୁମ୍ନ କୁମାର ରାୟ ପ୍ରମୁଖ ଯୋଗଦେଇ ଥିଲେ । ଏଜେଂଟ ମାନଙ୍କ ର ବିଭିନ୍ନ ସମସ୍ୟା ଓ ମିଳୁଥିବା କମିସନ

ବୃଦ୍ଧି କରିବା ଉପରେ ସାଂସଦ ଶ୍ରୀ ସେଠି ସଂସଦ ରେ ପ୍ରଶ୍ନ ଉଠାଇବେ ବୋଲି କହିଥିଲେ । ସେହିପରି ଫିକ୍ସ ଡିପୋଜିଟ ମାନଙ୍କରେ ଲଟେରୀ ଉଠାଣ ବନ୍ଦ ହୋଇଯାଇଥିବାରୁ ପୋଷ୍ଟାଲରେ ଗ୍ରାହକ ମାନଙ୍କର ଟଙ୍କା ରଖିବାରେ ବେଶୀ ଆଗ୍ରହ ଦେଖାଯାଉନି ତେଣୁ ଗ୍ରାହକଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଉଥିବାର ପରିଲକ୍ଷିତ ହେଉଛି, ଏ ସମ୍ପର୍କରେ ଆଗାମି ବିଧାନସଭା ଅଧିବେଶନରେ ପ୍ରଶ୍ନ ଉଠାଇବାକୁ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ଓ ବାସୁଦେବପୁରର ବିଧାୟକ ଅଶୋକ କୁମାର ଦାସ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ରକାନ୍ତ ମହାପାତ୍ର, ମନ୍ଦାକିନୀ ମିଶ୍ର, ରବୀନ୍ଦ୍ର କୁମାର ଦାସ, ମନୋଜ କୁମାର ବାନାର୍ଜୀ, ସରୋଜ ମହାପାତ୍ର, ତପନ ଭଟାଚାର୍ଯ୍ୟ, ଦେବାଶିଷ ମହାନ୍ତି, ଦୀପକ ସାହୁ ପ୍ରମୁଖ ଯୋଗଦେଇଥିଲେ ।

ମାଟି ମଣ୍ଡପ ସାହି ଉତର କାଳୀ ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ

ପୁରୀ, ୨୪/୦୮ (ଆ.ପ୍ର) :ଜନ୍ମାଷ୍ଟମୀ ଠାରୁ କଂସ ବଧ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିରରେ ଚାଲିଥାଏ କୃଷ୍ଣ ଲୀଳା ପାରମ୍ପରିକ ମହୋତ୍ସବ । ବଳରାମ ବେଶରେ ବାସୁଦେବ

ପାଢି, ଶ୍ରୀକୃଷ୍ଣ ବେଶ ରେ ଶୌରଭ ମହାପାତ୍ର, ଦାବାଗ୍ନି ରାକ୍ଷସ ରୂପେ ଦୂର୍ଗାପ୍ରସାଦ ଦାସ ଭେଶ୍ ହେବା ସହିତ ଶ୍ରୀମନ୍ଦିରକୁ ଯାଇ ସେଠାରେ ନୀତି ସମ୍ପନ୍ନ କରି ଥିଲେ । ସନ୍ଧ୍ୟା ଧୂପ ସରିବା ପରେ ମହାଜନ ସେବକ ଦ୍ୱାରା ଦକ୍ଷିଣ ଘରୁ ବାହାରିବା ରତ୍ନସିଂହାସନକୁ ବିଜେ କରିଥିଲେ ଓ ସେଠାରୁ ଆଜ୍ଞା ମାଳ ପାଇ ଜୟ ବିଜୟ ଦ୍ୱାର ପାଖରେ ପଡ଼ିଥିବା ଖଟ ଉପରେ ବିରାଜମାନ ହେବା ସହିତ ସେଠାରେ ପୂଜାପଣ୍ଡାଙ୍କ ଦ୍ୱାରା ପୂଜା ଅର୍ଚ୍ଚନା ଆରତି କରାଯାଇଥିଲା । ଦାବାଗ୍ନି ରାକ୍ଷସ ଆଜ୍ଞା ମାଳ ପାଇ କୃଷ୍ଣ ବଳରାମଙ୍କ ସହିତ ଯୁଦ୍ଧ ର ପ୍ରସ୍ତାବ ଦିଆଯାଇଥିଲା । ଏହି ଯୁଦ୍ଧରେ କୃଷ୍ଣ ବଳରାମଙ୍କ ହାତ ରେ ଦାବାଗ୍ନି ରାକ୍ଷସର ନିହିତ ହୋଇଥିଲା । ଶ୍ରୀ ମନ୍ଦିରୀ ରେ ଏହି ନୀତି ସରିବା ପରେ ବେଶ ହୋଇ ଥିବା କଳାକାର ମାନେ ଶ୍ରୀମନ୍ଦିର ଚତୁ ପାର୍ଶ୍ୱ ରେ ବୁଲିବା ସହିତ ପଡୋଶୀ ସାହି କାଳିକା ଦେବୀ ସାହି ଦେଇ ନିଜ ଆଖଡ଼ା କୁ ପ୍ରତ୍ୟାବର୍ତନ କରିଥିଲେ ।ଏହି କାର୍ଯ୍ୟ କ୍ରମରେ ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ମୋହନ ମହାପାତ୍ର,ଗଣେଶ୍ୱର ମହାସୁଆର, ନାରାୟଣ ମହାପାତ୍ର, କ୍ରୀତଦାସ ମହାପାତ୍ର, ଗୌରୀ ଶଙ୍କର ଶତପଥୀ, ଗଣେଶ ମହାପାତ୍ର ଓ ମାଟି ମଣ୍ଡପ ସାହି ଉତର କାଳି ଆଖଡି ସମସ୍ତ ମାନ୍ୟ ଗନ୍ୟା ସଦସ୍ୟ ମାନେ ଉପସ୍ଥିତ ରହି ଏହି କାର୍ଯ୍ୟ କ୍ରମକୁ ସମ୍ପାଦନା କରିବା ସହିତ ଚଳିତ ବର୍ଷ ଏହି କାର୍ଯ୍ୟ କ୍ରମକୁ ପୁରୀ ଜିଲ୍ଲାପାଳଙ୍କ ଅଧକ୍ଷତା ରେ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ର ସହଯୋଗୀତାରେ ଅର୍ଥ ରାଶି ବଢ଼ିବା ସହିତ କଳାକାରଙ୍କ ପାଇଁ ଆଲୋକ ଓ ବାଦ୍ୟର ବ୍ୟବସ୍ଥା କରିଥିବା ରୁ ଆଠ ସାହି ଆଖଡା ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର କୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

ପୁରୀ ଜଗନ୍ନାଥ ବଲ୍ଲଭ ପର୍କିଙ୍ଗରେ ଅଘଟଣ

ପୁରୀ, ୨୪/୦୮ (ଆ.ପ୍ର) : ରବିବାର ମଧ୍ୟାହ୍ନ ସମୟରେ ଜଗନ୍ନାଥ ବଲ୍ଲଭ ପର୍କିଙ୍ଗ ସ୍ଥଳରେ ଅଘଟଣ ଘଟିଛି । ସୂଚନା ଅନୁସାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପାଇଁ କିଛି ଭକ୍ତ ଏକ ବୋଲେରୋ ଗାଡିରେ ପୁରୀ ଆସିଥିଲେ । ପୁରୀରେ ପହଂଚିବା ପରେ ଦର୍ଶନ ପାଇଁ ଆସିଥିବା ଭକ୍ତ ମାନେ ଜଗନ୍ନାଥ ବଲ୍ଲଭ ପର୍କିଙ୍ଗରେ ପହଂଚି ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥିଲେ । ପରେ ଗାଡି ଚାଳକ ଭକ୍ତଙ୍କୁ ଛାଡି ଗାଡିଟିକୁ ପ୍ରଥମ ମହଲାରେ ପଛୁଆ ନେଇ ପାର୍କ କଲାବେଳେ ହଠାତ ଗାଡିଟି ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା । ଗାଡି ଚାଳକ ଜଣକ ସୌଭାଗ୍ୟ ବଶତଃ ବଂଚି ଯାଇଛନ୍ତି ତାଙ୍କର କୌଣସି କ୍ଷତି ହୋଇନଥିବା ଜଣାପଡିଛି । ଘଟଣା ସ୍ଥଳରେ ପୁଲିସ ପହଂଚି ତଦନ୍ତ ଆରମ୍ଭ କରିଛି । ଏହି ଅଘଟଣ ପାଇଁ ସ୍ଥାନୀୟ ବାସିନ୍ଦା

ପ୍ରଶାସନକୁ ଦାୟୀ କରୁଛନ୍ତି କାରଣ ଯେଉଁ ସ୍ଥାନ ଦେଇ ଗାଡିଟି ତଳକୁ ଖସିପଡ଼ିଛି ସେଠାରେ ଗାଡି ସୁରକ୍ଷା ଦୃଷ୍ଟିରୁ କୌଣସି ପ୍ରତିବନ୍ଧକ ନାହିଁ ସେଥିପାଇଁ ଦୁର୍ଘଟଣା ଘଟିଛି ।ଜିଲ୍ଲା ପ୍ରଶାସନ ତରଫରୁ ଏଭଳି ଦୁର୍ଘଟଣାକୁ ରୋକିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ଘଟଣା ସ୍ଥଳରେ ଉପସ୍ଥିତ ଲୋକଙ୍କ ତରଫରୁ ମତ ପ୍ରକାଶ ପାଉଛି ।

ସାମାଜିକ କର୍ମୀଙ୍କ ଧାରଣା ପ୍ରତ୍ୟାହୃତ

ଏରସମା, ୨୪/୦୮ (ଆ.ପ୍ର) :ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ କୁସ୍ମ ଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଅଭିଯୋଗ ସହିତ ଏହାର କାରଣ ଓ ନିରାକରଣ ଦାବିରେ, କୋଠି ଗ୍ରାମର ସାମାଜିକ କର୍ମୀ ଜ୍ଞାନ ରଞ୍ଜନ ଦାସଙ୍କ ଦୁଇ ଦିନ ଧରି ଚାଲିଥିବା ଧାରଣା ଶନିବାର ପ୍ରତ୍ୟାହୃତ ହୋଇଛି ।ଆଜି ଅପରାହ୍ନରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ସାମଲ, ପ୍ରଶାସନିକ ମୂଖ୍ୟ,ଏକାଡେମୀକ ମୂଖ୍ୟ ଓ ଅଧ୍ୟାପକ ମାନେ ଧାରଣା ସ୍ଥଳରେ ପହଂଚି ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହାର କରାଯାଇଛି । ତେବେ ଏ ସମ୍ପର୍କରେ

ମହାବିଦ୍ୟାଳୟ ପରିସରରେ ଉଭୟଙ୍କ ମଧ୍ୟରେ ଦୀର୍ଘ ସମୟ ଆଲୋଚନା କରାଯାଇଛି । ଆଗାମୀ ୧୫ ଦିନ ମଧ୍ୟରେ ଏହି ସମସ୍ତ ସମସ୍ୟା ଉପରେ ପଦକ୍ଷେପ ଗ୍ରହଣ ପାଇଁ ଯୋଜନା ପ୍ରସ୍ତୁତ କରାଯିବା ସହିତ ଜିଲ୍ଲାପାଳ ଓ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଜଣାଇବେ ବୋଲି ଅଧକ୍ଷ ପ୍ରତିଶ୍ରୁତି ଦେଇଥିବାର ଜଣାପଡିଛି ।

ତାଳିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ମାଟ୍ରିକ ଟପରମାନଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ- ଚୌଦ୍ୱାର, ୨୪/୦୮ (ଆ.ପ୍ର) : ଚୌଦ୍ୱାର ଥାନା ଅଧୀନ କଳିଙ୍ଗ ଉଚବିଦ୍ୟାଳୟ ପରିସରରେ ତାଳିଯୋଡ଼ା ସାହିତ୍ୟ ସଂସଦ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ- ୨୦୨୫ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂସଦର ସ୍ଥାୟୀ ସଭାପତି କେ.ସି ପ୍ରତାପସିଂଙ୍କ ପୌରହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ- ଚୌଦ୍ୱାରର ପ୍ରାକ୍ତନ ବିଧାୟକ ଧର୍ମାନନ୍ଦ ବେହେରା, ମୁଖ୍ୟ ବକ୍ତା ଭାବେ ଡଃ ଉତମ ଚରଣ ସାହୁ ସମ୍ମାନୀତ ଅତିଥି ଭାବେ ସୁଭାଷ କୁମାର ଖୁଂଟିଆ, ଦିଳୀପ ଛତାର ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀ ଆଗ୍ରହ ବଢିବା ପାଇଁ ଏକ ପ୍ରୟାସ ବୋଲି ଅଭିଭାଷଣରେ କହିଥିଲେ । ପରେ ଅତିଥି ବୃନ୍ଦ ଟାଙ୍ଗୀ- ଚୌଦ୍ୱାର ବ୍ଲକ ସ୍ତରୀୟ

ବିଦ୍ୟାଳୟ ଟପରମାନଙ୍କୁ ଟ୍ରଫି, ମାନପତ୍ର ଓ ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ ।କାର୍ଯ୍ୟକାରି ସଂପାଦକ ଗୌତମ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଉତ୍ସବକୁ ଦେବେନ୍ଦ୍ର ପୃଷ୍ଟି, ନାରାୟଣ ସ୍ୱାଇଁ, ଅଜୟ ମହାପାତ୍ର ପରିଚାଳନା କରିଥିଲେ । ଅଶୋକ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ । ବୈକୁଣ୍ଠ ନାଥ ତାରେଣିଆ ଏବଂ ପ୍ରଫୁଲ୍ଲ ସାହୁ ସଂଯୋଜନାରେ ପ୍ରତ୍ୟୟ କ୍ରମେ କବିତା ପାଠ କରଯାଇଥିଲା

ସୁବର୍ଣ୍ଣରେଖାରେ ଷଷ୍ଠ ବନ୍ୟାଜଳ ବିପଦ ସଙ୍କେତ ଉପରେ ସୁବର୍ଣ୍ଣରେଖା

ବାଲିଆପାଳ, ୨୪/୦୮ (ଆ.ପ୍ର) : ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଗାଲୁଡିହ ବ୍ୟାରେଜରୁ ୧୩ଟି ଗେଟ ଖୋଲାଯିବା ସହ ବନ୍ୟାଜଳ ନିଷ୍କାସନ ହେବା ଫଳରେ ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷର ଷଷ୍ଠ ବନ୍ୟାଜଳ ଆସିଛି । ଯାହାଫଳରେ ବାଲିଆପାଳ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଶନିବାର ରାତ୍ରିରେ ବନ୍ୟା ଜଳ ଆସିବା ଆରମ୍ଭ ହୋଇଥିଲା ବେଳେ ରବିବାର ସକାଳ ବେଳକୁ କୂଳ ଲଂଘି ବାଲିଆପାଳ ବ୍ଲକର କିଛି ଗ୍ରାମକୁ ପ୍ରବେଶ କରିଛି । ଆଜି ସନ୍ଧ୍ୟା ୬ଟା ସୁଦ୍ଧା ରାଜଘାଟ ଠାରେ ଏହି ନଦୀର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ୧୦.୭୮ ମିଟରରେ ପ୍ରବାହିତ ହେଉଛି । ଏହାର ପ୍ରଭାବରେ ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକର ନିଶ୍ଚିରା, ଅଷ୍ଟି, ବାଲିଆପାଳ, ବିଷ୍ଣୁପୁର, ଜାମକୁଣ୍ଡା, ମଧୁପୁରା ପ୍ରଭୃତି ପଂଚାୟତବାସୀ ଆଶଂକା ଭିତରେ ରହିଛନ୍ତି । ଚଡପାଳ ପଡା, ତଳ ଧାନବା, ଚଡବଢାପାଳ, ପାଳଚମୈଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନ୍ନନଗର, ସୁଘମୁହଁ, ତଳ ବାଲିଆପାଳ, ରାମନଗର-ଉସଲପୁର, ବିଷ୍ଣୁପୁର ଚଡସାହି ନୟାବାଳି, ଇକଡପାଳ, ଚଉଧୁରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହୁଡ଼ଚଡ, ନଣପାଳ, ପ୍ରଭୃତି ଗ୍ରାମକୁ ବନ୍ୟାଜଳ ପ୍ରବେଶ କରିବାରେ ଲାଗିଛି । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବାଲିଆପାଳ ବ୍ଲକର ବିଭିନ୍ନ ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିବାସହ ଦୁର୍ବଳ ନଦୀ ବନ୍ଧରେ ବାଲି ବସ୍ତା ପକାଇବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନୂତନ ଭାବରେ ଯୋଗଦେଇଥିବା ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ବନ୍ୟା ଅଂଚଳ ପରିଦର୍ଶନ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ବ୍ଲକ କାର୍ଯ୍ୟାଳୟରେ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି । ବନ୍ୟାର ମୁକାବିଲା ପାଇଁ ପ୍ରଶାସନ ସଂପୂର୍ଣ୍ଣ ପ୍ରସ୍ତୁତ ରହିଥିବା କଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଛନ୍ତି । ତେବେ ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକରେ ବ୍ୟାପକ ପନିପରିବା ଚାଷ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଯାହାଫଳରେ ଚାଷୀ ମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା

ବାଲିଆପାଳ, ୨୪/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବସ୍ତା ତହସିଲ ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ହିମାଂଶୁ ପଣ୍ଡାଙ୍କ ଘର ଭଡା ନେଇ ବାଲିଆପାଳ ଥାନା ଅଧୀନ ହାସିମପୁର ଗ୍ରାମର ମନ୍ମଥ ଜେନାଙ୍କ ୪୦ ବର୍ଷର ପୁଅ ସନ୍ୟାସି ଜେନା ରହୁଥିଲେ । ସେହି ଘର ଉପରେ ରହୁଥିବା ଭଡା ଲୋକଙ୍କୁ ଆଜି ପଚା ଗନ୍ଧ ହେବାରୁ ଘର ମାଲିକଙ୍କୁ ଜଣାଇଥିଲେ ଘର ମାଲିକ ସିଂଲା ଥାନାକୁ ଖବର ଦେଇଥିଲେ । ପରେ ସିଂଲା ଥାନା ଅଧିକାରୀ ଓ ବସ୍ତା ତହସିଲଦାର ପହଁଚିଥିଲେ ତହସିଲଦାର, ଥାନା ଅଧିକାରୀ, ମୃତ ବ୍ୟକ୍ତିଙ୍କ ସାନ ଭାଇ, ବାପା ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ଘରର କବାଟ ଭଙ୍ଗା ହେବା ପରେ ଝୁଲନ୍ତା ଅବସ୍ଥାରେ ସାନ୍ୟାସି ଜେନାଙ୍କ ମୃତ ଶରୀର ଦେଖିବାକୁ ମିଳିଥିଲ । ସେ ଜଣେ ପେସାରେ ମେଜିକ ସିଆନ, ଲୋକଙ୍କୁ ମେଜିକ ଦେଖାଇ ଯାହା ପଇସା ରୋଜଗାର କରନ୍ତି ସେଥିରେ ନିଜର ପରିବାର ଚଳାନ୍ତି ଆଗରୁ ପାଖରେ ସ୍ତ୍ରୀ ବୁଢ଼ ଝୁଆ ରହୁଥିବା ଗ୍ରାମବାସୀ କୁହନ୍ତି, ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପାରିବାରିକ ଝଗଡାରୁ ସନ୍ୟାସି ଏମିତି ଏକ ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି । ୩ ଚାରି ଦିନ ପୂର୍ବରୁ ଘଟଣାଟି ଘଟିଥିବା ଅନୁମାନ କରାଯାଉଛି କାରଣ ମୃତ ଶରୀରଟି ପଚି ଶଢି ପୋକ ସାଲୁବାଲୁ କରୁଛି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ସିଂଲା ପୋଲିସ ଘଟଣାର ତଦନ୍ତ କରୁଛି ।

ସମ୍ଭାଗସ୍ତରୀୟ ବିଜ୍ଞାନମେଳାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ

ନୀଳଗିରି, ୨୪/୦୮ (ଆ.ପ୍ର) : ଶିକ୍ଷା ବିକାଶ ସମିତି ଦ୍ୱାରା ନୀଳଗିରି ସରସ୍ୱତୀ ଶିଶୁ ମନ୍ଦିରରେ ଆୟୋଜିତ ସମ୍ଭାଗ ସ୍ତରୀୟ ବିଜ୍ଞାନମେଳାରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ତହସିଲଦାର ସୋନମ ଦାସ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥି ଯୋଗ ଦେଇ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ରଖିଥିଲେ ।

ବିପୁଳ ପରିମାଣରେ ବେଆଇନ ବିସ୍ଫୋରକ ଜବତକଲା ଖଇରା ପୋଲିସ

ଖଇରା, ୨୪/୦୮ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ପୋଲିସକୁ ମିଳିଛି ବଡ଼ ସଫଳତା । ବିପୁଳ ପରିମାଣରେ ବେଆଇନ ବିସ୍ଫୋରକ ସାମଗ୍ରୀ କରିଛି ଜବଦ । ଘଟଣାରୁ ଜଣାଯାଇଛି ଯେ ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧିନ ଗଡ଼ପୋଖରୀ ପଂଚାୟତ ସ୍ଥିତ ମହୁକଣିକଟ ଗାଁରି ରଞ୍ଜନ କୁମାର ସେଣ ନିଜ ଘରେ ବିପୁଳ ପରିମାଣର ଜିଲୋଟିନ୍, କଡେସ୍ କେବୁଲ ଏବଂ ପଥର ଖଣି ବ୍ଲାଷ୍ଟିଂ ରେ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଗଚ୍ଛିତ କରି ରଖିଥିବାର ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଖଇରା ପୋଲିସ୍ ଟିମ୍ ସହାୟତାରେ ରେଡ଼ ହୋଇଥିଲା । ପ୍ରକାଶ ଥାଉକି ବିସ୍ଫୋରକ ସାମଗ୍ରୀ ବେଆଇନ ଭାବେ ଗଚ୍ଛିତ ରଖି ଶାରିଣୁଆ ପାହାଡ଼ରେ ବ୍ୟବହାର କରାଯାଉଥିବା ନେଇ ବାରମ୍ବାର ପୋଲିସ ନିକଟରେ ଅଭିଯୋଗ ହେଉଥିଲା । ଏହାକୁ ଦୃଷ୍ଟି ଦେଇ ହଠାତ୍ ଚଢାଉ ନିମନ୍ତେ ପୋଲିସ ଟିମ୍ ଗଠନ ସଫଳ ହୋଇଥିଲା । ଜବଦ ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୩୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ପୋଲିସ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛି ।

ସ୍ୱଂୟ ସହାୟକ ଗୋଷ୍ଠୀ ମୁଣ୍ଡରେ ଅଠା ବୋଳି ପ୍ରଧାନ ଶିକ୍ଷକ ଓ ପିଅନ ଚଳୁ କରିଦେଲେ ଅଣ୍ଡା ଚାଉଳ

ନୀଳଗିରି, ୨୪/୦୮ (ଆ.ପ୍ର) : ନୀଳଗିରି ଉପଖଣ୍ଡ ସନ୍ତରା ଗଡିଆ, ନୋଡାଳ ହାଇସ୍କୁଲରେ ମଧ୍ୟାହ୍ନ ଭୋଜନ ଘୋଟଲା ମିଥ୍ୟା ବୋଲି, ମୁହଁ ଖୋଲିଲେ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ । ସେମାନଙ୍କ କହିବା ଅନୁଯାଇ ଦୀର୍ଘ ୧୭ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ସେମାନେ ମଧ୍ୟାହ୍ନ ଭୋଜନ ପରିବେଷଣ କରିଆସୁଛନ୍ତି । କିନ୍ତୁ ଏହି ଚାରିମାସ ହେଲା ହାଇସ୍କୁଲର ପିଲାମାନେ ମଧ୍ୟାହ୍ନ ଭୋଜନ ଯେବେଠୁଁ ବିଆଗଲା, ସେବେ ଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଏସଏମସି କମିଟି ମେମ୍ବର ଓ ବିଦ୍ୟାଳୟର ପିୟନ ଓ କିଛିକୁ ଚକ୍ରାନ୍ତକାରୀଙ୍କର ମନ ଗଢ଼ା କାହାଣୀ ଓ ମିଥ୍ୟା ଆରୋପ କରିଛନ୍ତି । ସେମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟଙ୍କା ମଗାଯାଇଥିଲା । ସେମାନେ ନ ଦେବାରୁ ଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିଦ୍ୟାଳୟରୁ ବାହର କରି, ଅନ୍ୟ ଏକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଦେବା ପାଇଁ ଏ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଏସଏମସି କମିଟିରକୁ ଚକ୍ରାନ୍ତ ଅଟେ । ଖାଲି ସେତିକି ନୁହେଁ, ପ୍ରଧାନ ଶିକ୍ଷକ କୁଇଂଟାଲ କୁଇଂଟାଲ ଚାଉଳ ଘୋଟଲା କରୁଛନ୍ତି ବୋଲି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ସାଧାରଣ ରେ ଅଭିଯୋଗ କରିଛନ୍ତି । ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଘଟଣାବଳି ଉପରେ ତଦନ୍ତ କରି, ଆଇନଗତ ଭାବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ସତ୍ୟ ସାମ୍ନାକୁ ଆଣିବା ସହିତ ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବୀ କରାଯାଇଛି ।

ବିଦ୍ୟାଳୟରେ ଅନିୟମିତତା,ଧାରଣାରେ ପରିଚାଳନା କମିଟି

ସିମୁଳିଆ, ୨୪/୦୮ (ଆ.ପ୍ର) : ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ଓ ଅବ୍ୟବସ୍ଥା ଭିତରେ ଛାତ୍ରଛାତ୍ରୀ ପାଠ ପଢ଼ା ଏବଂ ଏ ସଂକ୍ରାନ୍ତରେ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଶିକ୍ଷା ମନ୍ତ୍ରୀଙ୍କୁ ଅଭିଯୋଗ । ଆଜି ବିଦ୍ୟାଳୟ ପରିଚାଳନା ଓ ଅଭିଭାବକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା । ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ମଇତାପୁର ଠାରେ ଥିବା ୧୯୬୪ ମସିହାରେ ନିର୍ମିତ ଭାରତ ସେବା ନିଧି ବିଦ୍ୟାଳୟ । ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଗଜେନ୍ଦ୍ର ରାଉତ ଓ ଉପସଭାପତି ସ୍ୱର୍ଣ୍ଣଲତା ଦାଶଙ୍କ ନେତୃତ୍ୱରେ ବହୁ ସଦସ୍ୟ, ସଦସ୍ୟା ଓ ଅଭିଭାବକ ମାନେ ବିଦ୍ୟାଳୟରେ ଧାରଣାରେ ବସିଥିଲେ । ସେମାନଙ୍କ ଅଭିଯୋଗ ଅନୁଯାୟୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ର ମୋହନ ମୁର୍ମୁ କମିଟିର ବିନା ପରାମର୍ଶରେ ସରକାରୀ ଅର୍ଥକୁ ଅନିୟମିତତା କରିବା, ମଧ୍ୟାହ୍ନ ଭୋଜନରେ ଅଧିକ ଛାତ୍ରଛାତ୍ରୀ ଦର୍ଶାଇ ଅର୍ଥ ହେରଫେର । ମଧ୍ୟାହ୍ନ ଭୋଜନରେ ଆସୁଥିବା ଚାଉଳର ହିସାବ ନ ଦେବା,ମଧ୍ୟାହ୍ନ ଭୋଜନ ଚାଉଳ ଉଚ୍ଛିଷ୍ଟ ଗୋଦାମ ଗୃହ ଥିବାବେଳେ ପିଲାମାନେ ପାଠ ପଢୁଥିବା ଗୃହରେ ମଧ୍ୟାହ୍ନ ଭୋଜନ ଚାଉଳ ରଖିବା । ଯାହା ବିପଦ ପୂର୍ଣ୍ଣ ଅବସ୍ଥାରେ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚାରିଲେ କମିଟିର ସଭ୍ୟମାନଙ୍କୁ ଦୁର୍ବ୍ୟବହାର କରୁଥିବା ନେଇ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ଶିକ୍ଷାମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ । ଆଜି କମିଟିର ସଭ୍ୟ ସଭ୍ୟା ଓ ଅଭିଭାବକ ମାନେ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଘଂଟାରୁ ଉର୍ଦ୍ଧ୍ୱ ଧାରଣାରେ ବସିଥିଲେ । ଖବର ପାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସିଆରସିସି ସୁକାନ୍ତ ଲେଙ୍କା ଘଟଣା ସ୍ଥଳରେ ପହଁଚି ଚାଉଳ ରହିଥିବା ଗୋଦାମ ଘର ଅଧିକ ଚାଉଳ ରହିଥିବା ଦେଖିବାକୁ ପାଇଥିଲେ । ଏବଂ ଶ୍ରେଣୀ ଗୃହରେ ଚାଉଳ ରହିଥିବାର ଦେଖିବାକୁ ପାଇଥିଲେ । ମଙ୍ଗଳବାର ଜିଲ୍ଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ବିଦ୍ୟାଳୟରେ ଉପସ୍ଥିତ ରହି ଘଟଣାର ତଦନ୍ତ କରିବା ନେଇ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

କୃଷ୍ଣଚନ୍ଦ୍ର ପିପିଲି କଲେଜର ସଂସ୍କୃତ ବିଭାଗରେ ଜାତୀୟ ପାଠଚକ୍ର

ବାଲିଆପାଳ, ୨୪/୦୮ (ଆ.ପ୍ର) : ବାଲିଆପାଳ ପଂଚାୟତ ସମିତି ସ୍ଥିତି କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟ, ଜଗାଇ, ବାଲେଶ୍ୱରର ସଂସ୍କୃତ ସମ୍ମାନ ବିଭାଗ ଓ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଜାମସୁଳିର ମିଳିତ ସହଯୋଗରେ ଜାତୀୟ ପାଠଚକ୍ର ବିଷୟ- 'Ecology and plant life: As depicted in the veda ' ଅଧକ୍ଷା ଡ଼ ମାନସୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ପାଠଚକ୍ରରେ ସୀତାରାମ ବେଦିକ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, କୋଲକାତା, ପଶ୍ଚିମବଙ୍ଗର ସହକାରୀ ପ୍ରଫେସର ଡ଼ ଶଶୀଭୂଷଣ ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭାରତର ବୈଦିକ ଶାସ୍ତ୍ର ବେଦ ହିଁ ପ୍ରକୃତି ଓ ପରିବେଶ ରକ୍ଷାର ମୂଳ ସମ୍ବଳ ବୋଲି ସାରଗର୍ଭକ ମତ ଉପସ୍ଥାପନ କରିଥିଲେ । ବିଶ୍ୱଭାରତୀ ଶାନ୍ତିନିକେତନର ଅବସରପ୍ରାପ୍ତ ପ୍ରଫେସର ଡ଼ ଅରୁଣ ରଞ୍ଜନ ମିଶ୍ର ସମୀକ୍ଷକ ଭାବେ ଯୋଗଦେଇ ଚାରିବେଦ ଆଲୋକରେ ପରିବେଶ ସୁରକ୍ଷାର ପ୍ରାମାଣିକ ତଥ୍ୟ ସହ ସାମବେଦର ବୈଜ୍ଞାନିକ ବିଶ୍ଳେଷଣ ପୂର୍ବକ ଭାବଗର୍ଭକ ଆଲୋଚନା ରଖିଥିଲେ । ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମସୁଳିର ଅଧକ୍ଷ ପ୍ରଫେସର ଦିବ୍ୟେନ୍ଦୁ କୁମାର ଗିରି ବିଜ୍ଞାନ ସହିତ ବେଦର ସମନ୍ୱୟ ହିଁ ଆଜିର ଆବଶ୍ୟକତା ବୋଲି ମତ ରଖିଥିଲେ । ଦର୍ଶନ ବିଭାଗ ଅଧ୍ୟାପକ ଅଭିଳାଷ ବେହେରା ଅତିଥିଙ୍କୁ ମଂଚକୁ ଆହ୍ୱାନ କରିଥିବା ବେଳେ ବିଭାଗ ମୁଖ୍ୟ ଡ଼ ବାମଦେବ ଆଚାର୍ଯ୍ୟ ପାଠଚକ୍ର ବିଷୟକ ଭିତି ପ୍ରବନ୍ଧ ପାଠ କରିଥିଲେ । ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାଙ୍କ ପ୍ରବନ୍ଧ ସଂକଳନ ହୋଇ ଏକ ଭବ୍ୟ ସୋଭେନିଅର ଲୋକାର୍ପଣ କରାଯାଇଥିଲା । ପାଠଚକ୍ର ପରିଚାଳନା ସମିତିର ସଦସ୍ୟ ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଭାଂଶୁ କୁମାର ସିଂ, ଅଧ୍ୟାପକ ଆଶିଷ ଓଝା, ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରଭାତ କୁମାର ଜେନା ଓ ଜାମସୁଳି କଲେଜର ଅଧ୍ୟାପିକା ତନୁଶ୍ରୀ ନାୟକ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ କୁମାର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପୂର୍ବାହ୍ନ ଅଧିବେଶନରେ ସମୀକ୍ଷା ଓ ଆଲୋଚନା ପରେ ଅପରାହ୍ନ ଅଧିବେଶନରେ ଆଭାଷିକ ଓ ପ୍ରତ୍ୟକ୍ଷ ବିଷୟ କୈନ୍ଦ୍ରିକ ପାଠ ବିଭିନ୍ନ ମହାବିଦ୍ୟାଳୟରୁ ଆନୀତ ଗବେଷକ ଓ ଗବେଷିକାଙ୍କ ଦ୍ୱାରା ପଠନ ହୋଇ ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟର ସଂସ୍କୃତ ସମ୍ମାନ ବିଭାଗ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ତଥା ଅଣଶିକ୍ଷକ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ପାଠଚକ୍ର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଥିଲା । ପରିଶେଷରେ ସଂସ୍କୃତ ଅଧ୍ୟାପକ ରବିରଞ୍ଜନ ପାଣିଗ୍ରାହୀ କୃତଜ୍ଞତାଜ୍ଞାପନ କରିଥିଲେ ।

ଦର୍ଶନର ବନ୍ଧନୀରେ ସୃଜନୀଶକ୍ତି ସୀମିତ ହୁଏ : ଆଇଏଏସ ହୃଷିକେଶ ପଣ୍ଡା

ନୀଳଗିରି, ୨୪/୦୮ (ଆ.ପ୍ର) : ସଚ୍ଚିଦାନନ୍ଦ ରାଉତରାୟ ପ୍ରଫେଷ୍ଟ ମାର୍କସିଷ୍ଟର ବିଶ୍ୱାସୀ ଥିଲେ । ରାଉତରାୟଙ୍କ ଭାଷା ଆଧୁନିକ ଓଡିଆ ସାହିତ୍ୟକୁ ନୂତନ ଦିଶା ଦେଖାଇଛି । ସମକାଳୀନ ଲେଖକ ମାନଙ୍କ ମଧ୍ୟରେ ତୁଳନାତ୍ମକ ଅଧ୍ୟୟନ ଜରୁରୀ । ଓଡିଆ କାବ୍ୟସାହିତ୍ୟର ବିଧିବଦ୍ଧ ଗବେଷଣା ଜରୁରୀ । ଆଜିର ପିଢ଼ି ନିଜ ଭିତରେ ନିଜର ବୈଶିଷ୍ଟ୍ୟ ଓ ସ୍ୱତନ୍ତ୍ରତା ଚିହ୍ନାଇବାର ଦୁଃସାହସିକ ପ୍ରକାଶ କରୁ । ପୁରୁଣା ଲେନ୍ସ ରେ ନୂଆ କବିତା ବିଚାର ହେଉଛି । ଆଲୋଚକ ମାନଙ୍କ ଆଖିର ଚଷମାର ଲେନ୍ସ ବଦଳିବା ଦରକାର । ସଚ୍ଚିଦାନନ୍ଦଙ୍କ ପରେ କାବ୍ୟ ପରମ୍ପରା ବିଚ୍ଛିନ୍ନ ହୋଇଛି । ସାହିତ୍ୟ ସେବା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଜଣେ ସନ୍ଥ । ରାଉତରାୟ ଆଧୁନିକ ଓଡିଆ ସାହିତ୍ୟର କିମ୍ବଦନ୍ତୀ ପୁରୁଷ । ତାଙ୍କ ସାହିତ୍ୟର ଚମତ୍କାରିତା ହେଉଛି ଯାହା ସହୃଦୟତାର ନିଛକ ଚିତ୍ର । କବିତା ସାମଗ୍ରିକ ଚେତନାକୁ ପ୍ରବାହିତ କରୁଥିବା ଅପ୍ରତିହତ ସାଂସ୍କୃତିକ ଧାରା । ପ୍ରତ୍ୟେକ କବିଙ୍କର ସ୍ୱତନ୍ତ୍ର ଐତିହ୍ୟ ଅଛି । ତାହା କଲେରିଜ୍ ଙ୍କ ଗୁଡାବେଶ ହୋଇପାରେ, ମାର୍କସଙ୍କ ବସ୍ତୁନିଷ୍ଠ ଦ୍ୱନ୍ଦ୍ୱ ହୋଇପାରେ ବା ରବୀନ୍ଦ୍ରଙ୍କ ବିଶ୍ୱବୋଧ ହୋଇପାରେ । ସଚ୍ଚିଦାନନ୍ଦଙ୍କ ସ୍ୱର ଆନ୍ତର୍ଜାତୀୟ କ୍ଷେତ୍ରରେ ଅନୁରଣିତ । ତାଙ୍କ କବିତା ବିଚିତ୍ର ବର୍ଣ୍ଣାଳୀରେ ଉଦ୍ଭାସିତ । ରାଉତରାୟଙ୍କ ସାମାଜିକ ନେତୃତ୍ୱ ପ୍ରତିଟି ଓଡ଼ିଆ ପାଇଁ ଅବିସ୍ମରଣୀୟ ଅଧ୍ୟାୟ । ରାଉତରାୟଙ୍କ ଗଦ୍ୟସାହିତ୍ୟ ତାଙ୍କ ଜୀବନାନୁଭୂତିର ଏକ ଚାରୁଚିତ୍ରଶାଳା । କବିତା ପରି ତାଙ୍କ ଗଦ୍ୟରେ ବୁଦ୍ଧି ଓ ବୋଧର ମନୋଜ୍ଞ ସମନ୍ୱୟ ରହିଛି । ଏକମାତ୍ର ଉପନ୍ୟାସ ଚିତ୍ରଗ୍ରୀବ ଏକ କ୍ରାନ୍ତିକାରୀ ସୃଷ୍ଟି ଓ ଏକ ନୂତନ ଭୂଗୋଳ । ରାଉତରାୟଙ୍କ ଗଳ୍ପସାହିତ୍ୟରେ ପ୍ରଗତିବାଦ, ମନୋବୈଜ୍ଞାନିକ ବିଶ୍ଳେଷଣ, ଫ୍ରଏଡିୟ ଚିନ୍ତାଧାରା ସହ ଓଡ଼ିଶାର ଇତିହାସ, ସମାଜ ଓ ସଂସ୍କୃତିର ବଳିଷ୍ଠ ଆଲେଖ୍ୟ ଶାଣିତ ଓ ତିର୍ଯ୍ୟକ ଭାବରେ ଫୁଟିଉଠିଛି । ସର୍ଜନାତ୍ମକ ସମାଲୋଚନା ତାଙ୍କ ହାତରେ ଏକ ନୂତନ ପ୍ରାଣଶକ୍ତିରେ ଉଦ୍ଦୀପିତ ହୋଇପାରିଛି । ସର୍ବୋପରି ସଚ୍ଚିଦାନନ୍ଦ ରାଉତରାୟ ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବରେ ସମକାଳୀନ ପ୍ରତିଟି ଓଡ଼ିଆ ହୃଦବୋଧ କରୁଥିଲେବୋଲି ସ୍ୱର୍ଣ୍ଣବୃତ୍ତ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସଚ୍ଚିଦାନନ୍ଦ ରାଉତରାୟ ସନ୍ଧ୍ୟାରେ ଅତିଥି ଆଇ ଏ ଏସ କଥାକାର ହୃଷିକେଶ ପଣ୍ଡା, ଓଡିଶାର ଲୋକପ୍ରିୟ କବି ସତ୍ୟପ୍ରିୟ ମହାଳିକ, କବି କାଳୀପଦ ପଣ୍ଡା, କବି ଜୟନାରାୟଣ ନନ୍ଦ ପ୍ରହରାଜ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସୁଶ୍ରୀ ମାମାଳି ସାହୁ ସଚ୍ଚିଦାନନ୍ଦ ରାଉତରାୟଙ୍କ ଛୋଟ ମୋର ଗାଁ ଟି ଗାନକରିଥିବାବେଳେ ଶେଷରେ ନିମାପଡାର ଅଧ୍ୟାପିକା ବିଷ୍ଣୁପ୍ରିୟା ଜେନା ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ସମଗ୍ର ଓଡିଶାର ଶତାଧିକ ପାଠକ ଯୋଗଦାନ କରିଥିଲେ ।

ମନୁଷ୍ୟକୃତ ଜଳବନ୍ଦୀରେ କେନ୍ଦୁଆ ଗ୍ରାମର ଲୋକ

ନୀଳଗିରି, ୨୪/୦୮ (ଆ.ପ୍ର) : ଲଘୁଚାପ ଜନିତ ପ୍ରବଳ ଲଗାଣ ବର୍ଷା ରେ ନୀଳଗିରି ର ନଦୀକୂଳିଆ ଗାଁ, ତଥା ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ବର୍ଷା ଜଳ ଯୋଗୁଁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ତେବେ ଓଉପଦା ବ୍ଲକ, ଦକ୍ଷିଣ ନରସିଂହପୁର ପଂଚାୟତର କେନ୍ଦୁଆ ଗ୍ରାମରେ ଲୋକ ଜଳବନ୍ଦୀ ଥିବା ଦେଖାଯାଉଛି । ଓଉପଦା ବ୍ଲକର ଦକ୍ଷିଣ ନରସିଂହପୁର ପଂଚାୟତର କେନ୍ଦୁଆ ଗ୍ରାମର ଲୋକ ମାନେ ବର୍ଷା ଜଳରେ ରାସ୍ତା ବୁଡି ଯିବା ଫଳରେ ଗ୍ରାମ ବାହାରକୁ ଆସି ପାରୁନାହାନ୍ତି । ପିଲା ମାନେ ସ୍କୁଲକୁ ଯିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି । ରୋଗୀ ଚିକିତ୍ସା ପାଇଁ ଡାକ୍ତରଖାନା ଆସି ପାରୁନାହାନ୍ତି । ଏହାର ମୁଖ୍ୟ କାରଣ, ଉକ୍ତ ରାସ୍ତାର ପ୍ରଧାନ ସାହି ଠାରେ ଶ୍ରୀନିବାସ ପ୍ରଧାନଙ୍କ ଘର ପାଖରେ ଏକ ହୋମ ପାଇପ ପଡିଛି । ଉକ୍ତ ପାଇପ ଦେଇ ଜଳ ନିଷ୍କାସିତ ହୁଏ । କିନ୍ତୁ ଉକ୍ତ ପାଇପକୁ ଶ୍ରୀ ପ୍ରଧାନ ପୋତି ଦେବା ଫଳରେ ପାଣି ନିଷ୍କାସନ ହୋଇ ନ ପାରିବା ଫଳରେ ରାସ୍ତା ଉପରେ ପାଣି ଥିବାରୁ ରାସ୍ତା ବୁଡି ଯାଇଛି । ଯଦ୍ୱାରା କି କେନ୍ଦୁଆ ଗ୍ରାମର ଲୋକେ ଜଳବନ୍ଦୀ ରେ ଅଛନ୍ତି । ଉକ୍ତ ରାସ୍ତାରେ ଚଳାଚଳ ପାଇଁ ପାଣି ନିଷ୍କାସନ ପାଇଁ ପ୍ରଶାସନ ଠାରେ ଗ୍ରାମ ବାସୀ ମାନେ ଦାବୀ କରିଛନ୍ତି । ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ଯଥା ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ନ ନେଲେ ଗ୍ରାମ ବାସୀ ମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ନୀଳଗିରି ସହରରେ ବିଭିନ୍ନ କ୍ଲବର ଗଣେଶପୂଜାକୁ ନେଇ ପୋଲିସର ଶାନ୍ତି କମିଟି ବୈଠକ, ଆଇନ ଶୃଙ୍ଖଳାକୁ ଗୁରୁତ୍ୱାରୋପ

ନୀଳଗିରି, ୨୪/୦୮ (ଆ.ପ୍ର) : ଆରମ୍ଭ ହୋଇଛି ପାର୍ବଣ ଋତୁ । ବିଭିନ୍ନ କ୍ଲବ୍ ଏବଂ ପୀଠମାନଙ୍କରେ ବିଭିନ୍ନ ଦେବଦେବୀଙ୍କ ପୂଜା ଆରାଧନା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ବେଳେ, ଏନେଇ ଆଗାମୀ ଅଗଷ୍ଟ ୨୭ତାରିଖ ଅଗ୍ରପୂଜ୍ୟ ବିଘ୍ନରାଜ ଗଣପତିଙ୍କ ପୂଜାସୋଦ ପାଇଁ ନୀଳଗିରି ସହରର ବିଭିନ୍ନ କ୍ଲବକୁ ନେଇ ପୋଲିସ ପକ୍ଷରୁ ଏକ ଶାନ୍ତିକମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉପଖଣ୍ଡ ପୋଲିସ ଅଧିକ୍ଷକ ପ୍ରମୋଦ କୁମାର ମଲ୍ଲିକଙ୍କ ଆବାହକତ୍ୱରେ ସହରର ୧୩ଗୋଟି କ୍ଲବର ସଭାପତି, ସମ୍ପାଦକ ଏବଂ ସଦସ୍ୟମାନେ ଏହି ବୈଠକରେ ଯୋଗଦେଇ ନିଜନିଜର ମତ ରଖିଥିଲେ । ତେବେ ସର୍ବସମ୍ମତି କ୍ରମେ ଗଣନାଥଙ୍କ ପୂଜାରେ ୬୦ଡେସିବିଲ ସାଉଣ୍ଡ ବଜାଇବାକୁ ସମ୍ମତି ପ୍ରଦାନ କରିଥିବାବେଳେ, ପୂଜା ପେଣ୍ଡାଲରେ ଭଜନ ଜଣାଣ ପରିବେଷଣକୁ ଗୁରୁତ୍ୱଦେବା ସହିତ ଭସାଣୀରେ ଡିଜେ ପରିବର୍ତ୍ତେ ପାରମ୍ପରିକ ବାଦ୍ୟ ବାଜାଇବାକୁ ସହମତି ପ୍ରକାଶ ପାଇଥିଲା । ତେବେ ପୂର୍ବରୁ ଅଗ୍ରୀମ ଦିଆଯାଇଥିବାରୁ ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ ବିସର୍ଜନ କରାଯିବା ସମ୍ଭବ ନଥିବାରୁ ,ସହମତି ହୋଇପାରିନଥିଲା । ଏଥିସହିତ ଭସାଣିର ରୋଡମ୍ୟାପ ପାଇଁ ଆଇଆଇସିଙ୍କୁ ଦାୟିତ୍ୱ ଦିଆଯିବା ସହିତ ଦିନେ ଦୁଇଦିନ ମଧ୍ୟରେ କ୍ଲବ୍ ସହିତ ପରାମର୍ଶକରି ଚୂଡାନ୍ତ ନିଷ୍ପତି ନିଆଯିବ ବୋଲି ଏସଡିପିଓ ସୂଚନା ଦେଇଥିଲେ । ଶାନ୍ତିଶୃଙ୍ଖଳା ରକ୍ଷାକରିବାକୁ ଅଗ୍ରାଧିକାର ଦିଆଯିବାକୁ କ୍ଲବ କର୍ତ୍ତୃପକ୍ଷ ସହମତି ପ୍ରକାଶ କରିଥିଲେ । ଏହି ବୈଠକରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଏବଂ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ ।

ସେଇଥ
ଆରମ୍ଭ
SEITHO ARAMBHA
ସୋମବାର, ୨୫ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସବୁ ସମ୍ଭବ

ଜୀବନରେ ପରିକଳ୍ପିତ ଚାରୋଟି ଅବସ୍ଥା ମଧ୍ୟରୁ ଯୌବନ ଅବସ୍ଥା ହେଉଛି ସବୁଠାରୁ ଶ୍ରେଷ୍ଠ ଅବସ୍ଥା । ସେ ପୁଅଟିଏ ହେଉ କିମ୍ବା ଝିଅଟିଏ ଯୌବନାବସ୍ଥାରେ ଗତି କରିବା ଏତେ ସହଜ କଥା ନୁହଁ । ପୁଅ ଏବଂ ଝିଅ ଉଭୟ ଯୁବ ସମାଜର ଅନ୍ତର୍ଭୁକ୍ତ । ଋତୁ ଚକ୍ରରେ ଋତୁ ବଦଳିବା ଭଳି କେତେବେଳେ ଯେ ଏମାନଙ୍କର ମନ ବଦଳିଯାଏ, ତାହା ଜାଣିବା ବଡ଼ କଷ୍ଟକର ବ୍ୟାପାର । ବସନ୍ତର ଆଗମନରେ ତରୁଲତାରେ ନୂତନ ପ୍ରୁଳକ ଜାଗି ଉଠିଲା ଭଳି ଯୌବନ କାଳ ଆସିଲେ ଯୁବକ ଏବଂ ଯୁବତୀଙ୍କର ମନ ପ୍ରାଣରେ ନୂତନ ରୋମାଞ୍ଚ ସୃଷ୍ଟି ହୁଏ । ଏହି ଅବସ୍ଥାରେ ଯୁବ ସମାଜରେ ଭୟ, ଆନନ୍ଦ ଓ ବିସ୍ମୟ ମିଶ୍ରିତ ଏକ ଅଦ୍ଭୁତ ଧରଣର ଭାବ ସୃଷ୍ଟି ହୁଏ । ଯୁବ ସମାଜ ହେଉଛି ରାଷ୍ଟ୍ରର ମେରୁଦଣ୍ଡ । ରାଷ୍ଟ୍ରର ବିକାଶରେ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ । ରାଷ୍ଟ୍ରର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିର ଆବଶ୍ୟକତା ଉପଲବ୍ଧି କରାଯାଏ । କୃଷି, ଶିଳ୍ପ, ଗବେଷଣା, ପ୍ରତିରକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଯୁବ ସମାଜର ଅବଦାନ ରହିଲେ ରାଷ୍ଟ୍ର ବିକାଶରେ ଅଗ୍ରଗତି ହୋଇଥାଏ । ମାତ୍ର ଯେଉଁ ସମୟରେ ଏମାନେ ପରିବାରର ତଥା ରାଷ୍ଟ୍ରର ଦାୟିତ୍ୱ ନେବା କଥା ଠିକ୍ ସେହି ଯୁବାବସ୍ଥା ସମୟରେ ଅଧିକାଂଶ ଯୁବକ ଏବଂ ଯୁବତୀ ପଥଭ୍ରଷ୍ଟ ହୋଇଯାନ୍ତି । ସୌନ୍ଦର୍ଯ୍ୟତା ପ୍ରତି ଏମାନଙ୍କର ଆକର୍ଷଣ ବଢ଼ିଯାଏ । ଏମାନଙ୍କ ମନରେ ସୌନ୍ଦର୍ଯ୍ୟ ପ୍ରତି ମୋହ ଜାତ ହୁଏ । ଆପଣାର ଶାରୀରିକ ଶୋଭା ଯେତିକି ଯେତିକି ବଢ଼ିଚାଲେ, ବାହ୍ୟ ଜଗତର ରୂପର ମୋହରେ ଯୁବ ସମାଜ ସେତିକି ସେତିକି ଆକୃଷ୍ଟ ହୁଏ । ଦୁନିଆର ରୂପ ଓ ରଙ୍ଗ ସବୁକିଛି ନୂଆ ନୂଆ ଅନୁଭବ ହୁଏ । ନୂଆ ନୂଆ ଅନୁଭୂତିରେ ସେମାନେ ସିକ୍ତ ହୋଇ ଉଠନ୍ତି । ଉଚ୍ଛୁଳା ନଈ ପରି ଉଚ୍ଛୁଳି ଉଠନ୍ତି ସେମାନେ, କାହିଁ କେତେ କଳ୍ପନାର ଲୁଆର ସୃଷ୍ଟି ହୁଏ ମନ ମଧ୍ୟରେ, କେତେ କେତେ ସ୍ୱପ୍ନରେ ସେମାନଙ୍କର ମନ ଉଦ୍‌ବେଳିତ ହୋଇ ଉଠେ ମଧ୍ୟ, ସ୍ୱପ୍ନରେ ବିଭୋର ହୋଇ ଉଠନ୍ତି ଯୁବ ସମାଜ । ସେମାନେ ବୁଝିପାରନ୍ତି ନାହିଁ ଯେ ମଧୁମୟ ଯୌବନ ଚିରଦିନ ରହେ ନାହିଁ । ଏବଂ ଏହି ଅବୁଝାପଣରୁ ହିଁ ଅନେକ ଭୁଲ୍ ବାଟରେ ଗତି କରି ଆପଣାର ଜୀବନକୁ ବିପଦରେ ପକାନ୍ତି । ଯୁବ ସମାଜ ନିକଟରେ ବେଳେବେଳେ ଯୌବନାବସ୍ଥା ହିଁ ସେମାନଙ୍କୁ ସଙ୍କଟରେ ପକାଇଥାଏ । ବିଭିନ୍ନ ଦୃଷ୍ଟିକୋଣରୁ ବିଚାରକୁ ନେଲେ ଯୌବନାବସ୍ଥା ଏକ ସଙ୍କଟାପନ୍ନ ଅବସ୍ଥା ।

ଭାବ ବିଶ୍ୱାସରେ ଆମର ଇଷ୍ଟଦେବ 'ଠାକୁର ରାଜା'

।। ଡାକ୍ତର ସମ୍ରାଟ କର ।।

ଭାରତର ଅନ୍ୟାନ୍ୟ ରାଜବଂଶ ଅଶ୍ୱପତି, ନରପତି, ଛତ୍ରପତି ରୂପେ ସ୍ୱୀକୃତି ପାଇଥିବାବେଳେ ଓଡ଼ିଶାର ପୁରୀ ରାଜବଂଶ 'ଗଜପତି' ଉପାଧିରୁ ଭୂଷିତ ହୋଇଛନ୍ତି । ସୂର୍ଯ୍ୟବଂଶର ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମୟରୁ ଗଜପତି ପରମ୍ପରା ସୃଷ୍ଟି ହୋଇଛି । ଓଡ଼ିଆ ମାନଙ୍କ ଭାବ ବିଶ୍ୱାସ ଓ କୋଟି କୋଟି ଶ୍ରୀଜଗନ୍ନାଥଙ୍କ ଶ୍ରଦ୍ଧାଳୁ ତାଙ୍କୁ 'ଚଳନ୍ତି ବିଷ୍ଣୁ' ତ କେହି କେହି ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ, କେହି କେହି 'ଠାକୁର ରାଜା' ଏହିପରି ଭାବରେ ଡାକିଥାନ୍ତି । ଗଜପତି ହେଉଛନ୍ତି କୋଟି ରାଜାଙ୍କର ମଉଡମଣି । ଓଡ଼ିଆ ଲୋକ ବିଶ୍ୱାସରେ ଗଜପତି ମହାରାଜ ଆମର ଇଷ୍ଟଦେବ । ଓଡ଼ିଆ ଜନଜୀବନର ପ୍ରାଣକେନ୍ଦ୍ର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ଓ ମୁଖ୍ୟ ସେବକ । ଆଧ୍ୟାତ୍ମିକତା ଓ ପରମ୍ପରିକ ଭିତ୍ତିରେ ଶ୍ରୀମନ୍ଦିର ସହ ଗଜପତିଙ୍କ ସମ୍ପର୍କ ରହିଛି । ସ୍ୱାଧୀନତା ପରେ ଅର୍ଥାତ୍ ୧୯୫୨ ମସିହାରେ ଶ୍ରୀମନ୍ଦିର ଜଣେ ପ୍ରଶାସକଙ୍କ ଦ୍ୱାରା ପରିଚାଳିତ ହୋଇଥାଏ । କିନ୍ତୁ ଶ୍ରୀମନ୍ଦିର ପରିଚାଳନା କମିଟିର ସଭାପତି ହେଉଛନ୍ତି ଗଜପତି । ପୁରୀ ଗଜପତି ମହାରାଜା ମାନଙ୍କର ଶାସନ ଓ ଶ୍ରୀ ମନ୍ଦିର ଏବଂ ଶ୍ରୀଜଗନ୍ନାଥଙ୍କ ସେବାପୂଜା ଓଡ଼ିଶାର ଜନଜୀବନ ଏବଂ ଧର୍ମ ଚେତନାକୁ ପ୍ରଭାବିତ କରି ରଖିଛି । ଦେଶ ସ୍ୱାଧୀନତା ଲାଭ ପରେ ଯଦିଓ ଗଜପତିଙ୍କର ଶାସନ ଧୂମିଳ ହୋଇଯାଇଛି, ତଥାପି ଶ୍ରୀଜଗନ୍ନାଥଙ୍କ ସହ ତାଙ୍କର ସଂପୃକ୍ତି ସୁସ୍ପଷ୍ଟ । ଆଜି ବି ଓଡ଼ିଶାବାସୀ ପୁରୀ ଗଜପତି ମହାରାଜାଙ୍କୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ବିବେଚନା କରିଥାଆନ୍ତି । ସୂର୍ଯ୍ୟବଂଶର ପ୍ରତିଷ୍ଠାତା କପିଳେନ୍ଦ୍ର ଦେବ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର ଉପାଧି ଧାରଣ କରି ତାଙ୍କର ସାମ୍ରାଜ୍ୟକୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଅର୍ପଣ କରିଥିଲେ ।

ଗଜପତି ପରମ୍ପରା : ଏହି ପରମ୍ପରା ପ୍ରକୃତ ଅୟମାରମ୍ଭ କେବେ ଠାରୁ ସେ ସମ୍ପର୍କରେ ମତାନ୍ତର ରହିଛି ମାତ୍ର ଏହା ସତ୍ୟ ଯେ, ଗଜପତି ରାଜାମାନେ ଚାରିଟି ନାମରେ ନାମିତ । ପରମ୍ପରା ଅନୁଯାୟୀ ଜଣଙ୍କ ଅନ୍ତେ ଅନ୍ୟ ଜଣେ ଗଜପତି ଉପାଧିରେ ଭୂଷିତ ହୁଅନ୍ତି ଓ ପ୍ରଦତ୍ତ ନାମ ଧାରଣ କରନ୍ତି । ଚାରୋଟି ନାମଧାରୀ ଗଜପତି ହେଲେ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ, ଶ୍ରୀ ଶ୍ରୀ ମୁକୁନ୍ଦ ଦେବ, ଶ୍ରୀ ଶ୍ରୀ ବୀରକେଶରୀ ଦେବ, ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ । ଗଜପତି ମହାରାଜାଙ୍କ ପରି ମହାରାଣୀ ମାନଙ୍କର ନାମ ମଧ ପରିବର୍ତ୍ତନ ହୋଇଥାଏ ଯେପରି ଶ୍ରୀମତୀ ପଦ୍ମାବତୀ ପାଟ ମହାଦେଈ, ଶ୍ରୀମତୀ ଚନ୍ଦ୍ରମଣି ପାଟ ମହାଦେଈ, ଶ୍ରୀମତୀ ସୂର୍ଯ୍ୟମଣି ପାଟ ମହାଦେଈ, ଶ୍ରୀମତୀ ଲୀଳାବତୀ ପାଟ ମହାଦେଈ । ପରମ୍ପରା ଅନୁଯାୟୀ ରାଜ ସିଂହାସନ କେବେ ଶୂନ୍ୟ ରହେନାହିଁ । ଏହା ଏକ ବିରଳ ପରମ୍ପରା । ଗଜପତିଙ୍କ ସେବା ବଂଶାନୁକ୍ରମିକ । ଗଜପତି ମହାରାଜାଙ୍କ ଦେହାନ୍ତେ ତାଙ୍କର ଆତ୍ମଜ ଜ୍ୟେଷ୍ଠପୁତ୍ର କିମ୍ବା ପୋଷ୍ୟପୁତ୍ରଙ୍କୁ ଅଭିଷେକ କରାଯାଏ । ଆବଶ୍ୟକ ପଡ଼ିଲେ ମୁଦିରସ୍ତଙ୍କୁ ମଧ ସେବା ପୂଜାର ଦାୟିତ୍ୱ ବହନ କରିବାର ବିଧି ରହିଛି । କେବଳ ପୁରୁଷ ହିଁ ଉତ୍ତରାଧିକାର ହୋଇ ରାଜା ହୋଇପାରିବେ । ନୂତନ ଗଜପତି ଅଭିଷିକ୍ତ ହେବା ପରେ ତାଙ୍କର ପ୍ରଥମ ଦାୟିତ୍ୱ ହେଉଛି ପରଲୋକଗତ ଗଜପତିଙ୍କ ମୃତ ଶରୀରର ସତ୍କାର ପାଇଁ ବ୍ୟବସ୍ଥା କରାଇବା । ପରମ୍ପରା ଅଛି, ଯେ ପର୍ଯ୍ୟନ୍ତ ନୂତନ ଗଜପତି ରାଜଗାଦିରେ ଅଭିଷିକ୍ତ ହୋଇନାହାନ୍ତି ସେ ପର୍ଯ୍ୟନ୍ତ ପୂର୍ବ ଗଜପତିଙ୍କର ଶବ ସତ୍କାର ହୋଇପାରିବ ନାହିଁ ।

ଗଜପତିଙ୍କ ସେବା ପ୍ରାପ୍ୟ : ପ୍ରତ୍ୟହ ମଙ୍ଗଳ ଆଳତି, ପ୍ରସାଦ ଓ ପଦ୍ମତ୍ରବେଳେ ଶ୍ରୀଜଗନ୍ନାଥ ବାଡ଼ର ପଇଡ଼, ମାଳଚୂଳ ଆଦି ଶ୍ରୀନଅରକୁ ଯାଏ । ପାଳିଆ ମୁଖ ପଖାଳ ପଢ଼ିଆରୀ ଦୈନିକ ଅବକାଶ ଜଳ ଦେଇଥାଏ । ପ୍ରତ୍ୟେକ ଧୂପରେ, ପର୍ବପର୍ବାଣୀ, ଶ୍ରାଦ୍ଧ ଓ ସ୍ୱନକ୍ଷତ୍ରରେ ବଡୁ ମହାପାତ୍ର ନଅରକୁ ଡାଟ ନେଇଯାଏ । ଏତଦବ୍ୟତୀତ ରାଜା, ରାଣୀ ଓ ତାଙ୍କର ସନ୍ତାନଙ୍କ ଜନ୍ମ ଦିନରେ ମନ୍ଦିରରେ ଅଧିକା ଭୋଗ ହୋଇ ନଅରକୁ ଡାଟ ଯାଏ । ବର୍ତ୍ତମାନ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗଜପତି ମହାରାଜାଙ୍କୁ ମାସିକ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ସମ୍ମାନ ସ୍ୱରୂପ ପ୍ରଦାନ କରାଯାଉଛି ।

ଗଜପତି ଓ ଶ୍ରୀଜଗନ୍ନାଥ : ଶ୍ରୀଜଗନ୍ନାଥଙ୍କ ସହ ଗଜପତି ମହାରାଜାଙ୍କ ସମ୍ପର୍କ ଅତ୍ୟନ୍ତ ଅନ୍ତରଙ୍ଗ ଓ ବହୁ ପ୍ରାଚୀନ । ପ୍ରାଚୀନ କାଳରୁ ଗଜପତି ମହାରାଜାମାନେ ଶ୍ରୀଜଗନ୍ନାଥଙ୍କୁ ଉତ୍କଳର ରାଜା ତଥା ଆରାଧ୍ୟ ଦେବତା ଭାବରେ ସ୍ୱୀକାର କରିବା ସହ ତାଙ୍କରି ଅଧୀନରେ ରହି ଶାସନଭାର ଗ୍ରହଣ କରିଥିଲେ । ମହାପ୍ରଭୁଙ୍କ ଠାରେ ସମସ୍ତ ଆଦେଶନାମା ପ୍ରକାଶ କରି ତାଙ୍କ ଅନୁମୋଦନକ୍ରମେ ରାଜ୍ୟ ଶାସନ ଚଳାଉଥିଲେ । ଗଜପତି ମହାରାଜାମାନେ ଯେପରି ବୀର ଥିଲେ ସେପରି ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ଥିଲେ । ଶ୍ରୀଜଗନ୍ନାଥଙ୍କ ପ୍ରତି ଥିଲା ସେମାନଙ୍କର ଅଖଣ୍ଡ ବିଶ୍ୱାସ । କୌଣସି ସମସ୍ୟାର ସମ୍ମୁଖୀନ ହେଲେ ନିଜର ଇଷ୍ଟଦେବ ଶ୍ରୀଜଗନ୍ନାଥଙ୍କ ଚରଣାବିନ୍ଦରେ ଆଶ୍ରୟ ନେଉଥିଲେ ।

ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗ ଦେବଙ୍କ ପୁତ୍ର ଦ୍ୱିତୀୟ ଅନଙ୍ଗଭୀମ ଦେବ ୧୨୩୬ ଖ୍ରୀ.ଅ.ରେ ଏକ ଶିଳାଲେଖରେ ନିଜକୁ ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କର 'ରାଉତ' ବା 'ସେବକ' ବୋଲି ଉଲ୍ଲେଖ କରିଛନ୍ତି । ଅନ୍ୟ ଏକ ଶିଳାଲେଖରେ ତାଙ୍କର ପୁତ୍ର ନରସିଂହଦେବ (୧ମ) ନିଜକୁ 'ପୁରୁଷୋତ୍ତମ ପୁତ୍ର' ଭାବେ ଅଭିହିତ କରିଛନ୍ତି । ଅନଙ୍ଗଭୀମ ଦେବଙ୍କ ଅଣନାତି ଭାନୁଦେବ (୨ୟ) ନିଜକୁ ଶ୍ରୀଜଗନ୍ନାଥଙ୍କ 'ପ୍ରଭୁ' ବା 'ସ୍ୱାମୀ' ଭାବରେ ସ୍ୱୀକାର କରିଛନ୍ତି । ସୂର୍ଯ୍ୟବଂଶୀ ରାଜା ଗଜପତି କପିଳେନ୍ଦ୍ର ଦେବ ଶ୍ରୀଜଗନ୍ନାଥଙ୍କୁ 'ରାଷ୍ଟ୍ର ଦେବତା' ବା 'ଜାତୀୟ ଦେବତା' ଭାବେ ମାନିଛନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ଶିଳାଲେଖରେ ମହାରାଜା ପ୍ରତାପରୁଦ୍ର ଦେବ ଘୋଷଣା କରିଛନ୍ତି ଯେ ତାଙ୍କର ଆଦେଶ ଅମାନ୍ୟ କଲେ 'ଶ୍ରୀଜଗନ୍ନାଥ ଦ୍ରୋହ' ହେବ । ଏଥିରୁ ସ୍ପଷ୍ଟ ଅନୁମେୟ, ଗଜପତି ମହାରାଜାମାନେ ସବୁବେଳେ ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ରଦେବତା ବା ରାଷ୍ଟ୍ରମୁଖ୍ୟ ଭାବରେ ଗ୍ରହଣ କରି ତାଙ୍କର ସେବକ ବା ଭୃତ୍ୟ ଭାବରେ ରହିବାକୁ ପସନ୍ଦ କରିଛନ୍ତି । ଶାସନ ସଂକ୍ରାନ୍ତରେ ପୁରୁଷୋତ୍ତମ ହିଁ ଉତ୍କଳଖଣ୍ଡର ସର୍ବଶ୍ରେଷ୍ଠ ପୁରୁଷ ଭାବରେ କଳ୍ପିତ ହୋଇଛନ୍ତି । ବାସ୍ତବରେ ସେ ହେଉଛନ୍ତି ଉତ୍କଳର ଯଥାର୍ଥ ଶାସନକର୍ତ୍ତା ଓ ସର୍ବଶ୍ରେଷ୍ଠ ଦେବତା ।

ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍, ପୁରୀଘାଟ ରୋଡ଼,
କଟକ,
ଦୂରଭାଷ;୯୧୩୨୪୩୩୩୩୩

ଗଣ ଆନ୍ଦୋଳନ-୨

।। ପଙ୍କଜ କୁମାର ପାଣିଗ୍ରାହୀ ।।

ଗଣ ଆନ୍ଦୋଳନର ପରିଭାଷା ପ୍ରକଟ କରିଥାଏ, ଯେ ବିଉରକ ଜଣେ ଅବୁଝା ମଣିଷ ଯାହାଙ୍କ ଶାସନ ଏକ ଜନ ବିରୋଧୀ କାର୍ଯ୍ୟ ମଧ୍ୟରେ ସମାହିତ । ଶାସକ ରାଜା ଯଦି ଅଖଣ୍ଡ କ୍ଷମତାଧାରୀ ହୋଇଥା'ନ୍ତି ଏବଂ ସମ୍ପୃକ୍ତ ଆନ୍ଦୋଳନକାରୀ ନିଜର ନ୍ୟାର୍ଯ୍ୟ ଦାବି ଗୁଡିକ ଉପସ୍ଥାପନ କଲେ ମଧ କୌଣସି କର୍ଣ୍ଣପାତ କରାଯାଇ ନଥାଏ ତାହେଲେ ହିଂସାତ୍ମକ ପରିବେଶ ସୃଷ୍ଟି ହୋଇଥାଏ ଅନେକ ସମୟରେ । ହିଂସାତ୍ମକ ଜନତାଙ୍କୁ ବିରୋଧ କରି ଶାସକ ରାଜା ପ୍ରତିହିଂସା ପରାୟଣ ହୋଇ ଯେଉଁ କିଛି ବିଷୟ ବିଉରକୁ ନେବା ପାଇଁ କେତେବେଳେ ଚେତନାସିକ୍ତ ହେବା କଥା ସେଗୁଡିକୁ ମଧ ବାଜ୍ୟାପ୍ତ କରିଥା'ନ୍ତି ପ୍ରକାଣ୍ଡ ଆଇନର ଧାରା ଲଗାଇ । ସେହିଭଳି ପରିସ୍ଥିତିରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ପ୍ରତ୍ୟାହତ ହୋଇ ପୁନର୍ବାର ନିଜସ୍ୱ ସୀମା ମଧ୍ୟରେ ରହି ଜୀବନ ବଂଚିବାର ସୁଯୋଗ ଲୋଡୁଥିବା ବେଳେ ରାଜାଙ୍କ ଆହୁରି କାଠର ନୀତି ଗୁଡିଏ ସେମାନଙ୍କ ଉପରେ ପ୍ରଭାବିତ କରି ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଥାଏ ଯାହାକୁ ସାଧାରଣ ଜନତା ସହ୍ୟ କରିବା କଠୋର ହୋଇପଡେ । ତେଣୁ ଗଣତନ୍ତ୍ର ବିହୀନ ରାଜତନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ନିଜର ଗୁହାରି ଜଣାଇବା ପାଇଁ ନିଷ୍ପତ୍ତି ନିଆଯିବା ପୂର୍ବରୁ ବହୁବାର ବିଉର କରି ସମ୍ପୃକ୍ତ ରାଜାଙ୍କ ବିଉରଶୀଳ ମନ୍ତବ୍ୟ ଗୁଡିକୁ ତନଖି ନିଜର ଦାବି ଉପସ୍ଥାପନ କରାଯିବା ବାଞ୍ଛନୀୟ । ଅନ୍ୟଥା କେବଳ ନିଜର ଅର୍ଥ, ଭାବାବେଗ ତଥା ବହୁ ମୂଲ୍ୟ ସମୟ ନଷ୍ଟ କରି ଶେଷରେ ପରାଜୟ ସ୍ୱୀକାର କରିବାକୁ ପଡିବ, ଏ କଥାକୁ ଭୁଲିଯିବାକୁ ହେବନାହିଁ । ଆମ ଦେଶର ଶାସନ ତନ୍ତ୍ର ବିଷୟରେ ବିଉର କରି ଦେଖିଲେ ଜାଣିହେବ, ଯେ ଏହା ଭାରତୀୟ ସାଂସ୍କୃତିକ ବିଉରଧାରା ତଥା ଭାରତୀୟ ଆର୍ଯ୍ୟ ପରମ୍ପରା ରହିତ କେବଳ ଇଂରେଜ ଶାସନର ଏକ ନକଲ ମାତ୍ର ଯେଉଁଥିରେ ଜନବିରୋଧି ରାଜତନ୍ତ୍ରିକ ପରିଭାଷା ୯୦ ସତକଡ଼ାରୁ ଅଧିକ ରହିଥିବା ବେଳେ ଜନସ୍ୱାର୍ଥ ଉଦ୍ଦେଶ୍ୟରେ କେବଳ ୧୦ ସତକଡ଼ାରୁ କମ୍ ନିୟାମକ ଗୁଡିଏ ଦେଖିବାକୁ ମିଳିବ । କେଉଁ ସମୟରେ ବ୍ରିଟେନରେ ସାଧାରଣ ମଣିଷଙ୍କ ଦ୍ୱାରା କୌଣସି କାରଣରେ ତେଜି ଉଠିଥିବା ଗଣତନ୍ତ୍ର ବୋଲି ଏକ ଶବ୍ଦକୁ ଅତ୍ୟନ୍ତ ଷଡ଼ଯନ୍ତ୍ରୀକ ଉପାୟରେ ଲେଖାଯାଇ ଲୋକଙ୍କୁ ଭୁଆଁ ବୁଲାଇ ପ୍ରସ୍ତୁତ ସେମାନଙ୍କ ସମ୍ବିଧାନ ଏକ ଗଣତାନ୍ତ୍ରିକ ସମ୍ବିଧାନ ନୁହେଁ । କାରଣ ଭାରତୀୟଙ୍କ ଠାରୁ ଇଂରେଜ ମାନଙ୍କ ମାନବିକ ଚେତନା ଜ୍ଞାନ ଖୁବ୍ କମ୍ ରହିଥିବା ବେଳେ ସେମାନଙ୍କ ଅନ୍ୟାନ୍ୟ ପାର୍ଥିବ ତଥା ବୈଜ୍ଞାନିକ ଏବଂ କୂଟନୀତି ଜ୍ଞାନ କୌଶଳ ଭାରତୀୟଙ୍କ ଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । ତେଣୁ ସେମାନଙ୍କ କୂଟନୈତିକ ଜ୍ଞାନ କୌଶଳରୁ ଉଦ୍ଭୁତ ସମ୍ବିଧାନ ଏକ ମାନବ ପ୍ରେମୀ ସାମ୍ବିଧାନିକ ପ୍ରେରଣା ଦେବାରେ ବିଫଳ ନିଶ୍ଚିତ । ସେମାନଙ୍କ ମାନବିକ ଚେତନା ଜ୍ଞାନ ଅତ୍ୟନ୍ତ କ୍ରୁର ଏବଂ କଠୋର । ସେମାନଙ୍କ ସମୟ ସାପେକ୍ଷ କଠୋର ନୀତି ଗୁଡିକୁ ସାମ୍ବିଧାନିକ କ୍ଷେତ୍ରରେ ପ୍ରାୟୋଜିତ କରି ଯେଉଁ ସମ୍ବିଧାନ ଲେଖା ଯାଇଅଛି ତାକୁ ଏକ ଗଣତାନ୍ତ୍ରିକ ସମ୍ବିଧାନର ଆଖ୍ୟା ଦେଇ ତାର ପ୍ରତିଲିପିକୁ ଆମ ଦେଶର ଏକ ଗଣତାନ୍ତ୍ରିକ ସମ୍ବିଧାନ କହିବା ଏକ ହାସ୍ୟାସ୍ପଦର ବିଷୟ ଯାହା ଏପର୍ଯ୍ୟନ୍ତ କେହି ଭଲଭାବେ ବୁଝି ନାହାନ୍ତି । ତେଣୁ ଆମ ଦେଶରେ ଗଣତନ୍ତ୍ର ନଥିଲା, ନାହିଁ କି ଆଗକୁ ମଧ କେବେ ରହିବ କି ନାହିଁ ସନ୍ଦେହୀ ଏହିଭଳି ପରିସ୍ଥିତି ପରିବେଶରେ ଆମେ ନିଜକୁ ଏକ ଗଣତନ୍ତ୍ର ରାଷ୍ଟ୍ରର ସଦସ୍ୟ ବୋଲି ସାନ୍ତ୍ୱନା ଦେଇ ଯେଉଁ ପଥ ଅତିକ୍ରମ କରିଗଲିଣି ଅଥବା ବିଭିନ୍ନ ସମୟରେ ଆରୋହିତ ଶାସକ ରାଜାଙ୍କ ନିକଟରେ ସାଧାରଣ ଦାବି ଗୁଡିକ ଉପସ୍ଥାପନ କରୁଛେ ସେଗୁଡିକ କେତେ ବିଉରକୁ ନିଆଯିବ ଖୁବ୍ ଅନୁମେୟ । ଏକ ଦର୍ଶନୀ ଗଣତନ୍ତ୍ରରେ ରାଜତନ୍ତ୍ରିକ ଶାସନ ବ୍ୟବସ୍ଥାରେ ସାଧାରଣ ମଣିଷ ସମୂହ ନିଷ୍ପେସିତ ହୋଇ ରହିବା ଅତ୍ୟନ୍ତ ଧାର୍ଯ୍ୟ ଯାହା ପିଢ଼ିକୁ ପିଢ଼ି ଆମେ ସହ୍ୟ କରି ଅସୁଅଛେ, ରାଜତନ୍ତ୍ରର ଉତ୍ଥାନ ତଥା ପରାଧିନ ଏବଂ ସ୍ୱାଧୀନ ହେବା ଠାରୁ ଅଦ୍ୟାବଧି । ଏଠି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଚିନ୍ତାଧାରା ବିଶିଷ୍ଟ ଶାସକ ରାଜା ଦଳ ସାଧାରଣ ଲୋକଙ୍କୁ ମଧୁର ବଚନ କହି ଯେଉଁ ମତ ଗ୍ରହଣ ପୂର୍ବକ ନିଜକୁ ଶାସକ ରାଜା ଭାବେ ପ୍ରତିପାଦିତ କରୁଛନ୍ତି ଏବଂ ସେମାନଙ୍କ ପିଢ଼ିକୁ ପିଢ଼ି ଯେଉଁ ବର୍ବରତାର ସହିତ ଶାସନ କରି ସାଧାରଣ ଲୋକଙ୍କୁ ପ୍ରତାରିତ କରି ରଖିଛନ୍ତି ସେଗୁଡିକର ଶେଷ ଆଉ ନାହିଁ ବୋଧେ ?। ଏକ ବ୍ୟାପକ ଜନଜାଗରଣ ତଥା ସାମୁହିକ ମୁକାବିଲା ପରିସ୍ଥିତି ସାପେକ୍ଷ ଜନ ଆନ୍ଦୋଳନ ନହେବା ପର୍ଯ୍ୟନ୍ତ ଦେଶରୁ ରାଜତନ୍ତ୍ର ହଟିବ ନାହିଁ ଏ କଥାରେ କୌଣସି ଦ୍ୱିମତ ନାହିଁ । ସବୁ ବର୍ଗର ସମସ୍ତ ସାଧାରଣ ଲୋକେ ଏକତ୍ରିତ ହୋଇ ଏକ ବିଶାଳ ଜନ ଆନ୍ଦୋଳନ ନକରିବା ପର୍ଯ୍ୟନ୍ତ ଏମିତି କୌଣସି ସାମ୍ପ୍ରଦାୟୀକ କିମ୍ବା ଗୋଷ୍ଠିଗତ ଆନ୍ଦୋଳନକୁ କେହି ଧ୍ୟାନ ଦେବେନାହିଁ । ସ୍ୱାର୍ଥ ପୂରଣ ହେବା ସମ୍ଭାବନା ଖୁବ୍ କମ୍ ନିଶ୍ଚୟ । ତେଣୁ ଜନ ଆନ୍ଦୋଳନ କରିବା ପୂର୍ବରୁ ପ୍ରଥମେ ନିଜ ଚତୁର୍ପାର୍ଶ୍ୱର ପରିବେଶ ପରିସ୍ଥିତି କୁ ଧ୍ୟାନ ନଦେଇ ଯେକୌଣସି ମୁହୂର୍ତ୍ତରେ ଏକ ସାଙ୍ଗଠନିକ ଆନ୍ଦୋଳନ କରି ୧ ପ୍ରତିଶତ ଗୋଷ୍ଠୀ ମଧ କୃତକାର୍ଯ୍ୟ ହେଉନଥିବା ଦେଖିବାକୁ ମିଳିବ ସଠିକ ଆକଳନ କଲେ । ସବୁ ମଣିଷଙ୍କ ମନରେ ଜାଗ୍ରତ ହେଉଥିବା ସିଂହରଣ ଗୁଡିକ କେବଳ ସୀମିତ ଗୋଷ୍ଠୀଙ୍କ ମଧ୍ୟରେ ରହି ଆନ୍ଦୋଳନ କରିବାରେ କେହି ତାକୁ ଖାତିରି କରିବେ ନାହିଁ, କରୁନାହାନ୍ତି ମଧ ଯାହା ସମସ୍ତେ ଦେଖୁଛନ୍ତି, ଜାଣୁଛନ୍ତି । ତଥାପି ଆଶା ଯେ ମଣିଷର ଅପାର, ଆମେ କିଛି କରିବୁ ଆଉ ମାତ୍ର ସ୍ୱାର୍ଥ ହାସଲ କରିବା ଯାହା ଅନେକାଂଶରେ ବିଫଳ ହେଉଛି ଆଜି ସମୟରେ । (କ୍ରମଶଃ)

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦.
ଦୂରଭାଷ.:୯୪୩୭୩୨୪୯୧୭.

ପିତାମାତାଙ୍କ ସେବା ପରମ ଧର୍ମ

।। ସୁରେଶ କୁମାର ନାୟକ ।।

ପୁଅ/ଝିଅ ମାନେ ଯେତେ ଭୁଲ କଲେ ବି ବାପା ମାଆ ସବୁ ସମୟରେ ସେମାନଙ୍କୁ କ୍ଷମା କରିଦିଅନ୍ତି । ଆଉ କେବେ ଭୁଲ ନକରିବାକୁ ପରାମର୍ଶ ଦିଅନ୍ତି । ତେଣୁ ଛୋଟବେଳୁ ପିଲାମାନଙ୍କୁ ଶିକ୍ଷା ଦିଆଯାଏ ଯେ ପିତାମାତାଙ୍କୁ ଭକ୍ତି କରିବା ପାଇଁ ଓ ସେମାନଙ୍କ ସେବା ଯତ୍ନ କରିବା ପାଇଁ । କିନ୍ତୁ ସମୟକ୍ରମେ ସମୟ ବଦଳିବା ସହିତ ଅନେକ କିଛିରେ ପରିବର୍ତ୍ତନ ଘଟିଛି । ଏବେ ବାପାମାଆ ବୃଦ୍ଧାବୃଦ୍ଧୀ ହୋଇଗଲେ ସେମାନଙ୍କୁ ଜରାଶ୍ରମରେ ଛାଡ଼ି ଦିଆଯାଉଛି । କିନ୍ତୁ ପ୍ରତିଟି ପିତାମାତାଙ୍କର ଇଚ୍ଛା ଥାଏ ସେମାନେ ଶେଷ ସମୟରେ ନିଜ ପୁଅବୋହୂଙ୍କ ସହିତ ଦିନ କାଟିବେ । ଗରୁଡ଼ ପୁରାଣରେ ବର୍ଣ୍ଣିତ ହୋଇଛି ସମସ୍ତ ପ୍ରକାର ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ କର୍ମ, ଭୋଗ, ସୁଖ ଓ ଐଶ୍ୱର୍ଯ୍ୟର ଅଧିଷ୍ଠାନ ହେଉଛି ଶରୀର । ଏହି ଶରୀର ପିତାମାତାଙ୍କ ଦ୍ୱାରା ସୃଷ୍ଟି । ଏଣୁ ସବୁପ୍ରକାର ଯତ୍ନ ସହ ପିତୃ ମାତୃ ସେବା କରିବା ଉଚିତ । 'ତସ୍ମାତ୍ ସର୍ବ ପ୍ରଯତ୍ନେ ପୂଜୟେତ୍ ପିତରୌ ସଦା' । ପଦ୍ମ ପୁରାଣ କୁହାଯାଇଛି 'ପିତା ସ୍ୱର୍ଗ, ପିତା ଧର୍ମ, ପିତା ତପ, ପିତାଧର୍ମଃ, ପିତାସ୍ୱର୍ଗଃ ପିତା ହି ପରମତପଃ । ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ପଦ୍ମ ପୁରାଣରେ ପୁଣି ଉଲ୍ଲେଖ ଅଛି ପିତାମାତାଙ୍କୁ ଅଙ୍ଗହୀନ, ଦୀନ, ବୃଦ୍ଧ, ରୋଗଗ୍ରସ୍ତ, ଦୁଃଖିତ ଅବସ୍ଥାରେ ଯେଉଁ ଅଧମ ସନ୍ତାନ ଛାଡ଼ି ପଳାଏ ବା ସେବା ସହାୟତା କରେ ନାହିଁ, ସେ ସନ୍ତାନ ଘୋର କୀଟଯୁକ୍ତ ନର୍କରେ ପଡ଼େ । ମନୁସ୍ମୃତିରେ ଉଲ୍ଲେଖ ଅଛି ସନ୍ତାନକୁ ଲାଳନପାଳନ କରି ଗଢ଼ି ତୋଳିବାରେ ପିତାମାତା ଯେଉଁ ତ୍ୟାଗ କରନ୍ତି, ସେ ଋଣ ଶହେବର୍ଷ ଚେଷ୍ଟା କଲେ ବି ସନ୍ତାନ ପରିଶୋଧ କରିପାରେନାହିଁ । ସେଥିପାଇଁ ମନୁଷ୍ୟ ଜନ୍ମ ହୋଇ ପିତୃଋଣ ପରିଶୋଧ କରିବାକୁ ତା'ର ସନ୍ତାନକୁ ଭଲ ମଣିଷ କରିବାକୁ ଚେଷ୍ଟା କରେ । ଏଣୁ ଯେତେ କଷ୍ଟ ଆସିଲେ ବି ପିତାମାତାଙ୍କୁ ଭୁଲି ଯିବା ଉଚିତ ନୁହେଁ । ଆମେ ସମସ୍ତେ ମନେରଖିବା ଉଚିତ ଯେ ପିତାମାତା ହେଉଛନ୍ତି ଆମପାଇଁ ସବୁଠାରୁ ମୂଲ୍ୟବାନ ଭଗବାନଙ୍କ ପ୍ରଦତ୍ତ ଉପହାର ସେମାନେ ସ୍ୱୟଂ ଆମ ପାଇଁ ଚଳନ୍ତି ଦେବତା ସଦୃଶ । ଜୀବନର ପ୍ରତିଟି ମୁହୂର୍ତ୍ତରେ ସେମାନଙ୍କୁ ଖୁସିରେ ରଖିବା ଆମ୍ଭ ମାନଙ୍କର ଜୀବନ ଧର୍ମ ହେବା ମାନବିକତାର ଶ୍ରେଷ୍ଠ ଓ ମୂଲ୍ୟବାନ ଜୀବନ ଆଦର୍ଶ କହିଲେ ଅତ୍ୟୁକ୍ତି ହେବନାହିଁ । କୁହାଯାଏ ଯେଉଁ ପିଲା ତାଙ୍କ ପିତାମାତାଙ୍କୁ ସନ୍ତୁଷ୍ଟ ରଖିଥାଏ ତାଙ୍କ ସେବାଯତ୍ନ କରି ଧର୍ମ ପ୍ରାପ୍ତ ହୋଇଥାଏ ତାଙ୍କ ଜୀବନରେ ସେ ଜଣେ ଅନ୍ୟତମ ଶ୍ରେଷ୍ଠ ପୁଣ୍ୟବାନ ବୋଲି ବିଚାର କରାଯାଏ । ପିତାମାତାଙ୍କ ସେବା କରିବା ପରମ ଧର୍ମ ହେଉ । ଏହି ମର୍ମରେ ମନେପଡୁଛି ମଧୁସୂଦନଙ୍କ କାଳଜୟୀ ଧାଡ଼ିଟି - 'ପିତାମାତା ଗୁରୁଜନ ଦେବତା ସମାନ, ତାଙ୍କୁ ଭକ୍ତିଭରେ ସେବି ହେବି ସୁସନ୍ତାନ ।' ଗୋଦାବରୀଶ ମହାପାତ୍ରଙ୍କ ଅମର ଲେଖନୀଟି ହେଉଛି - 'ପିତାମାତା ଜୀବନରେ ପ୍ରତ୍ୟକ୍ଷ ଦେବତା, ଜୀବନ ସମ୍ବଳ, ସୁଖ ସମ୍ପଦ ବିଧାତା । ନିର୍ବିକାର ଚିତ୍ତେ ପୁଣି ଅମ୍ଳାନ ବଦନେ, ପାଳନ୍ତି ସନ୍ତାନେ ସେହୁ ପରମ ଯତନେ ।।'

ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ,
ସେକ୍ଟର-୯, ସିଡିଏ, କଟକ

ଅଧର୍ମ ବିନାଶକାରୀ ଭଗବାନ ନୃସିଂହ : ନମଇଁ ନୃସିଂହ ଚରଣ.......

।। ଅଜୟ କୁମାର ବେହେରା ।।

ବୈଶାଖ ମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ଭଗବାନ ନୃସିଂହଙ୍କ ଜୟନ୍ତୀ ପାଳନ କରାଯାଇଥାଏ । ମହାନୃସିଂହ ହେଉଛନ୍ତି ଶକ୍ତିର ଦେବତା । ପୌରାଣିକ ମାନ୍ୟତା ଅନୁଯାୟୀ, ଉପରୋକ୍ତ ପବିତ୍ର ତିଥିରେ ଶ୍ରୀହରି ବିଷ୍ଣୁ ନୃସିଂହ ଅବତାରରେ ପ୍ରକଟ ହୋଇଥିଲେ । ସେ ଦୈତ୍ୟରାଜ ହିରଣ୍ୟକଶିପୁର ବଧ କରିଥିଲେ । ଭଗବାନ ବିଷ୍ଣୁ ଅଧର୍ମ ନାଶ କରିବା ଲାଗି ଅନେକ ଅବତାର ନେଇଛନ୍ତି । ସେ ଅବତାର ନେବା ପରେ ପୃଥିବୀରେ ଧର୍ମ ପ୍ରତିଷ୍ଠା ହୋଇଛି । ଶ୍ରୀବିଷ୍ଣୁ ସର୍ବଦା ନିଜ ଭକ୍ତମାନଙ୍କୁ ସଂକଟରୁ ରକ୍ଷା କରିଥାନ୍ତି । ଶ୍ରୀମଦ୍ ଭାଗବତରେ ଆରମ୍ଭରୁ ଭଗବାନ ନୃସିଂହଙ୍କୁ ସ୍ତୁତି କରାଯାଇ ଲେଖାଯାଇଛି 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ।

ଅଧର୍ମର ବିନାଶ ଲାଗି ଶ୍ରୀହରି ନେଇଥିବା ବିଭିନ୍ନ ଅବତାର ମଧ୍ୟରୁ ନୃସିଂହ ଅବତାରରେ ସେ ଦୈତ୍ୟରାଜ ହିରଣ୍ୟକଶିପୁର ବିନାଶ କରିଥିଲେ । ଧାର୍ମିକ ଗ୍ରନ୍ଥରେ ଥିବା ବର୍ଣ୍ଣନା ଅନୁଯାୟୀ, ଦୈତ୍ୟରାଜ ହିରଣ୍ୟକଶିପୁ ନିଜକୁ ଭଗବାନଙ୍କ ଠାରୁ ଅଧିକ ଶକ୍ତିଶାଳୀ ବୋଲି ଭାବୁଥିଲା । ସେ ବ୍ରହ୍ମାଙ୍କ ଠାରୁ ବରଦାନ ପାଇଥିଲା । ତାକୁ ମନୁଷ୍ୟ, ଦେବତା, ପକ୍ଷୀ, ପଶୁ ମାରିପାରିବେ ନାହିଁ । ଦିନରେ, ରାତିରେ, ଭୂମିରେ, ଆକାଶରେ, ଅସ୍ତ୍ରରେ କିମ୍ବା ଶସ୍ତ୍ରରେ ସେ ମରିବ ନାହିଁ ବୋଲି ବର ପାଇଥିଲା । ଏହି ବର ପାଇଁ ସେ ଅହଂକାରୀ ହୋଇ ଉଠିଥିଲା । ତା'ର ରାଜ୍ୟରେ ଭଗବାନ ବିଷ୍ଣୁଙ୍କୁ ପୂଜା କରୁଥିବା ଲୋକଙ୍କୁ ସେ ଦଣ୍ଡ ଦେଉଥିଲା । ହିରଣ୍ୟକଶିପୁର ପୁତ୍ର ଥିଲେ ପ୍ରହ୍ଲାଦ । ପ୍ରହ୍ଲାଦ ପିଲାଦିନୁ ଭଗବାନ ବିଷ୍ଣୁଙ୍କର ପରମଭକ୍ତ ଥିଲେ । ଏହି କଥା ଜାଣିବା ପରେ ହିରଣ୍ୟକଶିପୁ କ୍ରୋଧିତ ହୋଇପଡ଼ିଥିଲା । ସେ ପ୍ରହ୍ଲାଦଙ୍କୁ ବୁଝାଇଲା । କହିଲା, ବିଷ୍ଣୁଙ୍କୁ ଛାଡ଼ି ମୋତେ ପୂଜା କର । ମାତ୍ର ପ୍ରହ୍ଲାଦ ଏଥିପାଇଁ ରାଜି ହେଲେ ନାହିଁ । ହିରଣ୍ୟକଶିପୁ ନିଜ ପୁତ୍ରକୁ ମୃତ୍ୟୁଦଣ୍ଡ ଦେଲା । କିନ୍ତୁ ଭଗବାନଙ୍କ ଚମତ୍କାର ଯୋଗୁ ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ । ଭଉଣୀ ହୋଲିକା କୋଳରେ ବସାଇ ପ୍ରହ୍ଲାଦଙ୍କୁ ମାରିବାକୁ ଚାହିଁଲା ହିରଣ୍ୟକଶିପୁ । ମାତ୍ର ନିଆଁରେ ହୋଲିକା ପୋଡ଼ିମଲା । ପ୍ରହ୍ଲାଦଙ୍କର କୌଣସି କ୍ଷତି ହେଲା ନାହିଁ ।

ଶ୍ରୀବିଷ୍ଣୁଙ୍କର ଦଶ ଅବତାର ମଧ୍ୟରେ ଭଗବାନ ନୃସିଂହ ଚତୁର୍ଥ ଅବତାର ଅଟନ୍ତି । ସିଂହ ଭଳି ମସ୍ତକ ଏବଂ ମନୁଷ୍ୟ ଶରୀର ଧାରଣ କରି ପ୍ରଭୁ ନୃସିଂହ ବୈଶାଖ ମାସ ଶୁକ୍ଳ ଚତୁର୍ଦ୍ଦଶୀରେ ଆବିର୍ଭୂତ ହୋଇଥିଲେ । ଭକ୍ତ ପ୍ରହ୍ଲାଦଙ୍କୁ ନିର୍ଯାତନା ମୁକ୍ତ କରିବା ପାଇଁ ପ୍ରଭୁ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି ରାକ୍ଷସରାଜ ହିରଣ୍ୟକଶିପୁର ବଧ କରିଥିବା ପୁରାଣରେ ବର୍ଣ୍ଣନା ରହିଛି । ନୃସିଂହ ପୁରାଣରେ ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ନୃସିଂହ ବ୍ରତ ଏବଂ ପୂଜାର ଫଳ କଥା ବର୍ଣ୍ଣନା କରାଯାଇଛି । ଏଥିରେ ଭକ୍ତ ପ୍ରହ୍ଲାଦଙ୍କ ଭକ୍ତି ବିଷୟରେ ପ୍ରଭୁ ନୃସିଂହ କହିଛନ୍ତି ପୂର୍ବ ଜନ୍ମରେ ଅବନ୍ତୁ ନଗରୀରେ ବାସ କରୁଥିବା ସୁଜ୍ଞାନୀ ବ୍ରାହ୍ମଣ ବସୁ ଶର୍ମାଙ୍କ ପୁତ୍ର ଥିଲେ ପ୍ରହ୍ଲାଦ । ବିଦ୍ୟା ଅଧ୍ୟୟନ ଛାଡ଼ି ସେ ସୁରାପାନ ଏବଂ ଗଣିକାଳୟ ଗମନ ଆଦି କୁକର୍ମରେ ଲିପ୍ତ ରହିଥିଲେ । ଏକଦା ଗଣିକାଙ୍କ ସହ କଳହ କରି ସେ ସେହି ଦିନ ଉପବାସ ଏବଂ ରାତି ଜାଗରଣ ରହିଲେ । ଉକ୍ତ ଗଣିକା ମଧ ତାଙ୍କ ସହ ଜାଗରଣ ରହିଲା । ଭାଗ୍ୟକୁ ସେଦିନ ଥିଲା ବୈଶାଖ ଶୁକ୍ଳ ଚତୁର୍ଦ୍ଦଶୀ ।

ନୃସିଂହ ଜୟନ୍ତୀ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ ଆଦି କର୍ମରୁ ନିବୃତ୍ତ ହୋଇ ସ୍ୱଚ୍ଛ ବସ୍ତ୍ର ଧାରଣ କରିବା ଉଚିତ । ଭଗବାନ ନୃସିଂହଙ୍କୁ ବିଧିବିଧାନ ଅନୁଯାୟୀ ପୂଜା କରିବା ଆବଶ୍ୟକ । ଭଗବାନ ନୃସିଂହଙ୍କ ସହିତ ଦେବୀ ଲକ୍ଷ୍ମୀଙ୍କ ମୂର୍ତ୍ତି ସ୍ଥାପନ କରନ୍ତୁ । ଏହା ପରେ ମନ୍ତ୍ର ଉଚ୍ଚାରଣ କରି ଭଗବାନ ନୃସିଂହଙ୍କ ଷୋଡ଼ଶୋପଚାର ପୂଜା କରନ୍ତୁ । ଭଗବାନ ନୃସିଂହଙ୍କ ପୂଜା ନିମନ୍ତେ ଫଳ, ଫୁଲ, କୁଙ୍କୁମ, କେସର, ଶ୍ରୀଫଳ, ଅକ୍ଷତ, ପୀତାମ୍ବର ରଖିବା ଉଚିତ । ଗଙ୍ଗାଜଳ, କଳା ରାଶି, ପଂଚଗବ୍ୟ ଏବଂ ହୋମ ଆଦି ସାମଗ୍ରୀ ମଧ ପୂଜାରେ ଉପଯୋଗ କରାଯାଇପାରିବ । ଭଗବାନ ନୃସିଂହଙ୍କୁ ପ୍ରସନ୍ନ କରିବା ଲାଗି ନୃସିଂହ ଗାୟତ୍ରୀ ମନ୍ତ୍ର 'ଓଁ ଉଗ୍ରନୃସିଂହାୟ ବିଦ୍ମହେ ବଜ୍ରନଖାୟ ଧୀମହି ! ତନ୍ନୋ ନରସିଂହ ପ୍ରଚୋଦୟାତ୍ ।' କିମ୍ବା 'ଓଁ ବଜ୍ରନଖାୟ ବିଦ୍ମହେ ତୀକ୍ଷ୍ଣଦଂଷ୍ଟ୍ରାୟ ଧୀମହି, ତନ୍ନୋ ନରସିଂହ ପ୍ରଚୋଦୟାତ୍' ଜପ କରିବା ଉଚିତ । ପୂଜା ଶେଷ ହେବା ପରେ ମଧ୍ୟ କୁଶ ନିର୍ମିତ ଆସନରେ ବସି ରୁଦ୍ରାକ୍ଷ ମାଳା ଦ୍ୱାରା ନୃସିଂହ ଭଗବାନଙ୍କ ମନ୍ତ୍ର ଜପ କରାଯାଇପାରିବ । ଏହି ଦିନ ନିଜ ସାମର୍ଥ୍ୟ ଅନୁଯାୟୀ, ରାଶି, ସୁବର୍ଣ୍ଣ କିମ୍ବା ବସ୍ତ୍ରାଦି ଦାନ କରିବା ଉଚିତ । ଏହି ବ୍ରତ କରୁଥିବା ବ୍ୟକ୍ତି ସମଗ୍ର ଲୌକିକ ଦୁଃଖରୁ ମୁକ୍ତି ପାଇଥାଏ । ନୃସିଂହଙ୍କ ମନ୍ତ୍ର 'ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍ । ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁ ମୃତ୍ୟୁଂ ନମାମ୍ୟହମ୍ ।' 'ଓଁ ନୃମ ନୃମ ନୃମ ନରସିଂହାୟ ନମଃ ।' ମନ୍ତ୍ର ଦ୍ୱାରା ମଧ୍ୟ ନୃସିଂହ ଭଗବାନଙ୍କୁ ଉପାସନା କରାଯାଇପାରିବ ।

ଶ୍ରୀମଦ୍ ଭଗବଦ୍ ଗୀତାର ଦଶମ ଅଧ୍ୟାୟ ୩୦ତମ ଶ୍ଲୋକରେ ଭଗବାନ ଶ୍ରୀକୃଷ୍ଣ ଉପଦେଶ ଛଳରେ ପାଣ୍ଡୁପୁତ୍ର ଅର୍ଜୁନଙ୍କୁ କହୁଛନ୍ତି 'ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଳଃ କଳୟତାମହମ୍ । ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷୀଣାମ୍ ।' ଅର୍ଥାତ୍ ଦୈତ୍ୟମାନଙ୍କ ମଧ୍ୟରୁ ମୁଁ ହେଉଛି ପ୍ରହ୍ଲାଦ ଏବଂ ଗଣନାକାରୀଙ୍କ ମଧ୍ୟରେ କାଳ ତଥା ମୁଁ ପଶୁ ମାନଙ୍କ ମଧ୍ୟରେ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼ । ସହଜ ଅର୍ଥରେ କହିଲେ ଭଗବାନ ଶ୍ରୀକୃଷ୍ଣ ଭକ୍ତ ପ୍ରହ୍ଲାଦଙ୍କୁ ସର୍ବଶ୍ରେଷ୍ଠ ଦୈତ୍ୟ ରୂପେ ବର୍ଣ୍ଣନା କରିଛନ୍ତି । ପ୍ରହ୍ଲାଦଙ୍କ ପବିତ୍ର ଜୀବନ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ । ତାଙ୍କ ଜୀବନରୁ ଆମକୁ ଅନେକ ଶିକ୍ଷା ମିଳିଥାଏ । ଯେପରିକି - ସର୍ବଶକ୍ତିମାନ ଈଶ୍ୱରଙ୍କ ଠାରେ ସର୍ବଦା ବିଶ୍ୱାସ ରଖିବା ଉଚିତ । ନିଶ୍ଚଳ ଭକ୍ତି ପାଇଁ କୌଣସି ବୟସସୀମା ନଥାଏ । ଭଗବାନ ସର୍ବତ୍ର ବିରାଜମାନ କରିଥାନ୍ତି । ଭଗବାନ ସବୁବେଳେ ଉପସ୍ଥିତ ଥାଆନ୍ତି । ଈଶ୍ୱର ନିଜ ଭକ୍ତକୁ ସର୍ବଦା ରକ୍ଷା କରିଥାନ୍ତି । ଦୁଷ୍ଟମାନଙ୍କର ସଂହାର କରିଥାନ୍ତି । ଅଜ୍ଞାତରେ ହେଲେ ବି ସେ ଦୁହେଁ ଉପବାସ ରହିଛି ସେ ଦିନ ବ୍ରତ ପାଳନ କରିଥିବାରୁ ସମସ୍ତ ପାପରୁ ମୁକ୍ତ ହେଲେ । ପୁଣ୍ୟ ଅର୍ଜନ କରିଥିବାରୁ ଉକ୍ତ ଗଣିକା ବ୍ରତ ଫଳରୁ ଅପସରା ହୋଇ ସ୍ୱର୍ଗକୁ ଫେରିଗଲା । ଭକ୍ତ ପ୍ରହ୍ଲାଦ ହିରଣ୍ୟକଶିପୁର ପୁତ୍ର ରୂପେ ଜନ୍ମ ନେଇ ଶ୍ରୀବିଷ୍ଣୁଙ୍କ ପରମ ଭକ୍ତ ହେଲେ । ନୃସିଂହ ବ୍ରତ କଲେ ଭକ୍ତ ଦୀର୍ଘାୟୁ, ଧନ, ଐଶ୍ୱର୍ଯ୍ୟ ଲାଭ କରିଥାଏ । ମହିଳାମାନେ ସ୍ୱାମୀ-ସନ୍ତାନ ସୁଖ ପ୍ରାପ୍ତ କରିଥାନ୍ତି । ଏହି ଦିନ ପୁରୀ ଶ୍ରୀମନ୍ଦିରରେ ନୃସିଂହ ଜନ୍ମୋତ୍ସବ ପାଳନ କରାଯାଇଥାଏ ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ,
ଦୂରଭାଷ;୯୪୩୭୦୩୧୨୫୩

ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରିଦର୍ଶନ ସମୟରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ବୈଠକ

ରାୟଗଡ଼ା,୨୪/୦୮ (ଆ.ପ୍ର) : ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପରିଦର୍ଶନ ସମୟରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ପର୍କିତ ବୈଠକ ଗତ ୨୧/୮/୨୫ରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ନବୀନ ଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ବିପଦ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ପାଇଁ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଡ଼ା. ଏସ୍.କେ ଜେନା (ଯୁଗ୍ମ ପରାମର୍ଶଦାତା), ସୁବାଷ ଚାନ୍ଦ (ଅବ୍ର ସଚିବ), ସୁବାଷ ଚନ୍ଦ୍ର ମହାନ୍ତି (ଲିଡ୍ କନସଲ୍ଟାଂଟ) ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA) ପକ୍ଷରୁ ପ୍ରମୁଖ ସାଧାରଣ ପ୍ରବନ୍ଧକ ସୁବୋଧ ଆଚାର୍ଯ୍ୟ ସହିତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀମାନେ, ଏବଂ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ଯୋଗଦେଇଥିଲେ । ପରିଦର୍ଶନର ମୂଳ ଉଦ୍ଦେଶ୍ୟ ହେଲା – ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବିଭିନ୍ନ ଯୋଜନା, ଷ୍ଟାଣ୍ଡାର୍ଡ ଓପେରେଟିଂ ପ୍ରୋସିଜର୍ (SOP), ନିର୍ଦ୍ଦେଶିକା ବିଷୟରେ ସାମାନ୍ୟୀକରଣ ଓ ଅଂଶୀଦାରିତା କରିବା, ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (SDMA/ DDMA)ର କାର୍ଯ୍ୟକ୍ଷମତାର ମୂଲ୍ୟାଙ୍କନ, ବିପର୍ଯ୍ୟୟ ପରିଚାଳନା ପ୍ରଣାଳୀର ସମୀକ୍ଷା କରିବା ଓ ସମ୍ପର୍କିତ ଦଲିଲ ପତ୍ର ସହିତ IEC ସାମଗ୍ରୀ ସଂଗ୍ରହ କରିବା ଥିଲା । ଘଡଗଡ଼ ଅଧିକାରୀମାନେ ବିପର୍ଯ୍ୟୟ ପରିଚାଳନା ଆଇନ୍-୨୦୦୫ର ବିଭିନ୍ନ ଧାରାଅନୁଯାୟୀ ନିୟମ, ପ୍ରକ୍ରିୟା, ଅନୁମୋଦନ ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେଥିସହ ପ୍ରଧାନମନ୍ତ୍ରୀଙ୍କ ୧୦-ସୂତ୍ରୀୟ ଏଜେଣ୍ଡା (Prime Minister's 10 Point Agenda on DRR) ଓ ଜାତୀୟ ବିପର୍ଯ୍ୟୟ ନିର୍ଦ୍ଦେଶିକା ଅନୁଯାୟୀ Minimum Standard Relief ବିଷୟରେ ବିବୃତି ପ୍ରଦାନ କରିଥିଲେ । OSDMA ପକ୍ଷରୁ ସୁବୋଧ ଆଚାର୍ଯ୍ୟ ଘଡଗଡ଼ ଠାରୁ ଉଭଗଡ଼ ପର୍ଯ୍ୟନ୍ତ ଭର୍ଟିକାଲ୍ କାର୍ଯ୍ୟକ୍ରମ ବିଷୟରେ ବ୍ୟାଖ୍ୟା କରିଥିଲେ ଏବଂ ପ୍ରାଥମିକ ବିଦ୍ୟାଳୟ ଓ ସ୍ୱାସ୍ଥ୍ୟ ସେବା କେନ୍ଦ୍ରର ଗଠନ ସମ୍ବନ୍ଧୀୟ ନିରୀକ୍ଷଣ ନଭେମ୍ବର୍ ଠାରୁ ଏପ୍ରିଲ୍ (ବର୍ଷା ପୂର୍ବରୁ) ସମୟରେ କରିବାର ଆବଶ୍ୟକତା ଉପରେ ଜୋର୍ ଦେଇଥିଲେ । ଏହା ପରେ ମାଲକାନାଗିରି ଓ କୋରାପୁଟର ଜିଲ୍ଲା ଜରୁରୀକାଳୀନ ଅଧିକାରୀମାନେ ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ଉପସ୍ଥାପନା କରିଥିଲେ । ଶେଷରେ ରାୟଗଡାର ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହାକ ଜିଲ୍ଲାର ବିପର୍ଯ୍ୟୟ ପ୍ରସ୍ତୁତି, ପ୍ରତିକ୍ରିୟା ଓ ପୁନରୁଦ୍ଧାର ପ୍ରଣାଳୀ ସହିତ ଚାଲୁଥିବା ବିଭିନ୍ନ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ନିଜର ମତାମତ ମଧ୍ୟ ଘଡଗଡ଼ ଅଧିକାରୀମାନଙ୍କୁ ବିସ୍ତୃତ ଭାବରେ ଦେଇଥିଲେ ।

ପଦ୍ମ ଧରିଲେ ବଡ଼ଚଣା ବ୍ଲକ ବିଜେଡି ଅଧକ୍ଷା ଓ ଉପାଧକ୍ଷ

ଛତିଆ, ୨୪/୦୮ (ଆ.ପ୍ର) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକରେ ଆଜି ଏକ ନୂଆ ଇତିହାସ ସୃଷ୍ଟି ହୋଇଛି । ବଡ଼ଚଣାର ବିଧାୟକ ଅମର କୁମାର ନାୟକଙ୍କ କାର୍ଯ୍ୟ, ଓ ସୁପରିଚାଳନା ଏବଂ ଦକ୍ଷ ପରିଚାଳନା ପାଇଁ ଆଜି ବଡ଼ଚଣାରୁ ବିଜେଡି ଗଡ ଭାଙ୍ଗି ଗୁଣ୍ଡ ଚୂର୍ମାର ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏବଂ ବଡ଼ଚଣାର ବିଧାୟକ ଅମର ନାୟକଙ୍କ ଆଦର୍ଶ ରେ ଅନୁପ୍ରାଣିତ ହୋଇ । ବଡ଼ଚଣା ବ୍ଲକ ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିକାଶ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ଓ ଜତିନ୍ଦ୍ର ନାୟକ ଓ ଅନେକ ସରପଂଚ, ସମିତି ସଭ୍ୟ ଆଜି ବିଜେଡି ଛାଡ଼ି ଭାରତୀୟ ଜନତା ପାର୍ଟି ରେ ଯୋଗ ଦେଇଛନ୍ତି । ସୂଚନା ମୁତାବକ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆଜି ବଡ଼ଚଣା ର ବିଜେଡି ଦୁର୍ଗ ନେତାମାନେ ଭାରତୀୟ ଜନତା ପାର୍ଟି ରେ ଯୋଗ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ବଡ଼ଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ଓ ସଭାପତି ଦେବଯାନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ବିଜେପି ରେ ଯୋଗ ଦେଇଥିବା ନେତୃ ମଣ୍ଡଳୀଙ୍କୁ ସ୍ୱାଗତ କରିଥିଲେ ।

ପ୍ରଥମ କରି ଅନୁଷ୍ଠିତ ହେବାକୁ ଯାଉଛି ନୂଆଁଖାଇ ଭେଟଘାଟ

ପୁରୀ, ୨୪/୦୮ (ଆ.ପ୍ର) : ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଭେଟଘାଟ ପ୍ରଥମ କରି ଶ୍ରୀକ୍ଷେତ୍ରରେ ଧୁମଧାମରେ ଅନୁଷ୍ଠିତ ହେବ ବୋଲି ସୁବର୍ଣ୍ଣପୁରର ଏକ ସାଂସ୍କୃତିକ ଅନୁଷ୍ଠାନ ଗୁମକୁଣ୍ଡୁମାନାର ସଭା ପତି ସାସ୍ୱତ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି । ତାଙ୍କ କହିବାନୁଯାୟୀ, ଆସନ୍ତା ଅଗଷ୍ଟ ୩୧ ତାରିଖ ସକାଳ ୧୦ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ସିଟିରୋଡ଼ସ୍ଥିତ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହେବ । ଏଥିରେ ପଶ୍ଚିମ ଓଡ଼ିଶାର ଲୋକ କଳା, ଲୋକନୃତ୍ୟ ଓ ସଙ୍ଗୀତକୁ କଳାକାର ମାନେ ଅଭିନୟ କରିଆରେ ପରିବେଷଣ କରିବେ । ସେହିଭଳି ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କବି ଓ କଳାକାର ମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ଆବାହକ ଶ୍ରୀମନ୍ତ କୁମାର ଦାଶ ଓ ଗଣମାଧ୍ୟମ ସଂଯୋଜକ ତଥା ଆନ୍ତଜାତିୟ ବାଲୁ କାଳିଙ୍ଗୀ ସୁଦାମ ପ୍ରଧାନ ଏକ ପ୍ରେସ ଇସ୍ତାହାର ଜରିଆରେ ଗଣମାଧ୍ୟମକୁ ଅବଗତ କରିଛନ୍ତି । ଏହି ସମୟରେ ଗୁମକୁଣ୍ଡୁମାନାର କଳାକାରମାନେ ଉପସ୍ଥିତ ଥିଲେ ।

ସରପଂଚ ତଦାରଖ କଲେ ଡ୍ରେନ ସଫେଇ କାମ

ପାପଡାହାଣ୍ଡି, ୨୪/୦୮ (ଆ.ପ୍ର) : ପାପଡାହାଣ୍ଡି ସଦରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସଫେଇ କାମ ଚାଲିଛି । ବସଷ୍ଟାଣ୍ଡ ଉମରକୋଟ ରାସ୍ତାର ନାଳ ସହ ଆବର୍ଜନା ଆଦି ସଫା କରାଯାଇଛି । ଆଜି ପାପଡାହାଣ୍ଡି ସରପଂଚ ଚନ୍ଦ୍ର ଶେଖର ମାଝୀ କାମର ତଦାରଖ କରିଛନ୍ତି । କାମ କିପରି ଶୀଘ୍ର ହେବ ସେ ନେଇ ସମୀକ୍ଷା କରିଥିଲେ । ଦୀର୍ଘ ଦିନ ଧରି ରାସ୍ତାର ନାଳ ସଫେଇ ହେଉନଥିଲା । ପ୍ଲାଷ୍ଟିକରେ ପୋତି ହୋଇଯାଇଥିଲା । ବିଡ଼ିଓ, ଜିପିଓଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଂଚ ନାଳ ନର୍ଦ୍ଦମା କାମର ସଫେଇ ଆଗେଇ ଚାଲିଛି ।

କୋକସରା ବ୍ଲକ ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ

କୋକସରା, ୨୪/୦୮ (ଆ.ପ୍ର) : କୋକସରା ବ୍ଲକ ସଦର ମହକୁମା ଟିକିଗୁଡା ସ୍ଥିତ ଯାଦବ ଭବନଠାରେ ରବିବାର ବ୍ଲକ ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ ଓ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି । ଯାଦବ କର୍ମଚାରୀ ସଂଘ ସଭାପତି ପ୍ରେମ ଚନ୍ଦ୍ର ଗୋପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଯାଦବ ମହାସଭାର ସଭାପତି ଦ୍ୱାରିକାନାଥ ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଭାଗବତ କଟା ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ଯାଦବ ସଶକ୍ତ ଓ ସମୃଦ୍ଧ ଯାଦବ ସମାଜ ମାଧ୍ୟମରେ ରାଜନୈତିକ, ଅର୍ଥନୈତିକ ଓ ଯେ କୌଣସି କ୍ଷେତ୍ରରେ ବିକାଶ କରିବା ପାଇଁ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କ୍ରମରେ ବ୍ଲକ ଯାଦବ କର୍ମଚାରୀ ସଂଘର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଥିଲା । ମୋଟେର ଜୋନ୍ ଉପ ସଭାପତି ଭାବରେ ମାଙ୍ଗେଲାଲ ନାଏକ, ସହ ସମ୍ପାଦକ ଫକିର ମୋହନ ଦଣ୍ଡ, ଉପଦେଷ୍ଟା ଚିତ୍ରସେନ ବେମାଲ, କୋକସରା ଜୋନ୍ ଉପ ସଭାପତି ମୁକ୍ତେଶ୍ୱର ପୁଞ୍ଜି, ସହ ସମ୍ପାଦକ ତ୍ରିନାଥ ବାଗ, ଉପଦେଷ୍ଟା କ୍ଷିରାବ୍ଧି ବେମାଲ, ଆମପାଣି ଜୋନ୍ ଉପ ସଭାପତି ଭାବରେ ମାଳଗୁଣ୍ଡିଆ ନାଗ, ସହ ସମ୍ପାଦକ ସମ୍ଭୁଶ୍ୱର ନାଗ, ଉପଦେଷ୍ଟା ହେମନ୍ତ ଯାଦବ ପ୍ରମୁଖ ମନୋନୀତ ହୋଇଥିଲେ । ଏହି ବୈଠକରେ ବ୍ଲକ ଯାଦବ କର୍ମଚାରୀ ସଂଘର କୋଷାଧ୍ୟକ୍ଷ ସୁଧୀର କୁମାର ନାଗଙ୍କ ସମେତ ଆମପାଣି, କୋକସରା ଓ ମୋଟେର ଜୋନ୍ ରୁ ଯାଦବ କର୍ମଚାରୀ ମାନେ ଉପସ୍ଥିତ ରହି ଯାଦବ କର୍ମଚାରୀ ସଂଘ ଏକତା ସୂତ୍ରରେ ବାନ୍ଧି ହୋଇ ସମାଜର ଦୁଃଖ ରଙ୍କ ଓ ନିମ୍ନସ୍ତରରେ ଥିବା ଯାଦବ ମାନଙ୍କ ଉତ୍ଥାନ ସକାଶେ କାର୍ଯ୍ୟ କରିବା ପାଇଁ ମତ ପୋଷଣ କରିଥିଲେ ।

କୁହୁଡି ସତସଙ୍ଗ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ

ଚିଲିକା/ଟାଙ୍ଗୀ, ୨୪/୦୮ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା କୁହୁଡି ଲକ୍ଷ୍ମୀଧରପୁର ସ୍ଥିତ ସତସଙ୍ଗ କେନ୍ଦ୍ରର ଦ୍ୱିତୀୟ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । କୃପାଳୁ ମହାରାଜଙ୍କ ପରମ ଶିଷ୍ୟା ରାସେଶ୍ୱରୀ ଦେବୀଙ୍କ ବଲ୍ଲ ଗୋପିକାଧାମର ସହଯୋଗରେ କୁହୁଡି ଲକ୍ଷ୍ମୀଧରପୁର ଠାରେ ଭାରତୀୟ ସତସଙ୍ଗ କେନ୍ଦ୍ର କୁହୁଡି ଶାଖା ଗଢି ଉଠିଥିଲା । ସେବେ ଠାରୁ ଆଜି ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଚାଲିଆସୁଛି । ଏଠାରେ ରାଧା ମାଙ୍କ ସମ୍ପର୍କରେ ଆଲୋକପାତ ସହିତ ରାଧାକୃଷ୍ଣ କଥା ଅମୃତ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇ ଆସୁଛି । କୁହୁଡି କେନ୍ଦ୍ରର ପରିଚାଳକ ଶିକ୍ଷାବିତ ବସନ୍ତ କୁମାର ସାହୁ, ଶ୍ରୀନିବାସ ବିଶ୍ୱାଳ, ଗୋବିନ୍ଦ ଭାଇ, ସତ୍ୟ ଭାଇ, କାହ୍ନା ଭାଇ, ଶିକ୍ଷାବିତ ହେମନ୍ତ କୁମାର ଜେନା, ଅଧ୍ୟାପକ ବସନ୍ତ ସାହୁ,ପ୍ରଫୁଲ୍ଲ ନାୟକ, ମିଟୁ ସାହୁ, ଗାଙ୍ଗୁଲି ବଳବନ୍ତରାୟ, ନରେନ୍ଦ୍ର ପ୍ରତାପ ସିଂହ, ମମିତା ସାହୁ, ଶଶୀ ଦେଇ, ଜ୍ୟୋତ୍ସ୍ନାରାଣୀ ଭୁଜବଳ ସମେତ କୁହୁଡି ଆଖପାଖ ଅଂଚଳରୁ ଶତାଧିକ ମହିଳା ପୁରୁଷ ଯୋଗଦେବା ସହ ସତସଙ୍ଗରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

'ଫିଟନେସ୍ କି ଡୋଜ : ଅଧା ଘଂଟା ରୋଜ' ସାଇକେଲ ଅଭିଯାନ

ଦଶପଲ୍ଲା,୨୪/୦୮ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ପକ୍ଷରୁ ଜନସାଧାରଣ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସାଇକେଲ ଅଭିଯାନ 'ଫିଟନେସ୍ କି ଡୋଜ, ଅଧା ଘଂଟା ରୋଜ' ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ଦଶପଲ୍ଲା ଥାନା ଅଧିକାରୀ ଦିଲ୍ଲୀପ କୁମାର ଧଳଙ୍କ ନେତୃତ୍ୱରେ ହୋଇଥିବା ବେଳେ ପୋଲିସ କର୍ମଚାରୀମାନେ ସାଇକେଲ ଚଳାଇ ସ୍ଥାନୀୟ ଲୋକଙ୍କୁ ଦୈନିକ ଅଧା ଘଂଟା ଶାରୀରିକ ବ୍ୟାୟାମ କରିବା ନେଇ ଜଣାଇଥିଲେ । ଏହି ଅଭିଯାନ ପୋଲିସ ଓ ସାଧାରଣ ଲୋକମାନେ ମିଶି ସ୍ୱାସ୍ଥ୍ୟ ସଚେତନତା ଓ ଫିଟନେସ୍ ଓଡ଼ିଶାର ଗ୍ରାମୀଣ ଅଂଚଳରେ ପ୍ରଚାର କରୁଛନ୍ତି । ପୋଲିସ ଅଧିକାରୀମାନେ କହିଛନ୍ତି: ଏହି ଅଭିଯାନ ସେମାନଙ୍କ ଦୈନିକ କାର୍ଯ୍ୟ ସହ ଏକ ସ୍ୱାସ୍ଥ୍ୟ ଅନୁଶାସନ ଅତୁଟ ଅଂଶ ଭାବରେ ଗ୍ରହଣ କରାଯାଇଛି । ସମାଜ ମଧ୍ୟରେ ଫିଟନେସ୍ ଏବଂ ନିୟମିତ ବ୍ୟାୟାମ ପ୍ରତି ଉତ୍ସାହ ବୃଦ୍ଧି ପାଇଁ ଏହି ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦଶପଲ୍ଲା ଅଂଚଳରେ ଏହି କ୍ୟାମ୍ପେନ୍ ପ୍ରତି ଦିନ ଜାରି ରହିବା ସହିତ ଅନ୍ୟମାନେ ବି ଏହାକୁ ଅନୁସରଣ କରିବେ ବୋଲି ଆଶା କରାଯାଉଛି ।

ଦୁଃଖିରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ସିଦ୍ଧାର୍ଥ ଟିଭି ରଜ ସୁନ୍ଦରୀର ଶ୍ରେଷ୍ଠ ବିଜେତା ଶୁଭଦର୍ଶିନୀ ନାୟକ

ଜଗତସିଂହପୁର, ୨୪/୦୮ (ଆ.ପ୍ର) : ଚଳିତ ବର୍ଷ ସିଦ୍ଧାର୍ଥ ଟିଭିର ଲୋକପ୍ରିୟ ରିୟାଲିଟି ସୋ ରଜ ସୁନ୍ଦରୀ -୨୦୨୫ ର ଶ୍ରେଷ୍ଠ ବିଜେତା ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନର କୃତୀ ଛାତ୍ରୀ ଶୁଭଦର୍ଶିନୀ ନାୟକ ଯୋଗ୍ୟ ବିବେଚିତ ହୋଇଛନ୍ତି । ଏଥିପାଇଁ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନର ସହ ବହୁ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପେକ୍ଷୀରେ ଶୁଭଦର୍ଶିନୀଙ୍କ ପିତା ବସନ୍ତ କୁମାର ନାୟକ, ମାତା ମମତା ବିଶ୍ୱାଳ, ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ରଥ, ଶରତ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ସ୍ୱାଇଁ, ଚେତନା ଓ ଶୃଙ୍ଖଳା ମାର୍ଗଦର୍ଶକ ଲିଳିପ୍ତ କୁମାର ଖୁଣ୍ଟିଆ, ଓଡ଼ିଶୀ ନୃତ୍ୟ ଗୁରୁ ଏଲିନା ପ୍ରିୟଦର୍ଶିନୀ, ଆଧୁନିକ ନୃତ୍ୟ ଗୁରୁ ବି. ଗୋବିନ୍ଦ, ଚିତ୍ରକଳା ନୃତ୍ୟ ଗୁରୁ ବିଶ୍ୱଜିତ ବସ୍ତିଆ, ଧାରାବାହିକ ନିର୍ଦ୍ଦେଶକ ଯୁଧିଷ୍ଠିର ସ୍ୱାଇଁ ଉପସ୍ଥିତ ରହି ଅନୁଷ୍ଠାନର ଗର୍ବ ଓ ଗୌରବ ଶୁଭଦର୍ଶିନୀ ନାୟକଙ୍କୁ ଉତ୍ସାହିତ ଓ ଆଶୀର୍ବାଦ ଦେଇଥିଲେ । ପ୍ରକାଶ ଥାଉକି ଶୁଭଦର୍ଶିନୀ ନାୟକ ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ, କଲେଜ ଛକ, ଜଗତସିଂହପୁର ରେ ନୃତ୍ୟ ଗୁରୁ ଏଲିନା ପ୍ରିୟଦର୍ଶିନୀଙ୍କ ଠାରୁ ଓଡିଶୀ ନୃତ୍ୟ ଓ ନୃତ୍ୟ ଗୁରୁ ବି. ଗୋବିନ୍ଦଙ୍କ ଠାରୁ ଆଧୁନିକ ନୃତ୍ୟ ଶିକ୍ଷା ଗ୍ରହଣ କରୁଥିଲେ । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଂଯୋଜିକା ଶ୍ରାବଣୀ ମହାରଣା, ସଦସ୍ୟ ସୁଶାନ୍ତ କୁମାର ଜେନା, ସମସ୍ତ ଛାତ୍ରୀଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ । ଶେଷରେ ଅନୁଷ୍ଠାନର ନିର୍ଦ୍ଦେଶକ ଅଜୟ କୁମାର ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

ବ୍ଲକ୍‌ସ୍ତରୀୟ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ସଂସ୍କୃତ ଦିବସ ସମାରୋହ ପାଳିତ



ବାଲିଗୁଡା, ୨୪/୦୮ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାରଖମା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକ୍ ସ୍ତରୀୟ ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ସଂସ୍କୃତ ଦିବସ ସମାରୋହ-୨୦୨୫ ଆନନ୍ଦ ଉଲ୍ଲାସର ସହ ପାଳନ ହୋଇଯାଇଛି । ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବାରଖମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ ବେହେରା, ଡକାପାଦର ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ନନ୍ଦ, ଶିକ୍ଷକ ଦିନବନ୍ଧୁ ହୋତା, ବଲସକୁମ୍ପା ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପଂଚାନନ ବେହେରା, ଶିକ୍ଷକ ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିବା ବେଳେ ଏଥିରେ ବାଲିଗୁଡ଼ା ବ୍ଲକ୍‌ର ୧୮ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂସ୍କୃତ ଭାଷାରେ ବିଭିନ୍ନ ନାଟକ, ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ସହ ପଦ୍ୟାବୃତି, ଶ୍ଳୋକାବୃତି, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ସଂସ୍କୃତ ଭାଷା ପ୍ରତ୍ୟେକ ଭାଷା ସହ ଜଡ଼ିତ । ସଂସ୍କୃତ ଭାଷା ଶାସ୍ତ୍ରୀୟତାର ଶ୍ରେଷ୍ଠ । ଏଣୁ ଛାତ୍ରଛାତ୍ରୀଙ୍କୁ ସଂସ୍କୃତ ଭାଷା ଓ ସଂସ୍କୃତି ବିଷୟରେ ପାଠ ପଢ଼ାଇବାକୁ ତୃତୀୟ ଶ୍ରେଣୀରୁ ପଢ଼ାଇବା ଆବଶ୍ୟକ । ଯାହା ଫଳରେ ଆମ ଦେଶର ଭାଷା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ସହ ଦେଶ ବିକାଶରେ ଶିକ୍ଷାର୍ଥୀମାନଙ୍କର ଗୁରୁତ୍ୱ ରହିବ ବୋଲି କହିଛନ୍ତି ସମ୍ମାନୀତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀନାରାୟଣ ନନ୍ଦ । ବାରଖମା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱଜିତ୍ ବେହେରାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସମ୍ପାଦନା କରିଥିଲେ ।

କଂକ୍ରିଟ ସଡ଼କ ତଳେ ଖାଲ ସୃଷ୍ଟି

ନୂଆପଡ଼ା, ୨୪/୦୮ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଅଭୟାରଣ୍ୟକୁ ସଂଯୋଗ କରୁଥିବା ପାହାଡି ସଡକ ବର୍ଷା ଧୋଇ କଂକ୍ରିଟ ତଳେରେ ଖୋଲ ସୃଷ୍ଟି ହୋଇଅଛି । ମରାମତି ପାଇଁ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଗାର୍ଡ ୱାଲ୍ ନିର୍ମାଣ ହେଲେ ପରବର୍ତ୍ତୀ ସମୟ ରେ ସଡ଼କ ସୁରକ୍ଷା ହେବ । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପାଣ୍ଠି ରେ ୩୦ କୋଟି ଆର୍ଥିକ ବ୍ୟୟ ଅଟକଳରେ ୧୫ କିଲୋମିଟର

ସଡ଼କ ନିର୍ମାଣ ହୋଇଅଛି । ନିର୍ମାଣ କାର୍ଯ୍ୟ ଉନ୍ନତ ମାନହୋଇ କଂକ୍ରିଟ ସ୍ଥିତି ଠିକ୍ ଥିବା ବେଳେ କଂକ୍ରିଟ ତଳି ମାଟି ଧସିଯାଇଅଛି । ତେଣୁ ଆବଶ୍ୟକ ଗାର୍ଡ ୱାଲ୍ ନିର୍ମାଣ କରି ମାଟି ଫିଲିଂଙ୍ଗ କଲେ ସଡ଼କ ଦୀର୍ଘ ସ୍ଥାୟୀ ହେବ ବୋଲି ଅଂଚଳରେ ପ୍ରକାଶ କରିଛନ୍ତି । ଚେରେବୁଆଁ ଠାରୁ ଜାମଗାଁ ମଧ୍ୟରେ ବର୍ଷା ଜଳ କଂକ୍ରିଟ ତଳୁ ପଥୁରିଆ ମାଟିକୁ ଧୋଇ ନେଇଛି । ମରାମତି କାମ ଆରମ୍ଭ ହୋଇଥିବା ବେଳେ ମାଟି ଫିଲିଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି ।

ଭୂଞ୍ଜିଆ ଆଦିମ ଜନଜାତିଙ୍କ ଅନନ୍ୟା ନୂଆଁଖାଇ ପର୍ବ

ନୂଆପଡ଼ା,୨୪/୦୮ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ପାର୍ବତ୍ୟ ଅଂଚଳ ସୁନାବେଡ଼ା ଅଭୟାରଣ୍ୟରେ ବସବାସ କରୁଥିବା ଭୂଞ୍ଜିଆ ଆଦିମ ଜନଜାତିଙ୍କ ଅନନ୍ୟା ନୂଆଁଖାଇ ପର୍ବ ପାଳନ କରନ୍ତି । ଦେବ ନୂଆଁଖାଇ ଭାଦ୍ରବ ଅମାବାସ୍ୟାରେ ଦେବୀ ସୁନାଦେଇଙ୍କୁ ନୂତନ ଶସ୍ୟ ଅର୍ପଣ କରି ପୁରୁଷ ମାନେ ନୂଆଁଖାଇ ପାଳନ କରୁଥିବା ବେଳେ ଭାଦ୍ରବ ଶ୍ରୀପଂଚମୀରେ ମହିଳା ପୁରୁଷ ଉଭୟ ମିଳିତ ରୂପେ ନୂଆଁ ଖାଆନ୍ତି । ମାଟି ମାଁକୁ ପୂଜା କରିଥିବା ସହ ମାଟିରୁ ଉତ୍ପତ୍ତି ପ୍ରଥମ ଶସ୍ୟକୁ ଅଧିଷ୍ଠାତ୍ରୀ ଦେବୀଙ୍କୁ ଅର୍ପଣ କରିଥାନ୍ତି । ଏହା ନେଇ ମହିଳା ମାନେ ନିଜ ଲାଲ ଘର, ଲାଲ ବଙ୍ଗଳାକୁ ନୂତନ ରୂପ ଦେଇ ଲାଲରଙ୍ଗ ଦେଇ ସଫା ସୁତୁରା କରନ୍ତି । ମହିଳା ମାନେ ଜଙ୍ଗଲ ରୁ ଭିନ୍ନ ମାଟି ସଂଗ୍ରହ କରି ନୂଆଁ ଖାଇ ପର୍ବ ପ୍ରସ୍ତୁତ ଆରମ୍ଭ କରିଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ସୋମବାର, ୨୫ ଅଗଷ୍ଟ,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ବଲ୍ ବ୍ୟାଡମିଂଟନ୍ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ

ଜଗତସିଂହପୁର, ୨୪।୦୮ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ବଲ୍ ବ୍ୟାଡମିଂଟନ୍ ଆସୋସିଏସନ୍ (ଗ୍ରୁରାଲ୍) ଆନୁକୂଲ୍ୟରେ ୨୯ ତମ ସବ୍ ଜୁନିଅର ଓ ୩୩ ତମ ସିନିୟର୍ ରାଜ୍ୟସ୍ତରୀୟ ବଲ୍ ବ୍ୟାଡମିଂଟନ୍ ପ୍ରତିଯୋଗିତାର ଜଗତସିଂହପୁର ବ୍ଲକ୍ ଅନ୍ତର୍ଗତ ମୁଦୁପୁର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଗତ ୨୧ ତାରିଖରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ରବିବାର ଅପରାହ୍ନରେ ଉଦଯାପିତ ହୋଇଥିଲା । ଉଦଯାପନୀ ସଭାରେ ଜଗତସିଂହପୁର ଜିଲ୍ଲା ବଲ୍ ବ୍ୟାଡମିଂଟନ୍ ଆସୋସିଏସନ୍ (ଗ୍ରୁରାଲ୍) ର ସଭାପତି ଆଇନଜୀବି ନରେଶ ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ଆଗାମୀ ଦିନରେ ମୁଦୁପୁର ପଡ଼ିଆରେ ଏକ ଉନ୍ନତମାନର କ୍ରୀଡା ଭିତିଭୂମି ପ୍ରତିଷ୍ଠା ପାଇଁ ସହଯୋଗ ଯୋଗାଇ ଦେବେ ବୋଲି କହିବା ସଙ୍ଗେ ସଙ୍ଗେ ପିଲାମାନଙ୍କୁ କ୍ରୀଡା ପ୍ରସଙ୍ଗରେ ଅନେକ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓଡିଶା ବଲ୍ ବ୍ୟାଡମିଂଟନ୍ ଆସୋସିଏସନ୍ ସଂପାଦକ ସୁକାନ୍ତ କୁମାର ଦାସ, ବଳରାମପୁର ସରପଂଚ ଅଂଚନ କୁମାର ସାମଲ, ନିରଞ୍ଜନ ପରିଡା, ନିରୂପମା ପାତ୍ର ଓ ସୁନୀତା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଏହି ପ୍ରତିଯୋଗିତାରେ ଉଭୟ ସବ୍ ଜୁନିଅର ଓ ସିନିୟର୍ ବର୍ଗର ବାଳକ ଓ ବାଳିକା ବିଭାଗରେ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସବ୍ ଜୁନିଅର ବାଳକ ବର୍ଗରେ ଢେଙ୍କାନାଳ ଚମ୍ପିୟାନ, ପୁରୀ ରନର୍ସ ଅପ୍ ହୋଇଥିବା ବେଳେ ବାଳିକା ବର୍ଗରେ ପୁରୀ ଚମ୍ପିୟାନ ଓ କଟକ ରନର୍ସ ଅପ୍ ହୋଇଥିଲା । ସେହିପରି ସିନିୟର୍ ବିଭାଗର ଉଭୟ ବାଳକ ଓ ବାଳିକା ବର୍ଗରେ ଝାରସୁଗୁଡ଼ା ଚମ୍ପିୟାନ ହୋଇଥିବା ବେଳେ ବାଳକ ବର୍ଗରେ ଖୋର୍ଦ୍ଧା ଓ ବାଳିକା ବର୍ଗରେ ଭୁବନେଶ୍ୱର ରନର୍ସ ଅପ୍ ଆଖ୍ୟା ଅର୍ଜନ କରିଥିଲେ । ମୁଖ୍ୟ ଅତିଥି ବିଜେତା ଦଳ ମାନଙ୍କୁ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ । ପରିଶେଷରେ ଜଗତସିଂହପୁର ଜିଲ୍ଲା ବଲ୍ ବ୍ୟାଡମିଂଟନ୍ ଆସୋସିଏସନ୍ (ଗ୍ରୁରାଲ୍) ର ସଂପାଦକ ଟୁନା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ବର୍ଜ୍ୟବସ୍ତୁ ଉପରେ ଲାଗୁନି ଅଙ୍କୁଶ, ବିଷାକ୍ତ ହେଉଛି ବୈତରଣୀ ନଦୀର ଜଳ ଓ ପରିବେଶ, ରୋଗ ସାଉଁଟୁଛନ୍ତି ଲୋକେ

ଯାଜପୁର,୨୪।୦୮ (ଆ.ପ୍ର) : ବିଗତବର୍ଷର ପ୍ରକୃତିଦତ ସୌନ୍ଦର୍ଯ୍ୟମୟ ଯାଜପୁର ସହରର ବୈତରଣୀ ନଦୀ କୂଳରେ ଜମାଟ ବାନ୍ଧି ହୋଇ ରହୁଥିବା ବର୍ଜ୍ୟବସ୍ତୁରୁ ନିର୍ଗତ ବର୍ଜ୍ୟବସ୍ତୁ ପଚା ପାଣି ଯାଜପୁର ସହରର ଏକମାତ୍ର ନିର୍ଭର ଯୋଗ୍ୟ ଜେଉଁ ଆବାହମାନ କାଳରୁ ବୋହି ଯାଉଥିବା ଚିରୋସ୍ରୋତା ବୈତରଣୀ ନଦୀରେ ପଡ଼ିବା ଯୋଗୁଁ ଆଜି ନଦୀର ଜଳ ସାଜିଛି ଜହର । ଯାଜପୁର ସହରର ବୈତରଣୀ ନଦୀ କୂଳରେ ଯାଜପୁର ପୌରପାଳିକାର ଗାଡ଼ି ଗୁଡ଼ିକ ଅଳିଆ ଆବର୍ଜନା ବୋହୁଥିବା ସହିତ ବିଭିନ୍ନ ବଡ଼ବଡ଼ ହାଓ୍ୱା ଗାଡ଼ି ସହିତ ଛୋଟଯାନ ଯାତାୟାତ ବୃଦ୍ଧି ପାଉଥିବାରୁ ବାୟୁମଣ୍ଡଳ ବିଷାକ୍ତ ହେବାରେ ଲାଗିଛି । ଭାରତ ମାନଚିତ୍ରରେ ଦିଲ୍ଲୀ ପ୍ରଦ୍ୟୁଷଣ ଅଂଚଳ ଭାବେ ଗଣନା ହେଉଥିବା ବେଳେ ଓଡ଼ିଶା ମାଟିର ଯାଜପୁର ବି ବାଦ୍ ପଡ଼ିନି । ଯାଜପୁର ଜିଲ୍ଲା ରେ ଯେଉଁମାନଙ୍କରେ ଜଙ୍ଗଲ ଜମି ରହିଥିଲା, ଆଜି ସେହି ବଣଜଙ୍ଗଲକୁ ସଫା କରି ସେଠାରେ ରାଷ୍ଟ୍ରାୟତ ଉଦ୍ୟୋଗ କମ୍ପାନୀ ସହିତ ବଡ଼ବଡ଼ କଂକ୍ରିଟ କୋଠାଘର ଗଢ଼ି ଉଠିଛି । ଏଥିରୁ ଯାଜପୁର ସହର ମଧ ବାଦ୍ ପଡ଼ିନାହିଁ । ବଣଜଙ୍ଗଲ ଗୁଡ଼ିକ ପରିଷ୍କାର ହେବା ପରେ ଏହି ସବୁ ଜଙ୍ଗଲ ଉପରେ ନିର୍ଭର କରୁଥିବା ପଶୁପକ୍ଷୀ ଇତ୍ୟାଦି ଲୋପ ପାଉଥିବାବେଳେ ଏଠାରେ ବଡ଼ବଡ଼ କୋଠାଘର ଯୋଗୁଁ ଅଂଚଳରେ ଉତାପ ବୃଦ୍ଧି ପାଇ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି । ଦୈନିକ ବୈତରଣୀ ନଦୀ ବନ୍ଧ ଉପରେ ଶହଶହ ଗାଡି ମଟର ଚଳାଚଳ ହେଉଥିବା ବେଳେ ସେଥିରୁ ନିର୍ଗତ ହେଉଥିବା ଧୂଳିଧୂଆଁ ବାୟୁମଣ୍ଡଳରେ ବିଷାକ୍ତ ଧୂଆଁ ଓ ଧୂଳିକଣା ଗୁଡିକୁଲି ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଉଛି, ଯଥା- ହୃଦରୋଗ, କିଡ଼ନୀ, ଯକ୍ଷ୍ମା ଓ ବିଭିନ୍ନ ମାରାତ୍ମକ ରୋଗର ଶୀକାର ହୋଇ ତ୍ରାହି ତ୍ରାହି ଡ଼ାକ ଦେଉଥିବା ବେଳେ ଏହାପ୍ରତି କାହାର ବି ଦୃଷ୍ଟି ପଡୁନଥିବା ଦୁର୍ଭାଗ୍ୟଜନକ ବିଷୟ ହୋଇଛି । ଏହାକୁ ନଜରରେ ରଖି ପୂର୍ବତନ ସରକାର ଏଠାରେ ଏକ ମେଡ଼ିକାଲ କଲେଜର ଭିତ୍ତିଭୂମି ସ୍ଥାପନ କରି ପ୍ରାୟ କୋଟି କୋଟି ଟଙ୍କାରେ ଆଜକୁ ୫ ବର୍ଷ ହେବ ଏହାର ଗୃହକାର୍ଯ୍ୟ ନିର୍ମାଣ କରାଯାଉଥିଲେ ହେଁ, ଏଠାରେ ମେଡ଼ିକାଲ କଲେଜ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ନ ହୋଇପାରିବା ଯାଜପୁର ବାସୀଙ୍କ ପାଇଁ ଏକ ଅଟହାସ୍ୟ ସଦୃଶ୍ୟ ହୋଇ ପଡ଼ିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଯୋରଧରିଛି । ଯାଜପୁର ସହରର ଅଂଚଳବାସୀଙ୍କ ମୌଳିକ ଅଧିକାର ପ୍ରତି ଏଠାରେ ପ୍ରଶାସନ କିମ୍ବା ରାଜନେତାଙ୍କର କିପରି କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନି ତାହା ଯାଜପୁର ବାସୀଙ୍କୁ ଚକିତ କରି ପକାଇଛି । ନୂତନ ସରକାର ଆସିବାର ପାଖାପାଖି ଏକବର୍ଷ ପରେ ହେଉଥିବା ବେଳେ ଯାଜପୁର ଅଂଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଆଲୋକୀକରଣ କଥା ନକହିବା ଭଲ, ଇତ୍ୟାଦି ସମସ୍ୟା ଦିନକୁ ଦିନ ବଢିବାରେ ଲାଗିଛି । ଯାଜପୁର ସହରର ମୁଖ୍ୟ ଆକର୍ଷଣ ଥିବା କୁସୁମା ରୋଡ ଏବେ ରେଡ୍ ଲାଇଟ୍ ଏରିଆ ହୋଇଥିଲା ବେଳେ, କୁସୁମା ରୋଡ ନିଶାଦ୍ରବ୍ୟ ସେବନର ପେଣ୍ଠସ୍ଥଳୀ ପାଲଟିଛି । ଯାଜପୁର ଟାଉନ୍ ଥାନା ଅଧିକାରୀ ଡିଏସପି ଶରତ କୁମାର ପାତ୍ରଙ୍କ ନେତୃତ୍ୱରେ ପୋଲିସ ପକ୍ଷରୁ ବ୍ୟାପକ ପେଟ୍ରୋଲିଙ୍ଗ ହେଉଥିବା ଦେଖିବାକୁ ମିଳେ । ଏପରି ସହର ମଧ୍ୟରେ ବିଭିନ୍ନ ସମସ୍ୟା ଥିବା ବେଳେ, କେବଳ ଏହି ସମସ୍ତ ସମସ୍ୟା ଗୁଡ଼ିକ କାଗଜପତ୍ର ମାଧ୍ୟମରେ ସୀମିତ । ତେଣୁ ଯାଜପୁର ସହର ବାସୀଙ୍କ ସମସ୍ୟା ପ୍ରତି ଆଗାମୀ ଦିନରେ କିଏ ଦୃଷ୍ଟି ଦେଉଛନ୍ତି ,ତାହା ଦେଖିବାକୁ କେବଳ ବାକି ରହିଲା ?

ପ୍ରାଣୀପାଳନ ଓ ଉତ୍ପାଦନ ବୃଦ୍ଧି ପାଇଁ ଚାରା ପ୍ରୋତ୍ସାହନ ଉପରେ ପାଂଚ ଦିନିଆ ତାଲିମ ଶିବିର

ଭୁବନେଶ୍ୱର, ୨୪।୦୮ (ଆ.ପ୍ର) : ଗତ ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନଠାରେ ''ପ୍ରାଣୀପାଳନ ଓ ଉତ୍ପାଦନ ବୃଦ୍ଧି ପାଇଁ ଚାରା ପ୍ରୋତ୍ସାହନ'' ଉପରେଏକ ପାଂଚ ଦିନିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତହୋଇଯାଇଛି । ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ,ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ମତ୍ସ୍ୟ ଓପ୍ରାଣୀ ସମ୍ପଦ ବିକାଶ ବିଭାଗରମିଳିତ ଉଦ୍ୟମରେ ଆୟୋଜିତ ହୋଇଥିଲା । କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନର ନିର୍ଦ୍ଦେଶକ ଡକ୍ଟର ମୃଦୁଳା ଦେବୀ ପ୍ରଶିକ୍ଷାର୍ଥୀମାନଙ୍କୁ କ୍ଷେତରେ ଚାରା ପ୍ରସାର ପାଇଁ ଏକ ଚାରା ଟାସ୍କ ଫୋର୍ସ ଗଠନ କରିବାରେ ନେତୃତ୍ୱ ନେବାକୁ ମତାମତ ଦେଇଥିଲେ । ପ୍ରାଣୀପାଳନ ଉତ୍ପାଦନରେ ମହିଳାମାନଙ୍କୁ ସଶକ୍ତ କରିବା, ଗୋଚର ଜମି ବିକାଶ କରିବା ପାଇଁ ଲିଙ୍ଗସମାବେଶୀପଦ୍ଧତି ଉପରେସେ ଗୁରୁତ୍ୱ ଦେଇଥିଲେ । ଭୁବନେଶ୍ୱରସ୍ଥିତପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଉପ-ନିର୍ଦ୍ଦେଶକ ଡକ୍ଟର ରାଜୀବ ଶର୍ମା, ସମନ୍ୱୟ ପ୍ରଣାଳୀ ମାଧ୍ୟମରେ ପ୍ରାଣୀପାଳନ କ୍ଷେତ୍ରରେ କ୍ଷେତ୍ର କାର୍ଯ୍ୟକର୍ତାଙ୍କ କ୍ଷମତା ନିର୍ମାଣ କାର୍ଯ୍ୟକ୍ରମରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏଥିରେ୩୦ଜଣ ଉପ-ବିଭାଗୀୟ ପ୍ରାଣୀଚିକିତ୍ସା ଅଧିକାରୀ, ଜଣେଲେଖାଏଁନିର୍ଦ୍ଦେଶକ ଏବଂ ପରିଚାଳକ, ୨ ଜଣବିଡିଆରଏବଂ ବିଏମଏଫଙ୍କସମେତ ମୋଟ ୩୩ ଜଣ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ ପଦ୍ଧତିର ପ୍ୟାକେଜ୍ ମାଧ୍ୟମରେ ଚାରା ଉତ୍ପାଦନ, ସାଇଲେଜ୍ ତିଆରି ମାଧ୍ୟମରେ ଚାରାର ମୂଲ୍ୟ ବୃଦ୍ଧି, ସମ୍ପୂର୍ଣ୍ଣ ଖାଦ୍ୟ, ଉଦ୍ଭିଦ ସୁରକ୍ଷା, ସିଲଭି-ପାସଚର ଏବଂ କୃଷି ବନୀକରଣ ସହିତଚାରା ଆଧାରିତ ଇକୋସିଷ୍ଟମରେ ପ୍ରାଣୀ ସ୍ୱାସ୍ଥ୍ୟ ଓ ଉତ୍ପାଦକତାରେ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ତାଲିମରେ ଓଡିଶା ସରକାରଙ୍କ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ଅଧୀନରେ ଓଡିଶାରେ ଚାରା ସମ୍ପଦ ବିକାଶ ଯୋଜନାରେ ଏକ ସମ୍ମକ ଉତ୍ସନିର୍ମାଣ କରିବାର ଲକ୍ଷ୍ୟ ଥିଲା । କେନ୍ଦ୍ରୀୟ କୃଷିରତ ମହିଳା ସଂସ୍ଥାନ, ଭୁବନେଶ୍ୱରରଡକ୍ଟର ବିଶ୍ୱନାଥ ସାହୁ, (ପ୍ରଧାନ ବୈଜ୍ଞାନିକ, ପ୍ରାଣୀପୋଷଣ)କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଦାଦୀ ପ୍ରକାଶମଣିଙ୍କ ୧୮ତମ ସ୍ମୃତି ଦିବସରେ ବ୍ରହ୍ମାକୁମାରୀ ରକ୍ତଦାନ ଶିବିର

ଭଦ୍ରକ, ୨୪।୦୮ (ଆ.ପ୍ର) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ମୁଖ୍ୟ ପ୍ରଶାସିକା ଦାଦୀ ପ୍ରକାଶମଣିଙ୍କ ୧୮ ତମ ସ୍ମୃତି ଦିବସରେ ଯୋଗ କାର୍ଯ୍ୟକ୍ରମ ସହ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସାରା ଦେଶରେ ଏକ ସାଙ୍ଗରେ ରକ୍ତଦାନ ଶିବିର ବ୍ରହ୍ମାକୁମାରୀ ଅନୁଷ୍ଠାନ ଦ୍ୱାରା ଅନୁଷ୍ଠିତ ହେଉଅଛି । ଶତାଧିକ ଭାଇ ଭଉଣୀ ଉପସ୍ଥିତ ହୋଇ ଦାଦି ପ୍ରକାଶ ମଣିଙ୍କ ନିମିତ ସ୍ନେହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ୩୪ ଜଣ ଭାଇ ଭଉଣୀ ରକ୍ତଦାନ କରିଥିଲେ । ଭଦ୍ରକ ମୁଖ୍ୟ ସେବାକେନ୍ଦ୍ରର ସଂଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ ଭଉଣୀ ଓ ଚରମ୍ପା ଉପ ସେବାକେନ୍ଦ୍ରର ସଂଚାଳିକା ଉପସ୍ଥିତ ରହି ଦାଦୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ରକ୍ତଦାନ କରିଥିବା ଭାଇ ଭଉଣୀଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ର ଆରମ୍ଭରେ ୨ ଘଂଟା ସାମୂହିକ ଯୋଗ ହୋଇଥିଲା । ବ୍ରହ୍ମା କୁମାରୀ ମଧୁସ୍ମିତା, ବ୍ରହ୍ମାକୁମାର ଅକ୍ଷୟ ,ବ୍ରହ୍ମାକୁମାର ହିମାଂଶୁ (ମାଉଂଟ ଅବୁ) ଉପସ୍ଥିତ ରହି ଦାଦୀଙ୍କ ଦିବ୍ୟ ଗୁଣର ବର୍ଣ୍ଣନା କରିଥିଲେ । ସମସ୍ତେ ବ୍ରହ୍ମା ଭୋଜନ ଗ୍ରହଣ କରି ପ୍ରସ୍ଥାନ କରିଥିଲେ ।

ଭଦ୍ରକ ଜିଲ୍ଲା ବେଡ଼ମିଂଟନ ଆସୋସିଏସନ ତରଫରୁ ଜିଲ୍ଲାସ୍ତରୀୟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ଭଦ୍ରକ, ୨୪।୦୮ (ଆ.ପ୍ର) : ସୂଚନା ଥାଉକି ପ୍ରତି ବର୍ଷ ଭଳି ଚଳିତ ବର୍ଷ ଭଦ୍ରକ ଜିଲ୍ଲା ବେଡ଼ମିଂଟନ ଆସୋସିଏସନ ପକ୍ଷରୁ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଜିଲ୍ଲା ସ୍ତରୀୟ ବେଡ଼ମିଂଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ସର୍ବ ମୋଟ ୧୮୫ ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଆସୋସିଏସନର ସଭାପତି ସତ୍ୟେନ୍ଦୁ ରାୟ ମହାପାତ୍ର ସମ୍ପାଦକ ସୁଶୀଲ ନାୟକ, ଅନ୍ୟାନ୍ୟ ସଦସ୍ୟଙ୍କୁ ନେଇ ଏହି ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଥିଲା, ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ଫିତା କାଟି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରି ସମାଜକୁ ବାର୍ତ୍ତା ଦେଇଥିଲେ ଯେ ଖେଳ ଦ୍ୱାରା ପିଲାମାନଙ୍କର ଶାରୀରିକ ଓ ମାନସିକ ସ୍ତରରେ ଅନେକ ବିକାଶ ହୋଇଥାଏ । ଜିଲ୍ଲା ପ୍ରଶାସନ ତରଫରୁ ସମ୍ପୂର୍ଣ୍ଣ ଭାବେ ଜିଲ୍ଲା ବେଡ଼ମିଂଟନ ଆସୋସିଏସନକୁ ସାହାଯ୍ୟ ଓ ସହଯୋଗ ରହିଛି ।

ଚର୍ଚ୍ଚିତ ମାହାଙ୍ଗାର ପୂର୍ବତନ ବିଇଓ ଚକ୍ରଧର ବେହେରାଙ୍କ ପଦୋନ୍ନତି ଓ ନୂତନ ନିଯୁକ୍ତିକୁ ନେଇ ଉଠିଲା ପ୍ରଶ୍ନବାଚୀ

ମାହାଙ୍ଗା, ୨୪।୦୮ (ଆ.ପ୍ର) : ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଭୁବନେଶ୍ୱର ତା.୧୪.୦୮.୨୦୨୫ ରିଖରେ ଚିଠି ନଂ ୨୨୪୫୦ ଅନୁଯାୟୀ ଚକ୍ରଧର ବେହେରାଙ୍କୁ ନବରଙ୍ଗପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାବରେ ବଦଳି କରାଯାଇଥିଲା । କିନ୍ତୁ ଶ୍ରୀ ବେହେରା ନିଜ ବଦଳି ହୋଇଥିବା ସ୍ଥାନରେ ଯୋଗଦାନ ନକରି ସରକାରୀ ନିୟମକୁ ଖୋଲାଖୋଲି ଭାବେ ଅବମାନନା କରି କଟକ ଓ ଭୁବନେଶ୍ୱର ମଧ୍ୟରେ ରହିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରୁଥିଲେ । ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡର ଉପ ପରୀକ୍ଷା ନିୟନ୍ତ୍ରକ ଭାବରେ ନିଯୁକ୍ତି ଦିଆଯାଇଛି । ଶ୍ରୀ ବେହେରା ମୋଟା ଅଙ୍କର ଅର୍ଥ ଦେଇ ଉକ୍ତ ପଦବୀକୁ ହାତେଇଥିବା ଅଭିଯୋଗ ହୋଇଛି । ଏଠାରେ ସୂଚନା ଥାଉ କି ଶ୍ରୀ ବେହେରା ମାହାଙ୍ଗା ବ୍ଲକ ଶିକ୍ଷାଅଧିକାରୀ ଭାବେ ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟକରି କାଳ୍ ଭାଉଚରରେ ଲକ୍ଷାଧିକ ଟଙ୍କା ହଡପ କରିଥିବାକୁ ନେଇ ତା.୧୮.୦୭.୨୦୨୪ ରିଖରେ ରାଜ୍ୟମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରେ ଲିଖିତ ଅଭିଯୋଗ କରାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଚିଠି ନଂ ୨୫୯୩, ତା.୨୯.୦୮.୨୦୨୪ ରିଖରେ ସୂଚନା ତଥ୍ୟ ଅନୁଯାୟୀ ତା. ୧୮.୦୭.୨୦୨୪ ରିଖରେ ଏହି କାର୍ଯ୍ୟାଳୟ ଡାଏରୀ ସଂଖ୍ୟା ୪୯୩୨ ସିଏମ୍‌ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପ୍ରେରଣ କରାଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ନଂ ୨୧୮୮୭, ତା.୩୧.୦୮.୨୦୨୪ ରିଖରେ ଲୋକ ସୂଚନା ଅଧିକାରୀ ଉନ୍‌ଚାଙ୍କ ସେକ୍‌ସନ ଆଇ.ଭି.କୁ ପଠାଯାଇଥିବା ଦର୍ଶଯାଇଛି । ପରବର୍ତ୍ତୀ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡିଶା ଚିଠି ନଂ୨୩୧୦୦, ତା. ୧୨.୦୯.୨୦୨୪ ରିଖରେ ଲୋକ ସୂଚନା ଅଧିକାରୀ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶା ଭୁବନେଶ୍ୱରଙ୍କୁ ଆବେଦନପତ୍ର ହସ୍ତାନ୍ତର କରାଯାଇଛି । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଓଡିଶା ଚିଠି ନଂ ୨ ୦ ୦ ୪ ୧ , ତା.୨୬.୦୯.୨୦୨୪ ରିଖରେ ଲୋକ ସୂଚନା ଅଧିକାରୀ ଏବଂ ଏଷ୍ଟାବ୍ଲିସମେଣ୍ଟ ବିଭାଗକୁ ଉକ୍ତ ଚିଠି ପ୍ରେରଣ କରାଯାଇଥିବା ସୂଚନା ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ ୨୦୭୩୬, ତା.୫.୧୦.୨୦୨୪ ରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସୂଚନା ପଠାଯାଇଥିବା ଜଣାପଡିଥିଲା । ହେଲେ ଶ୍ରୀ ବେହେରାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଏ ସଂପର୍କରେ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଥିଲା । ସିଏମ୍‌ଓ ୨୦୨୪୧୦୧୬୫୫୭ରେ ଏହା ପଞ୍ଜିକୃତ କରାଯାଇ କଟକ ଜିଲ୍ଲାପାଳଙ୍କୁ ଘଟଣାର ତଦନ୍ତପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ କୌଣସି ତଦନ୍ତ କରାଯାଇନଥିଲା । ଅପରପକ୍ଷରେ ମାହାଙ୍ଗା ବ୍ଲକ ଶିକ୍ଷାଧିକାରୀ ଭାବେ ଚକ୍ରଧର ବେହେରା ଦାୟିତ୍ୱରେ ଥିଲା ବେଳେ ୨୦୧୯ କୋଭିଡ୍ ସମୟରେ ୭୫୦ କୁଇଣ୍ଟାଲ ଚାଉଳ ହଡପ ହୋଇଥିବା ଅଭିଯୋଗ ହୋଇଥିଲା । ଏତେ ଅଭିଯୋଗ ଥାଇ ତତ୍କାଳିନ ବିଜେଡି ସରକାରର ଗେହ୍ଲା ପୁଅ ସାଜିଥିବା ଓ ବର୍ତ୍ତମାନର ବିଜେପି ସରକାର ସଂପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନରେ ଉପପରୀକ୍ଷା ନିୟନ୍ତ୍ରକ ଭାବରେ ନିଯୁକ୍ତି ଦେଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିବା ସହ ଉକ୍ତ ଘଟଣାକୁ ନେଇ ଆସନ୍ତା ଶୀତକାଳିନ ବିଧାନସଭା ଅଧିବେଶନରେ କଂଗ୍ରେସ ଦଳ ତରଫରୁ ପ୍ରଶ୍ନ କରାଯିବ ବୋଲି ମାହାଙ୍ଗାର ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର ସାହୁଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

ଜାତୀୟ ମହାକାଶ ଦିବସ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରିଛନ୍ତି କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ, ୨୪।୦୮ (ପି.ଆଇ.ବି) : କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଜାତୀୟ ମହାକାଶ ଦିବସ ଅବସରରେ ନୂଆଦିଲ୍ଲୀର ପୁସା ସ୍ଥିତ ଆଇସିଏଆରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ଭର୍ଚୁଆଲ ମାଧ୍ୟମରେ ସମ୍ବୋଧିତ କରିଥିଲେ । ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା 'କୃଷି କ୍ଷେତ୍ରରେ ପରିବର୍ତ୍ତନ ପାଇଁ ମହାକାଶ ପ୍ରଯୁକ୍ତିବିଦ୍ୟାରେ ଗବେଷଣା ଏବଂ ବିକାଶ' । ଏହି ଅବସରରେ ଆଇସିଏଆର୍ ମହାନିର୍ଦ୍ଦେଶକ ଡ. ଏମ୍ ଏଲ୍ ଜାଟ୍ ଏବଂ ବରିଷ୍ଠ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ । ଶ୍ରୀ ଚୌହାନ କହିଥିଲେ ଯେ ଆଇସିଏଆର୍ ରେ ଜାତୀୟ ମହାକାଶ ଦିବସ ପାଳନ ହେବା ଦେଖିବାକୁ ସେ ଅତ୍ୟନ୍ତ ଉତ୍ସୁକ । ମହାକାଶ ବିଜ୍ଞାନ ମାଧ୍ୟମରେ ଆମେ ଭାରତ ଏବଂ ବିଶ୍ୱରେ ପରିବର୍ତ୍ତନ ଆଣୁଛୁ । ଆମେ ସମସ୍ତେ ଜାଣୁ ଯେ କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ କେତେ ଗୁରୁତ୍ୱପୂର୍ଣ୍ଣ-ଏବଂ ଆମକୁ ଏହାକୁ ଆହୁରି ଆଗକୁ ନେବାକୁ ପଡିବ ବୋଲି ସେ କହିଥିଲେ । ବୈଜ୍ଞାନିକମାନଙ୍କୁ 'ଆଧୁନିକ ଋଷି' ବୋଲି ଅଭିହିତ କରି ଶ୍ରୀ ଚୌହାନ କହିଥିଲେ, 'ଆମେ କୃଷିକୁ, ଏହାର ଦିଗକୁ ଏବଂ କୃଷକମାନଙ୍କ ଜୀବନକୁ ପରିବର୍ତ୍ତନ କରିଛୁ । ଆମେ ଲୋକମାନଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିଛୁ । ଆମେ ରେକର୍ଡ ଖାଦ୍ୟଶସ୍ୟ ଉତ୍ପାଦନ ହାସଲ କରିଛୁ ଏବଂ ମହାକାଶ ବିଜ୍ଞାନ ଏଥିରେ ଏକ ଅତୁଳନୀୟ ଯୋଗଦାନ ଦେଇଛି । ଫସଲ ଉତ୍ପାଦନ ଆକଳନ, ଫସଲ ପ୍ରଣାଳୀ, ଗହମ, ଧାନ, ସୋରିଷ, କପା, ଆଖୁ ଉତ୍ପାଦନ, ଏକର ଆକଳନ ଠାରୁ ଆରମ୍ଭ କରି ପାଣିପାଗ ସୂଚନା ପର୍ଯ୍ୟନ୍ତ-ମହାକାଶ ପ୍ରୟୋଗ ଏବେ କୃଷି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେ କହିଥିଲେ ଯେ ପୂର୍ବରୁ ପାଣିପାଗ ପୂର୍ବାନୁମାନ ଲୋକକଥା ଏବଂ ଅନୁମାନ ଉପରେ ନିର୍ଭର କରୁଥିଲା, କିନ୍ତୁ ଆଜି ଇସ୍ରୋର ଜିଓ ପୋର୍ଟାଲ ବର୍ଷା, ମରୁଡ଼ି ଏବଂ ପାଣିପାଗ ବିଷୟରେ ପ୍ରାୟ ସଠିକ୍ ସୂଚନା ପ୍ରଦାନ କରୁଛି । 'କୃଷକମାନେ ବର୍ତ୍ତମାନ ଏହାକୁ ଆଧାର କରି ସେମାନଙ୍କର ଚାଷ ଯୋଜନା କରୁଛନ୍ତି । ଏହି ପୋର୍ଟାଲ ମୃତ୍ତିକାର ଆର୍ଦ୍ରତା ବିଷୟରେ ମଧ ସୂଚନା ପ୍ରଦାନ କରିଥାଏ, ଫସଲ ସ୍ୱାସ୍ଥ୍ୟ ତଥ୍ୟକୁ ସମନ୍ୱିତ କରିଥାଏ ଏବଂ ସଠିକ୍ ସୂଚନା ପ୍ରଦାନ କରିଥାଏ । ଶ୍ରୀ ଚୌହାନ ଉଲ୍ଲେଖ କରିଥିଲେ ଯେ କୃଷକମାନଙ୍କ ଦ୍ୱାରା ଅପଲୋଡ କରାଯାଇଥିବା ଫଟୋରୁ କୀଟପତଙ୍ଗ ଚିହ୍ନଟ କରିବା ଏବଂ ପ୍ରକୃତ ସମୟରେ ଗହମ ନିରୀକ୍ଷଣ, ବୁଣିବା ଏବଂ

ଅମଳ କ୍ଷେତ୍ରର ଆକଳନ ପାଇଁ ଜ୍ଞାନକୌଶଳ ବିକଶିତ କରାଯାଇଛି । କୃଷି ମନ୍ତ୍ରଣାଳୟର ପରିସଂଖ୍ୟାନ ଏବେ ଏନ୍‌ଆରଏସସି ର ସିଆରଓପି ଡାଟା (ଫସଲ ପ୍ରଗତି ଉପରେ ବ୍ୟାପକ ରିମୋଟ ସେନ୍ସିଂ ପର୍ଯ୍ୟବେକ୍ଷଣ) ସହିତ ମେଳ ଖାଉଛି । ନାସା-ଇସ୍ରୋ ର ନିଶାର ଅଭିଯାନ ଦ୍ୱାରା ମୃତ୍ତିକାର ଆର୍ଦ୍ରତା, ଫସଲର ସ୍ୱାସ୍ଥ୍ୟ ଏବଂ ଜୈବବସ୍ତୁର ସଠିକ୍ ଆକଳନ ଛୋଟ ସ୍ଥାନରୁ ବଡ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ସମ୍ଭବ ହୋଇପାରିଛି । ସେ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବିଷୟରେ ତ୍ରୁଟିପୂର୍ଣ୍ଣ ଫସଲ କାଟିବା ପରୀକ୍ଷଣ ଏବଂ ସ୍ୱଚ୍ଛତାର ଅଭାବ ଅନ୍ତର୍ଭୁକ୍ତ ଥିଲା । 'ବେଳେବେଳେ ଯେଉଁ କୃଷକମାନଙ୍କ ଫସଲ ନଷ୍ଟ ହୋଇଛି, ସେମାନଙ୍କୁ କ୍ଷତିପୂରଣ ମିଳୁନାହିଁ, ଯେତେବେଳେ କି ଯେଉଁମାନେ ପ୍ରଭାବିତ ହୋଇନାହାନ୍ତି, ସେମାନଙ୍କୁ ମିଳିଛି । କିନ୍ତୁ ଉପଗ୍ରହ ଆଧାରିତ ରିମୋଟ ସେନ୍ସିଂ ଦ୍ୱାରା ବର୍ତ୍ତମାନ ଫସଲ କ୍ଷତିର ସଠିକ୍ ଆକଳନ କରାଯାଇପାରିବ, ଯାହା ଉପଗ୍ରହ ଚିତ୍ର ମାଧ୍ୟମରେ ସଠିକ୍ କ୍ଷତିପୂରଣକୁ ସକ୍ଷମ କରିବ ' ବୋଲି ସେ କହିଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ବୃଦ୍ଧି ପାଉଥିବା ତାପମାତ୍ରା, ଝଡ଼ କିମ୍ବା ମରୁଡ଼ି ସମୟରେ ସମୟୋଚିତ ଚେତାବନୀ ଦେବାରେ ମହାକାଶ ବିଜ୍ଞାନ ସହାୟକ ହୋଇଥାଏ, ଯାହା ବିପର୍ଯ୍ୟୟ ପରିଚାଳନା ଏବଂ ଫସଲ ସୁରକ୍ଷାରେ ସହାୟକ ହୋଇଥାଏ । ସୂଚନା ସିଧାସଳଖ କୃଷକମାନଙ୍କ ନିକଟରେ ପହଂଚିବା ଆବଶ୍ୟକ ଏବଂ ସଚେତନତା ସୃଷ୍ଟି କରିବା ଗୁରୁତ୍ୱପୂର୍ଣ୍ଣ । ସେ ଆହୁରି ମଧ କହିଛନ୍ତି ଯେ କୃଷି କ୍ଷେତ୍ରରେ ବୈଜ୍ଞାନିକ ସଫଳତାକୁ ସିଧାସଳଖ କୃଷକମାନଙ୍କ ନିକଟରେ ପହଂଚାଇବା ପାଇଁ ''ବିକଶିତ କୃଷି ସଂକଳ୍ପ ଅଭିଯାନ' ଆରମ୍ଭ କରାଯାଇଥିଲା । 'ଆମର ବର୍ତ୍ତମାନର ଆହ୍ୱାନ ହେଉଛି କୃଷକମାନଙ୍କୁ ସଠିକ-ସମୟ ସୂଚନା ପ୍ରଦାନ କରିବା, ଯାହା ଦ୍ୱାରା ସେମାନେ ସେମାନଙ୍କର ଚାଷ ନିଷ୍ପତିରେ ଲାଭ ପାଇପାରିବେ । ଆମର ବୈଜ୍ଞାନିକମାନଙ୍କ ସାମର୍ଥ୍ୟ ଉପରେ ମୋର ସମ୍ପୂର୍ଣ୍ଣ ବିଶ୍ୱାସ ରହିଛି । ଏହି ଅଭିଯାନ ସମୟରେ କୃଷକମାନେ ଅନେକ ଯୁକ୍ତିଯୁକ୍ତ ଦାବି ଉଠାଇଥିଲେ, ଯେଉଁଥିରେ ନକଲି ସାର ଏବଂ କୀଟନାଶକ ଚିହ୍ନଟ କରିବା ପାଇଁ ଉପକରଣ ପାଇଁ ଅନୁରୋଧ ଏବଂ ସେଗୁଡ଼ିକର ଚିହ୍ନଟ କରିବା ସାମିଲ ଥିଲା । 'ଏହା ଏକ ଗମ୍ଭୀର ସମସ୍ୟା, କାରଣ କୃଷକମାନେ କ୍ଷତିର ସମ୍ମୁଖୀନ ହେଉଛନ୍ତି । ସୋୟାବିନ୍ କ୍ଷେତରେ, କୀଟନାଶକ ବ୍ୟବହାର ଫସଲକୁ ପୋଡ଼ି ଦେଇଛି । ମୁଁ ବୈଜ୍ଞାନିକମାନଙ୍କୁ ଏହା ଉପରେ ତୁରନ୍ତ କାର୍ଯ୍ୟ କରିବାକୁ ଅନୁରୋଧ କରୁଛି ', ବୋଲି ସେ କହିଛନ୍ତି । ଶ୍ରୀ ଚୌହାନ ସ୍ପଷ୍ଟ କରିଛନ୍ତି ଯେ ବିଜ୍ଞାନ ଅର୍ଥ କେବଳ ମହାକାଶ ବିଜ୍ଞାନ ନୁହେଁ । 'ଯେଉଁଠାରେ ମହାକାଶ ବିଜ୍ଞାନ ଉପଯୋଗୀ, ସେଠାରେ ଏହାକୁ ପ୍ରୟୋଗ କରନ୍ତୁ । କିନ୍ତୁ ଏହା ସହିତ, ଅନ୍ୟ କୃଷି ବିଜ୍ଞାନରେ ଗବେଷଣା ଏବଂ ପରୀକ୍ଷଣ ପ୍ରଗତିର ନୂତନ ଦିଗକୁ ପରିଭାଷିତ କରିବା ଆବଶ୍ୟକ । ଏହି ଅଭିଯାନରୁ ପାଖାପାଖି ୫୦୦ଟି ନୂଆ ଗବେଷଣା ବିଷୟ ବାହାରିଛି ଏବଂ ଏଗୁଡ଼ିକ ଉପରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି । 'ଏକ ରାଷ୍ଟ୍ର-ଏକ ଦଳ-ଏକ ଲକ୍ଷ୍ୟ 'ଭାବନା ସହିତ ଆଗକୁ ବଢ଼ନ୍ତୁ । ଯୁକ୍ତିଯୁକ୍ତ ଫଳାଫଳ ପାଇବା ପାଇଁ ଗୋଟିଏ ଦଳ ଗୋଟିଏ ବିଷୟରେ ଗବେଷଣା ଉପରେ ଧ୍ୟାନ ଦେବା ଉଚିତ ବୋଲି ସେ କହିଛନ୍ତି । 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆମେ କୃଷକମାନଙ୍କ ଜୀବନରେ ପରିବର୍ତ୍ତନ ଆଣିଛୁ-କିନ୍ତୁ ଆହୁରି ଅନେକ କିଛି କରିବାକୁ ବାକି ଅଛି । କ୍ଷୁଦ୍ର ଚାଷୀମାନଙ୍କ ଜମି ପାଇଁ ପ୍ରଭାବୀ ପଦକ୍ଷେପ ଆବଶ୍ୟକ, ଆଖୁ ଏବଂ କପା ଉପରେ ଭୂତାଣୁ ଆକ୍ରମଣର ସମାଧାନ ଖୋଜିବା ଆବଶ୍ୟକ ଏବଂ ଡାଲି, ତୈଳବୀଜ ଏବଂ ସୋୟାବିନ୍ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଶ୍ରୀ ଚୌହାନ ଭାରତର ମହାକାଶ ସଫଳତାରେ ଗର୍ବ ପ୍ରକାଶ କରି କହିଛନ୍ତି, 'ଆଜି ବିଶ୍ୱ ମହାକାଶରେ ଆମର ସଫଳତା ଦ୍ୱାରା ଚକିତ । ମହାକାଶଚାରୀ ଶ୍ରୀ ଶୁଭାଂଶୁ ଶୁକ୍ଲାଙ୍କୁ ମୁଁ ହୃଦୟରୁ ଅଭିନନ୍ଦନ ଜଣାଉଛି । ତାଙ୍କର ସଫଳ ମିଶନ ଏହି କ୍ଷେତ୍ରରେ ଦ୍ରୁତ ପ୍ରଗତି ପାଇଁ ନୂତନ ଦ୍ୱାର ଖୋଲିଛି ।

ସେଇଥିରୁ
ଆରମ୍ଭ
SEITHO ARAMBHA

ବିଶ୍ୱହିନ୍ଦୁ ପରିଷଦର ସ୍ଥାପନା ଦିବସ

ଭଦ୍ରକ, ୨୪/୦୮ (ଆ.ପ୍ର) : ବିଶ୍ୱହିନ୍ଦୁ ପରିଷଦ ଭଦ୍ରକ ଜିଲ୍ଲା ତରଫରୁ ଜନ୍ମାଷ୍ଟମୀ ତିଥି, ବେଦାନ୍ତ କେଶରୀ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଦିବସ ଓ ବିଶ୍ୱହିନ୍ଦୁ ପରିଷଦ ସ୍ଥାପନା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ଗତ ୧୪ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ବିଭିନ୍ନ ପ୍ରଖଣ୍ଡ, ଖଣ୍ଡ ଓ ଗ୍ରାମରେ ପାଖାପାଖି ୮୫ ସ୍ଥାନରେ ସ୍ଥାପନା ଦିବସ ପାଳିତ ହେଉଥିବା ବେଳେ ଆଜି ତାର ସମାରୋପ ଦିବସ ପାଳନ ଉପଲକ୍ଷେ ସକାଳ ୧୦ ଘଟିକା ସମୟରେ ସ୍ଥାନୀୟ ଗର୍ଦ୍ଦିପଡ଼ିଆ ଶିଶୁ ମନ୍ଦିର ଠାରୁ ରାଧାକୃଷ୍ଣ ମୂର୍ତ୍ତି ଏକ ସୁସଜ୍ଜିତ ବିମାନରେ ୦୮ ଟି କୀର୍ତ୍ତନ ଦଳ ସହ ସହ ସହ ମାତୃଶକ୍ତି, ଦୁର୍ଗା ବାହିନୀ, ଓ ବଜରଙ୍ଗ ଦଳର ଭାଇମାନଙ୍କ ଘଂଟ, ଘଂଟା, ହରିବୋଲ, ହୋଳହୋଳି ସହ ଜୟ ଶ୍ରୀରାମ ନାରାରେ ସମ୍ପୂର୍ଣ୍ଣ ଭଦ୍ରକ ନଗର ପ୍ରକମ୍ପିତ ହୋଇଥିଲା ଉକ୍ତ ଶୋଭାଯାତ୍ରାଟି ଗାନ୍ଧୀ ପଡ଼ିଆରୁ ବାହାରି, ଥାନା ଛକ, କଲେଜ ଛକ, ଅପର୍ତି ବିନ୍ଧା ଛକ ହୋଇ ଟାଉନ୍ ହଲ୍ ପର୍ଯ୍ୟନ୍ତ ପରିକ୍ରମା କରିଥିଲା ଏହି ସମୋରୋପ ସମାବେଶ ରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପୂର୍ବ ପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଦୀର୍ଘ ଶତିଏ ବର୍ଷ ଧରି ସମାଜ ସଂସ୍କାର ଦିଗରେ ବିଭିନ୍ନ ସମ୍ପର୍କରେ ଅବଗତ କରିଥିଲେ ଏତତ୍ ବ୍ୟତୀତ ସମ୍ମାନିତ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବେଦ ବିଶାରଦ ପଣ୍ଡିତ ବିରେନ୍ଦ୍ର ପଣ୍ଡା , ଭୃଗୁଆଶ୍ରମ ଗୋଶାଳା ପ୍ରମୁଖ ତଥା ସନ୍ଥ ରାମ ଚନ୍ଦ୍ର ଦାସ, ଜିଅର୍ ସ୍ୱାମୀ ଓ ବଜରଙ୍ଗ ଦଳ ପ୍ରାନ୍ତ ମିଳନ କେନ୍ଦ୍ର ପ୍ରମୁଖ ଓ ମୟୂରଭଞ୍ଜ ବିଭାଗ ସଂଗଠନ ମନ୍ତ୍ରୀ ବିପିନ ବିହାରୀ ପଣ୍ଡା, ପ୍ରାନ୍ତ ସହ ସଂଯୋଜକ ରାଜୀବ ନେତ୍ର ଖେଡେଙ୍ଗା, ଜିଲ୍ଲା ଉପ ସଭାପତି ନିର୍ମଳ ରାଉତ, ମହିଳା ଉପ ସଭାପତି ଟି ରାଜଲକ୍ଷ୍ମୀ ଅପା, ଜିଲ୍ଲା ସମ୍ପାଦକ ମାନନୀୟ ବସନ୍ତ କୁମାର ରାଉତ, ସହ ସମ୍ପାଦକ ଆଲୋକ କୁମାର ପଣ୍ଡା,ଦୁର୍ଗା ବାହିନୀ ଜିଲ୍ଲା ସଂଯୋଜୀକା ମଧୁସ୍ମିତା ମହାପାତ୍ର, ଜିଲ୍ଲା ମାତୃଶକ୍ତି ପ୍ରମୁଖ ସବ୍ରତା ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ଭୀମସେନ ପାଣି, ଜିଲ୍ଲା ସେବା ପ୍ରମୁଖ ରଥ କିଶୋର ସାମଲ, ଜିଲ୍ଲା ମଠ ମନ୍ଦିର ପ୍ରମୁଖ କୃଷ୍ଣ ଚନ୍ଦ୍ର ଦାସ, ଜିଲ୍ଲା ସାମାଜିକ ସମର୍ଣ୍ଣତା ପ୍ରମୁଖ ହରେକୃଷ୍ଣ ଜେନା, ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ବିଜୟ କୁମାର ଦାସ, ସହ ସଂଯୋଜକ ଖୁଡିସ ଚନ୍ଦ୍ର ରାଉତ, ସହ ସଂଯୋଜକ ଦେବ କଲ୍ୟାଣ ସାହୁ, ଜିଲ୍ଲା ସୁରକ୍ଷା ପ୍ରମୁଖ ଅଶୋକ ଲେଙ୍କା, ବଳ ଉପାସନା ପ୍ରମୁଖ ଚନ୍ଦ୍ର ଶେଖର ରାଉତ୍, ଗୋରକ୍ଷା ପ୍ରମୁଖ ମନ୍ମଥ ନାୟକ,ମିଳନ କେନ୍ଦ୍ର ପ୍ରମୁଖ ରଞ୍ଜିତ ଦୃଷ୍ଟି, ନଗର ସଭାପତି ମାନଗୋବିନ୍ଦ ନାୟକ , ବଜରଙ୍ଗ ଦଳ ନଗରରୁ ବ୍ୟୋମକେଶ ମହାନ୍ତି, ଦେବାଶିଷ ଜେନା, ଏବଂ ବହୁ କାର୍ଯ୍ୟକର୍ତା ମାନେ ପରିଚାଳନା ନିମନ୍ତେ ସାହାଯ୍ୟ କରିଥିଲେ । ସର୍ବଶେଷରେ ଜିଲ୍ଲା ସମ୍ପାଦକ ମାନନୀୟ ବସନ୍ତ କୁମାର ରାଉତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଡକାୟତି ଗ୍ୟାଙ୍ଗକୁ ଗିରଫ ପରେ କୋର୍ଟ ଚାଲାଣ

କୋଇଡ଼ା, ୨୪/୦୮ (ଆ.ପ୍ର) : ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ପୁଲିସକୁ ବଡ଼ ସଫଳତା ମିଳିଛି । ଏକ ଡକାୟତ ଗ୍ୟାଙ୍ଗକୁ ଠାବ କରି ନଗଦ ୫୫୦୦ ଟଙ୍କା ଜବତ କରିଛି କୋଇଡ଼ା ପୁଲିସ । ଏଥିସହ ଚାରି ଅଭିଯୁକ୍ତଙ୍କଠାରୁ ଅପରାଧ ସମୟରେ ବ୍ୟବହୃତ ଗୋଟିଏ ଏମସି ଏବଂ ଛୁରୀ ମଧ୍ୟ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେଛନ୍ତି ପାଟମୁଣ୍ଡା ଅଂଚଳର ଦିଳୀପ ପାତ୍ର(୩୧), ଗୁଗୁଡି ଅଂଚଳର ଗୋବିନ୍ଦ ସୋନାର (୨୧), କେନ୍ଦୁଝର ଅଂଚଳର ଅଜୟ ନାଏକ (୨୭) ଓ ବଡବିଲ ଅଂଚଳର ସୌଭାଗ୍ୟ ନାଏକ (୧୯) । ଏକ ଡକାୟତ ଗ୍ୟାଙ୍ଗକୁ ଠାବ କରି ନଗଦ ୫୫୦୦ ଟଙ୍କା ଜବତ କରିଛି କୋଇଡ଼ା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ପାଟମୁଣ୍ଡା ଅଂଚଳର ଦିଳୀପ ପାତ୍ର(୩୧), ଗୁଗୁଡି ଅଂଚଳର ଗୋବିନ୍ଦ ସୋନାର (୨୧), କେନ୍ଦୁଝର ଅଂଚଳର ଅଜୟ ନାଏକ (୨୭) ଓ ବଡବିଲ ଅଂଚଳର ସୌଭାଗ୍ୟ ନାଏକ (୧୯) । ଆଜି କୋର୍ଟଚାଲାଣ କରିଥିବା ସୂଚନା ରହିଛି । ପୁଲିସର ସୂଚନାନୁଯାୟୀ, ଅଭିଯୋଗକାରୀ ନବୀନ କୁମାର ଯାଦବ ୨୩ ଅଗଷ୍ଟ ୨୦୨୫ ଦିନ ୧ ଟାରେ ପୁଲିସ ଷ୍ଟେସନରେ ହାଜର ହୋଇ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲେ । ସେଥିରେ ଉଲ୍ଲେଖ ଅଛି ଯେ, ୧୯ ଅଗଷ୍ଟ ୨୦୨୫ ଦିନ ପ୍ରାୟ ୧ ଟାରେ ସେ ତାଙ୍କ ହାଇୱା ଗାଡ଼ି (ପଞ୍ଜୀକରଣ

ନଂ ଓଡି-୧୪ଟି- ୪୦୨୬)ରେ ସନିନ୍ଦପୁର ଖଣିରୁ କୁରୁଡିର ବିଆଇଏଲ ସାଇଡିଂକୁ ଯାଉଥିଲେ । ଯେଉଁଥିରେ ଲୁହାପଥର ଭର୍ତି ଥିଲା । ଯେତେବେଳେ ସେ ମାଲଦା ଜଙ୍ଗଲ ନିକଟରେ ପହଂଚିଲେ ତାଙ୍କୁ ୪ ଜଣ ଅଜଣା ବ୍ୟକ୍ତି ଅଟକାଇଲେ । ଏହି ବ୍ୟକ୍ତିମାନେ ଏକ ସିଡି ଡିଲକ୍ସ ମୋଟର ସାଇକେଲରେ (ପଞ୍ଜିକରଣ ନଂଓଡି-୦୯ଜି-୬୧୮୨)ରେ ଆସି ତାଙ୍କୁ ଛୁରୀ ଦେଖାଇ ଧମକ ଦେଇଥିଲେ । ପରେ ତାଙ୍କଠାରୁ ଗୋଟିଏ ସୁନା ପେଣ୍ଡେଂଟ, ନଗଦ ୬୦୦୦ ଟଙ୍କା ଓ ଗୋଟିଏ ମୋବାଇଲ୍ ଫୋନ୍ ଛଡ଼ାଇ ନେଇଥିଲେ । ପୁଲିସ ୪ଜଣଙ୍କୁ ଗିରଫ କରିବା ପରେ ଆଜି କୋର୍ଟଚାଲାଣ କରିଥିବା ସୂଚନା ରହିଛି ।

ଭଦ୍ରକ ଜିଲ୍ଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ତ୍ରୟବାର୍ଷିକ ସାଧାରଣ ସଭା

ଭଦ୍ରକ, ୨୪/୦୮ (ଆ.ପ୍ର) : ଭଦ୍ରକ ନକାଙ୍ଗ ସ୍ଥିତ ସତ୍ୟମ ଗାଲେକ୍ସୀ ଠାରେ ଭଦ୍ରକ ଜିଲ୍ଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନ୍ ପକ୍ଷରୁ ତ୍ରୟବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ଜିଲ୍ଲା କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏସନର ସଭାପତି ବାଉଲି ଚରଣ ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ କେମିଷ୍ଟ ଏବଂ ଡ୍ରଗିଷ୍ଟମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଏହାର ନିରାକରଣ ନିମନ୍ତେ ସରକାର ସମସ୍ତ ପ୍ରକାରର ସାହଯ୍ୟ ଓ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ,ଭଣ୍ଡାରିପୋଖରୀର ବିଧାୟକ ସଞ୍ଜୀବ ମଲ୍ଲିକ ଏବଂ ବାସୁଦେବପୁର ବିଧାୟକ ଅଶୋକ ଦାସ,ୟୁସିଡିଏ ରାଜ୍ୟ ସଭାପତି ପି.ସତ୍ୟ ନାରାୟଣ,ରାଜ୍ୟ ସଂଘର ସାଧାରଣ ସଂପାଦକ ପ୍ରଶାନ୍ତ ମହାପାତ୍ର ପ୍ରମୁଖ ଯୋଗ ସଂଘ ବାବଦରେ ବିଭିନ୍ନ ମତ ପ୍ରଦାନ କରିଥିଲେ । ଏହି ସଭାରେ ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସଂପାଦକୀୟ ବିବରଣୀ ପାଠ କରିଥିଲେ ଜିଲ୍ଲା ସଂପାଦକ ଦୀପକ କୁମାର ଆଚାର୍ଯ୍ୟ । ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସଂଘର ସଭ୍ୟ ମୁକେଶ ପାଣିଗ୍ରାହୀ । ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, କଟକ, ଗଞ୍ଜାମ, ପୁରୀ ଆଦି ଜିଲ୍ଲାର ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ । ଆଜିର ବୈଠକରେ ଆଗାମୀ ତିନି ବର୍ଷୀୟା ଅବଧି ପାଇଁ ସଭାପତି ବାଉଲୀ ଚରଣ ବାରିକ,ଜିଲ୍ଲା ସଂପାଦକ ଭାବେ ଦୀପକ କୁମାର ଆଚାର୍ଯ୍ୟ, କୋଷାଧକ୍ଷ ଭାବେ ଆଶିଷ ଅମିତାଭ ମହାପାତ୍ର,ସଂଗଠନ ସଂପାଦକ ଭାବେ ଧୀରେନ୍ଦ୍ର ସାହୁ ପ୍ରମୁଖ ନିର୍ବାଚିତ ହେଲେ । ଉକ୍ତ ସଭା ଟିକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସଭ୍ୟ ଭାବେ ଦେବେନ୍ଦ୍ର ବେହେରା, ସନ୍ତୋଷ ନାୟକ, ରବିନାରାୟଣ ନାୟକ,ଜ୍ଞାନରଞ୍ଜନ ସାହୁ, ଶ୍ରୀଧର ସାହୁ,ବିମ୍ବାଧର ପଣ୍ଡା, ପ୍ରିୟବ୍ରତ ପାଣିଗ୍ରାହୀ, ଶୁଭାଂଶୁ ଭୂଷଣ ଦାସ, ଅଜୟ ପଣ୍ଡା, ଅମିୟ ନାୟକ,ପ୍ରଦୀପ ସିନା,ସମରେନ୍ଦୁ ପଣ୍ଡା,ସତ୍ୟଭୂଷଣ ପଲେଇ, ରାଜୀବ ଲୋଚନ ରାୟ,ଚିନ୍ମୟ ସିଂହ, କୈଳାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

ପ୍ରବଳ ବର୍ଷା ସତ୍ତ୍ୱେ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଗହଣରେ ବିଧାୟକ ହିମାଂଶୁ

ଯାଜପୁର, ୨୪/୦୮ (ଆ.ପ୍ର) : ଧର୍ମଶାଳା ଭାଜପା ପକ୍ଷରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀକୁ ଦୀର୍ଘ ୩୦ ବର୍ଷ ହେବ ଜଙ୍ଗଲରୁ ଦାସଙ୍କ ପରିବାର ଦଖଲ କରି ରଖିଥିଲେ । ଗତ ସାଧାରଣ ନିର୍ବାଚନରେ ତାଙ୍କ ପୁତ୍ର ପ୍ରଣବ ବଳବନ୍ତ ରାୟଙ୍କୁ ପରାସ୍ତ କରି ବିଧାୟକ ହିମାଂଶୁ ଶେଖର ସାହୁ ରାଜନୈତିକ ପଟ ପରିବର୍ତନ କରିଥିଲେ । ଚଳିତ ମାସ ୧୧ ତାରିଖରେ ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତର ୩୮ ରୁ ଉର୍ଦ୍ଧ୍ୱ ସରପଂଚ ଓ ସମିତିସଭ୍ୟ ବ୍ଲକ୍ ଅଧ୍ୟକ୍ଷ ତଥା ପ୍ରଣବ ବଳବନ୍ତଙ୍କ ଭାଇ ପ୍ରଭାତ ବଳବନ୍ତ ରାୟଙ୍କ ବିରୁଦ୍ଧରେ ଅନାସ୍ଥା ଆଣି ଉପଜିଲ୍ଲାପାଳଙ୍କୁ ଜଣାଇଥିଲେ । ଗତ ୧୪ ତାରିଖ ଉପ ଜିଲ୍ଲାପାଳଙ୍କ ନିକଟରେ ଦସ୍ତଖତ ମଧ୍ୟ ଯାଂଚ ହୋଇଥିବା ବେଳେ ୨୨ ତାରିଖ ଅନାସ୍ଥା ଭୋଟ ଲାଗି ତାରିଖ ଧାର୍ଯ୍ୟ ହୋଇଥିଲା । ହେଲେ ଅନାସ୍ଥାରେ ନିଜର ପରାଜୟ ନିଶ୍ଚିତ ଜାଣିପାରି ଗତ ୨୦ ତାରିଖ ପ୍ରଭାତ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ । ଏହି ଅବସରରେ ଧର୍ମଶାଳା ବିଧାୟକ ହିମାଂଶୁ ସାହୁ ପୁନର୍ବାର ଧର୍ମଶାଳା ବାସୀଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ଶୁକ୍ରବାର ଚଣ୍ଡୀଖୋଲ ଠାରୁ ଜାରକା ଗଜ ଉଦ୍ଧାରଣ ପଡ଼ିଆ ପର୍ଯ୍ୟନ୍ତ ଏକ ବିଶାଳ ବାଇକ୍ ଶୋଭାଯାତ୍ରାର ଆୟୋଜନ କରିଥିଲେ । ପ୍ରବଳ ବର୍ଷା ସତ୍ତ୍ୱେ ୧୫ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ଜାରକା ପଡ଼ିଆ ନିକଟରେ ଗାଁ ଗହଳିରୁ ସ୍ୱେଚ୍ଛାକୃତ ଭାବେ ଆସିଥିବା ଲୋକଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ରବିନାରାୟଣ ବେହେରା ଯୋଗଦେଇ ଧର୍ମଶାଳାର ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଭାଜପା ଜିଲ୍ଲା ସଭାନେତ୍ରୀ ଦେବକାନୀ ପ୍ରଧାନ ଯୋଗଦେଇ ଧର୍ମଶାଳା ବାସୀଙ୍କ ବିଜେଡ଼ି ବିରୋଧୀ ଆଭିମୁଖ୍ୟକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସମଗ୍ର ଯାଜପୁର ଜିଲ୍ଲାରେ ଧର୍ମଶାଳା ଉଦାହରଣ ସୃଷ୍ଟି କରିବ ବୋଲି ନିଜର ମତବ୍ୟକ୍ତ କରିଥିଲେ । ବିଧାୟକ ହିମାଂଶୁ ସାହୁ ଜଙ୍ଗଲରୁ ଦାସ ଏବଂ ତାଙ୍କ ପରେ ପୁଅ ପ୍ରଣବ ବଳବନ୍ତ ରାୟଙ୍କ ପରିବାରବାଦ୍ ଶାସନରେ କିପରି ଧର୍ମଶାଳା ଶ୍ରୀହୀନ ହୋଇପଡ଼ିଛି ସେ' ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ସହ ଆଗକୁ କିପରି ଭାଜପା ସରକାରଙ୍କ ଲୋକାଭିମୁଖୀ ଏବଂ ଜନକଲ୍ୟାଣକାରୀ ଯୋଜନାରେ ଲୋକେ ଉପକୃତ ହେବେ ସେ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ତୀର୍ଥରାଜ ପଣ୍ଡା, ଶିବସ ଧାର,ପ୍ରଶାନ୍ତ ନାୟକ,ନେତ୍ରାନନ୍ଦ ପାତ୍ର, ଦେବଦତ୍ତ ପଣ୍ଡା, ବରିଷ୍ଠ କାର୍ଯ୍ୟକର୍ତା, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ଆଲୋକ ଲେଙ୍କା, ରବୀନ୍ଦ୍ର ବରାଳ, ଯୁବ କାର୍ଯ୍ୟକର୍ତା ରଜେଶ ପାଳ, ବିଶ୍ୱଜିତ ଦୃଷ୍ଟି, ଗଣେଶ ବେହେରା ଅଭିଷେକ ରାଉତଙ୍କ ସମେତ ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମ ଦେଖିବାକୁ ମିଳିଥିଲା ।

ସ୍ୱର୍ଗତଃ ଶତୃଘ୍ନ ସାହୁଙ୍କ ଦ୍ୱାଦଶାହ ସ୍ମୃତିସଭା

ଭଦ୍ରକ, ୨୪/୦୮ (ଆ.ପ୍ର) : ଭଦ୍ରକ ପୌରାଂଚଳ ଅନ୍ତର୍ଗତ ବାଇପାସ ସ୍ଥିତ ବାସଭବନରେ ପ୍ରତିଷ୍ଠିତ ଓ ସୁନାମଧନ୍ୟ ଡା. ବସନ୍ତ କୁମାର ସାହୁଙ୍କ ପରମପୂଜ୍ୟ ପିତୃଦେବ ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଶତ୍ରୁଘ୍ନ ସାହୁଙ୍କ ଆଜି ଦ୍ୱାଦଶାହ କ୍ରିୟା ଅନୁଷ୍ଠିତ ହୋଇଯାଇଛି । ଏହି ଦ୍ୱାଦଶାହ କ୍ରିୟାରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜୁ ଯୁବ ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବିକାଶ ଶ୍ରେଷ୍ଠ, ଯୁବ ବ୍ୟବସାୟୀ ଶଶିକାନ୍ତ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ସାହୁଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଗଣେଶ ମୂର୍ତି ନିର୍ମାଣରେ ନିମଗ୍ନ କାରୀଗର

ବାଲିଆପାଳ, ୨୪/୦୮ (ଆ.ପ୍ର) : ପାଖେଇ ଆସିଲାଣି ପାର୍ବଣ ଋତୁ । ଆସନ୍ତା ୨୭ ଅଗଷ୍ଟ ଗଣେଶ ପୂଜାକୁ ଦୃଷ୍ଟିରେ ରଖି ମୂର୍ତି କାରିଗରମାନେ ମୂର୍ତି ପ୍ରସ୍ତୁତିରେ ନିମଗ୍ନ ରହୁଥିବା ଦେଖିବାକୁ ମିଳୁଛି । ସାମ୍ପ୍ରତିକ ପରିସ୍ଥିତିରେ ମୂର୍ତି ତିଆରି ପାଇଁ ନଡ଼ା ଓ ମାଟି ମିଳିବା କଷ୍ଟକର ବ୍ୟାପାର ହୋଇପଡିଛି । ପାର୍ବଣ ଋତୁ ଆସିବାର ଦୀର୍ଘ ଦିନ ପୂର୍ବରୁ ମୂର୍ତି କାରିଗରମାନେ ମୂର୍ତି ନିର୍ମାଣ କରିବାକୁ ଆବଶ୍ୟକ ନଡା ଓ ମାଟି ସଂଗ୍ରହରେ ଲାଗି ପଡିଥାନ୍ତି । ସେପଟେ ଓଡିଆ ମୂର୍ତି କାରିଗରମାନେ ବହୁ ସମସ୍ୟା ମଧ୍ୟରେ ମୂର୍ତି ତିଆରି କରୁଥିଲେ ମଧ୍ୟ ବଙ୍ଗାଳୀ କାରିଗରଙ୍କ ହାତ ତିଆରି ଓ ଛାଂଚରେ ନିର୍ମିତ ମୂର୍ତି ଯୋଗୁଁ ଓଡିଆ କାରିଗରମାନଙ୍କ ମୂର୍ତିର ଚାହିଦା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି । ଓଡ଼ିଶା କାରିଗରଙ୍କ ହାତ ମୂର୍ତିର ଦାମ ତୁଳନାରେ ବଙ୍ଗାଳୀ କାରିଗରଙ୍କ ମୂର୍ତିର ଡିଜାଇନ୍ ଓ ସୌନ୍ଦର୍ଯ୍ୟ ଭଲ ହେଉଥିବାରୁ ସେହି ମୂର୍ତିକୁ କ୍ରୟ କରିବା ପାଇଁ ବହୁ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି । ଗଣେଶ ପୂଜା ପାଇଁ ବାଲିଆପାଳ ଅଂଚଳର କେତେକ କାରିଗରଙ୍କ ପାଖରେ ମୂର୍ତି ବରାଦ ହୋଇ ଯାଇଥିଲା ବେଳେ ଆଉ କିଛି ଦିନ ମଧ୍ୟରେ ଆହୁରି କିଛି ବରାଦ ଆସିବାର ସମ୍ଭାବନା ରହିଛି । ପାର୍ବଣ ଋତୁରେ ମୂର୍ତି ନିର୍ମାଣ କରି ସେଥିରୁ ମିଳୁଥିବା ଅର୍ଥରେ ପରିବାର ପ୍ରତିପୋଷଣ କରୁଥିବା ଓ ମୂର୍ତି ତିଆରି ପାଇଁ ହେଉଥିବା ପରିଶ୍ରମ ତୁଳନାରେ ପାରିଶ୍ରମିକ କମ ମିଳୁଥିବା କାରିଗରମାନେ କହୁଛନ୍ତି । ବାଲିଆପାଳ ବ୍ଲକ ଅଂଚଳରେ ଦିନକୁ ଦିନ କୋଠାବାଡି ଗଢି ଉଠିଥିବାରୁ ମୂର୍ତି ନିର୍ମାଣ ପାଇଁ ଚିକିଟା ମାଟିର ଅଭାବ ଅନ୍ୟ ଏକ ସମସ୍ୟାଋ ଭାବେ ଉଭା ହୋଇଛି । ମୂର୍ତି ତିଆରି ପାଇଁ ଆବଶ୍ୟକ ପଡୁଥିବା ଚିକିଟା ମାଟି ବିଲରୁ ସଂଗ୍ରହୀତ ହୋଇଥାଏ । ସେପଟେ ମୂର୍ତିରେ ଲାଗୁଥିବା ବିଭିନ୍ନ କିସମର ରଙ୍ଗର ଦର ମଧ୍ୟ ଦିନକୁ ଦିନ ହୁହୁ ହୋଇ ବଢିଚାଲିଛି । ପୂର୍ବବର୍ଷ ମାନଙ୍କ ଭଳି ଚଳିତବର୍ଷ ମଧ୍ୟ ଆସନ୍ତା ଅଗଷ୍ଟ ୨୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ପାଇଁ ବର୍ତମାନ ଠାରୁ ଗାଁ ରୁ ସହର ସବୁଠି ଚଳଚଂଚଳ ହୋଇ ଉଠିଲାଣି । ଏଥିପାଇଁ ମୂର୍ତି କରିଗର ସମେତ ଆୟୋଜକ ଅନୁଷ୍ଠାନର ଯୁବପିଢୀ ଓ ଭକ୍ତଙ୍କ ମନରେ ଆନନ୍ଦ ଉତ୍ସାହ ଦେଖିବାକୁ ମିଳୁଛି । ବିଶେଷକରି ଗଣେଶ ପୂଜା ଠାରୁ କାଳୀ ପୂଜା ପର୍ଯ୍ୟନ୍ତ ଅଢେଇ ମାସ ସମୟକୁ ପାର୍ବଣର ଋତୁ ଭାବେ ଗ୍ରହଣ କରାଯାଇଥାଏ । ଗଣେଶ ପୂଜା ପରେ ପାର୍ବଣ ଋତୁ ବିଶ୍ୱକର୍ମା ପୂଜା, ଦୁର୍ଗାପୂଜା କାଳୀ ପୂଜାରେ ସମାପ୍ତ ହୋଇଥାଏ । ଏଥର ପାଗ ଅନୁକୂଳ ଥିବାରୁ ପୂଜା ପାର୍ବଣ ଜମିବ ବୋଲି ଉତ୍ସାହୀ ଯୁବପିଢୀ , ଛାତ୍ରଛାତ୍ରୀ ମାନେ କହିଛନ୍ତି ।

ପାପଡ଼ାହାଣ୍ଡିରେ ଶହିଦ ସ୍ମୃତି ଦିବସ ପାଳିତ

ପାପଡାହାଣ୍ଡି, ୨୪/୦୮ (ଆ.ପ୍ର) : ପାପଡାହଣ୍ଡି ଶହିଦ ମିନାର ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତରା, ଜିଲ୍ଲା ପରିଷଦ ସଭାପତି ମୋତିରାମ ନାୟକ, ଜିଲ୍ଲା ପରିଷଦ ଉପସଭାପତି ଲିପିକା ବରେଇ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ପୂର୍ବତନ ସାଂସଦ ଭଗବାନ ମାଝୀ ଏସ୍‌ପି ମଦକର ସନ୍ଦୀପ ସମ୍ପତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ନବରଙ୍ଗପୁରରୁ ସହିଦ ସ୍ମୃତି କମିଟି ସଭାପତି ମନରଞ୍ଜନ ତ୍ରିପାଠୀ ଓ କାଦମ୍ବିନୀ ତ୍ରିପାଠୀ ଆଣିଥିବା ସହିଦ ସ୍ମୃତି ମଶାଲକୁ ଅତିଥି ବୃନ୍ଦ ଏବଂ ଜିଲ୍ଲାପାଳଙ୍କ ଗ୍ରହଣ କରିଥିଲେ । ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ଠାରୁ ସହିଦ ମିନାର ପର୍ଯ୍ୟନ୍ତ ଏହି ଅବସରରେ ପଦଯାତ୍ରାର ଆୟୋଜନ କରାଯାଇଥିଲା । ମଶାଲ ସ୍ଥାପନ ପରେ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ହୋଇଥିଲା । ସ୍ମୃତିସୌଧ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ଓ ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା ସେହିପରି ଟୁରା ନଦୀ କୂଳରେ ସହିଦଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ହୋଇଥିଲା । ଆରକ୍ଷୀ ବାହିନୀ ପକ୍ଷରୁ ସାମରିକ ଅଭିବାଦନ ସହ ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ସହିଦଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା ଓ ସ୍ୱାଗତ ସଂଗୀତ ଭିବେଷଣ ସହ ସର୍ବଧର୍ମ ପ୍ରାର୍ଥନା ହୋଇଥିଲେ । ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନକୁ ସ୍ମରଣ କରି ଅତୁଳନୀୟ ବୋଲି ଅତିଥିମାନେ ବର୍ଣ୍ଣନା କରିଥିଲେ । ମହାତ୍ମାଗାନ୍ଧୀଙ୍କ ଡାକରାରେ ନିରୀହ ଆଦିବାସୀ ଆନ୍ଦୋଳନ କରି ବୀରତ୍ୱର ପରିଚୟ ଦେଇଛନ୍ତି । ବର୍ତମାନ ଜିଲ୍ଲାର ବିକାଶ ପାଇଁ ସମସ୍ତେ ମିଳିମିଶି କାମ କଲେ ସହିଦଙ୍କ ସ୍ୱପ୍ନ ନିଶ୍ଚିତ ରୂପେ ପୂରଣ ହେବ । ସହିଦଙ୍କ ପାଇଁ ଏହି ସ୍ଥାନ ତୀର୍ଥସ୍ଥଳରେ ପରିଣତ ହୋଇଛି । ତେଣୁ ସହିଦଙ୍କୁ ପାଠ୍ୟପୁସ୍ତକରେ ସ୍ଥାନ ଦେବାକୁ ପ୍ରୟାସ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଥିଲେ । ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ କପିଳଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିପିଓ ଶଶିକାନ୍ତ ଦାସ ଓ ଡିଆଇପିଆର ମନୋଜ କୁମାର ବେହେରା ମଂଚ ପରିଚାଳନା କରିଥିଲେ । ଶେଷରେ ସହିଦଙ୍କ ଦାୟାଦଙ୍କୁ ପ୍ରଶାସନ ପକ୍ଷରୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା ।

ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ

ଭଦ୍ରକ, ୨୪/୦୮ (ଆ.ପ୍ର) : ସର୍ବ ଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୂର ମହାସଂଘର ରାଷ୍ଟ୍ରିୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହର ସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ) ଠାରେ ଆଜି ଅନୁଷ୍ଠିତ ହୋଇ ଯାଇଛି । ସକାଳେ ବିଷ୍ଣୁପୁର ଛକ ସ୍ଥିତ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତିରେ ବହୁ ବୁଦ୍ଧିଜୀବୀ, ଭାରତୀୟ ମଜଦୂର ସଂଘର କର୍ମକର୍ତା ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ବାଢିଥିଲେ । ପରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲ (ଶହୀଦ୍ ସ୍ମୃତି ଭବନ)ରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ 'ନିର୍ଭୟ' ର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ନବୀନ ଦାସ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାରତୀୟ ମଜଦୂର ସଂଘର ରାଜ୍ୟ ସଭାପତି ଯୋଗ ଦେଇ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ । ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ସମାଜର ତଳ ଶ୍ରେଣୀ ଲୋକମାନଙ୍କ ହକ୍ ପାଇଁ ଲଢ଼େଇ ଆରମ୍ଭ କରିଥିଲେ । ଭାରତୀୟ ମଜଦୂର ସଂଘ ସହିତ ସାମିଲ ହୋଇ ସର୍ବଭାରତୀୟ କାର୍ଯ୍ୟକର୍ତା ଭାବେ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଅଦମ୍ୟ ସାହସ, ନିର୍ଭୀକତା, ପ୍ରବଳ ଇଚ୍ଛାଶକ୍ତି ତାଙ୍କୁ କେବେ ହାର ମାନିବାକୁ ଦେଇ ନଥିଲା । ପ୍ରତାପ ଜଣେ ଅନନ୍ୟ ପ୍ରତିଭାର ଅଧିକାରୀ ଥିଲେ । ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁର ଠାରେ ଦେହାନ୍ତ ହୋଇଥିଲା । ତାଙ୍କ ନିଧନ ସମଗ୍ର ଶ୍ରମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି, କିଛି ମହାମନିଷୀ ସ୍ୱଳ୍ପ ସମୟ ପାଇଁ ଧରାପୃଷ୍ଠକୁ ଆସିଥିଲେ, ସେମାନେ ସମାଜ ପାଇଁ କିଛି ଛାପ ଛାଡ଼ି ଯାଇଛନ୍ତି । ସେହିଭଳି ପ୍ରତାପ ପଣ୍ଡା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ସମଗ୍ର ଦେଶ ପାଇଁ ଶ୍ରମିକ ସଂଗଠନ କରିଆରେ ମହନୀୟ ବାର୍ତା ଛାଡ଼ି ଯାଇଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉପଲକ୍ଷେ ଗତ ୨୦ ତାରିଖରେ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣି ମନ୍ଦିର ରାସ୍ତାରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ପ୍ରତିଭା ଭାବେ ବିଶିଷ୍ଟ ଉଦ୍ୟୋଗପତି ଭାବେ ମନୋଜ ନାୟକ, ଶିକ୍ଷକ ସମରେନ୍ଦ୍ର ମିଶ୍ର, ପୂର୍ବତନ ବିଏମ୍‌ଏସ୍‌ର ଜିଲ୍ଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନର ସଦସ୍ୟ ବିଜୟ ଭୂଷଣ ନାୟକ, ଭଦ୍ରକ ଜିଲ୍ଲା ଅଙ୍ଗନବାଡ଼ି ସଂଘର ପ୍ରମିଳା ପାଢ଼ୀ, ସମାଜସେବୀ ପାର୍ଥ ସାରଥୀ ନାୟକ, ଆଦର୍ଶ କୃଷକ ଉଦୟନାଥ କର, କୃତି ଛାତ୍ର ସଦାନନ୍ଦ ପଣ୍ଡା ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ ଧଳ, ବସନ୍ତ ରାଉତ, ବିଦ୍ୟାଧର ସେଠୀ, କମଳାକାନ୍ତ ସାହୁ, ଅଶୋକ ନାୟକ, ବିଶ୍ୱନାଥ ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟାରାଣୀ ପଡ଼ି, ବସନ୍ତ ବଳ, ତପନ ପାତ୍ର, ଯୋଗେଶ୍ୱର ଦାସ, ବିକାଶ ସାମଲ, ଶାନ୍ତନୁ ମହାପାତ୍ର, ରାମଚନ୍ଦ୍ର ରାଉତ, ସୁରେନ୍ଦ୍ର କୁମାର ନାୟକ, ପ୍ରଦୀପ କୁମାର ପଣ୍ଡା, ଅରୁଣ ଖିଲାର, ପୂର୍ଣ୍ଣଚନ୍ଦ୍ର ସେଠୀ, ଜୀବନ ପଣ୍ଡା, ଜ୍ୟୋତିପ୍ରକାଶ ଦାସ, ନିର୍ମଳ ସ୍ୱାଇଁ, ବିଜୟ ଖିଲାର, ଗଣେଶ୍ୱର ସାହୁ, ଅମୂଲ୍ୟ କୁମାର ନାୟକ, ଭ୍ରମର ନାୟକ, ଚନ୍ଦ୍ରଶେଖର ଜେନା, ମନୋଜ ଲେଙ୍କା, ବିଭୂତି ପାଣିଗ୍ରାହୀ, ବିଜୟପ୍ରତାପ ଜେନା, ପ୍ରଫୁଲ୍ଲ ନାୟକ, ତପନ ପଣ୍ଡା, ବିପିନ୍ ମିଶ୍ର, ସୁଶାନ୍ତ ନାୟକ, ସ୍ମିତା ନାୟକ, ମମତା ବାରିକ, ସଞ୍ଜୁଲତା ରାଉତ, ନିରୁପମା ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ । ସମ୍ପାଦକ ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡା ପ୍ରାଥମିକ ସୂଚନା, ସୁରେଶ ସାମଲ ଅତିଥି ପରିଚୟ, ଯୋଗେଶ୍ୱର ଦାସ (ରାୟଗଡ଼ା) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂର୍ଯ୍ୟସ୍ନାତା ବସନ୍ତରାୟ, ଚିରଞ୍ଜିତ ପଣ୍ଡା, ସାଇ ଜନ୍ମେଜୟ ମିଶ୍ର ସହଯୋଗ କରିଥିଲେ ।

ଅବସର ନେଲେ ଚେତେଶ୍ୱର ପୂଜାରା

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ରବିବାର ଅବସର ଘୋଷଣା କରିଛନ୍ତି ଦେଶର ଅନ୍ୟତମ ଶ୍ରେଷ୍ଠ ଟେଷ୍ଟ ଖେଳାଳି ଚେତେଶ୍ୱର ପୂଜାରା । ସୋଶାଲ ମିଡିଆରେ ଏକ ପୋଷ୍ଟ କରି ସେ ଅବସର ଘୋଷଣା କରିଛନ୍ତି । ୩୭ ବର୍ଷୀୟ ପୂଜାରା ୨୦୨୩ରେ ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ୨୦୧୦ରେ ସେ ଅଷ୍ଟ୍ରେଲିଆ ବିପକ୍ଷରେ ମଧ୍ୟ ଟେଷ୍ଟ ଡେବ୍ୟୁ କରିଥିଲେ । ପୂଜାରା ୧୦୩ଟି ଟେଷ୍ଟ ଖେଳିଥିବା ବେଳେ ୧୭୬ଟି ଇନିଂସରୁ ୪୩.୬୦ ହାରରେ ୭,୧୯୫ ରନ୍ କରିଛନ୍ତି । ତା' ମଧ୍ୟରେ ୧୯ଟି ଶତକ ଓ ୩୫ଟି ଅର୍ଦ୍ଧଶତକ ରହିଛି । ୨୦୬ ନଟ୍ ଆଉଟ୍ ହେଉଛି ତାଙ୍କର ଟେଷ୍ଟରେ ବ୍ୟକ୍ତିଗତ ସର୍ବାଧିକ ରନ୍, ଯାହା ସେ ୨୦୧୨ରେ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ କରିଥିଲେ । ୫୦୦ ମିନିଟରୁ ଅଧିକ ସମୟ ଧରି ସେ କ୍ରିଜରେ ରହି ଏହି ସ୍କୋର କରିଥିଲେ ଓ ଏହା ଭାରତର ବିଜୟରେ ବଡ଼ ସହାୟକ ହୋଇଥିଲା । ୭,୧୯୫ ରନ୍ ସହିତ ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ



ରନ୍ ସଂଗ୍ରହକାରୀଙ୍କ ତାଲିକାର ଅଷ୍ଟମ ସ୍ଥାନରେ ରହିଛନ୍ତି ପୂଜାରା । ତାଙ୍କ ଉପରେ ଯଥାକ୍ରମେ ସୌରଭ ଗାଙ୍ଗୁଲି (୭୨୧୨), ବୀରେନ୍ଦ୍ର ସେହୱାଗ (୮୫୦୩), ଭିଭିଏସ୍ ଲକ୍ଷ୍ମଣ (୮୭୮୧), ବିରାଟ କୋହଲି (୯୨୩୦), ସୁନୀଲ ଗାଭାସ୍କର (୧୦,୧୨୨), ରାହୁଲ ଦ୍ରାବିଡ (୧୩,୨୬୫) ଓ ସଚିନ ତେନ୍ଦୁଲକର (୧୫,୯୨୧) ରହିଛନ୍ତି । ପୂଜାରା ଦେଶ ପାଇଁ ମାତ୍ର ୫ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ । ୨୦୧୩ରେ ଜିମ୍ବାୱେ ବିପକ୍ଷରେ ସେ ଦିନିକିଆ ଡେବ୍ୟୁ କରିଥିଲେ । ଏହି ଫର୍ମାଟରେ ସେ ତାଙ୍କ ଶେଷ ମ୍ୟାଚ୍ ବାଂଲାଦେଶ ବିପକ୍ଷରେ ୨୦୧୪ରେ ଖେଳିଥିଲେ । ରାଜକୋଟରେ ଜନ୍ମିତ ପୂଜାରାଙ୍କୁ ବେଳେବେଳେ ଭାରତୀୟ ଟେଷ୍ଟର ଅନ୍ୟତମ ମହାନ ଖେଳାଳି ରାହୁଲ ଦ୍ରାବିଡଙ୍କ ସହିତ ତୁଳନା କରାଯାଏ । ତେବେ ପୂଜାରାଙ୍କ ନିଜସ୍ୱ ଶୈଳୀ ଥିଲା । କ୍ରିଜରେ ତାଙ୍କର ନିର୍ଭୀକ ଏକାଗ୍ରତା ପାଇଁ ସେ ବେଶ୍ ଜଣାଶୁଣା । ଯେତେବେଳେ ବି ଚେତେଶ୍ୱର ପୂଜାରାଙ୍କ ସଂପର୍କରେ ଆଲୋଚନା କରାଯାଏ, ୨୦୧୮-୧୯ରେ ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ପ୍ରଥମ ଟେଷ୍ଟ ସିରିଜ୍ ବିଜୟକୁ ଉଲ୍ଲେଖ କରାଯାଏ । ଭାରତୀୟ ଟେଷ୍ଟ ଟିମ୍‌ର ଏହି ଐତିହାସିକ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ଚେତେଶ୍ୱର ପୂଜାରା । ଏହି ସିରିଜ୍‌ରେ ସେ ୧୨୫୮ଟି ବଲ୍‌ର ସମ୍ମୁଖୀନ ହୋଇ ୫୨୧ ରନ୍ କରିଥିଲେ । ତା' ମଧ୍ୟରେ ଥିଲା ୩ଟି ଶତକ । ତାଙ୍କର ଏହି ପ୍ରଦର୍ଶନକୁ ଆଜି ତାଙ୍କର ଅବସର ଘୋଷଣା ପରେ ପୁଣି ମନେ ପକାଇଛନ୍ତି ସଚିନ ତେନ୍ଦୁଲକର । ପୂଜାରାଙ୍କ ଉଦ୍ଦେଶ୍ୟରେ ସଚିନ ତାଙ୍କ 'ଏକ୍ସ'ରେ ଲେଖିଛନ୍ତି, ଆପଣଙ୍କ ବ୍ୟାଟିଂ ଶୈଳୀ, ଧୈର୍ଯ୍ୟ ଓ ଚାପ ସମୟରେ ଏକାଗ୍ରତା ଟିମ୍ ପାଇଁ ଖୁଂଟ ସାଜିଥାଏ । ଏହାର ଅନେକ ଉଦାହରଣ ଥିବା ବେଳେ ୨୦୧୮ରେ ଅଷ୍ଟ୍ରେଲିଆ ବିପକ୍ଷ ବିଜୟ ହେଉଛି ସେଥିରୁ ଗୋଟିଏ । ଆପଣଙ୍କ ମ୍ୟାଚ୍ ୱିନିଂ ରନ୍ ବିନା ତାହା ସମ୍ଭବ ହୋଇ ନଥା'ନ୍ତା । ତେବେ ୨୦୨୩ ପରଠାରୁ ପୂଜାରା ଚୟନକର୍ତ୍ତାଙ୍କ ଦ୍ୱାରା ଅଣଦେଖା ହୋଇ ରହିଯାଇଥିଲେ । କାରଣ ବିସିସିଆଇ ଯୁବ ଖେଳାଳିଙ୍କ ଉପରେ ଜୋର ଦେଇଥିଲା ।

ଏସିଆ କପ୍ ୨୦୨୫ ପାଇଁ ଆଫଗାନିସ୍ତାନ ଟିମ୍ ଘୋଷଣା

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ଏସିଆ କପ୍ ୨୦୨୫ ପାଇଁ ଆଫଗାନିସ୍ତାନ ରବିବାର ଦଳ ଘୋଷଣା କରିଛି । ଘୋଷିତ ୧୭ ଜଣିଆ ଦଳରେ ରଶିଦ ଖାନଙ୍କୁ ଦଳର ଅଧିନାୟକ ଦାୟିତ୍ୱ ଦିଆଯାଇଛି । ରିଜର୍ଭ ଖେଳାଳି ଭାବେ ତିନି ଜଣଙ୍କୁ ସ୍ଥାନ ମିଳିଛି । ଦଳରେ ଅନୁଭବୀ ଖେଳାଳି ମହମ୍ମଦ ନବିଙ୍କ ସମେତ ଅନେକ ଯୁବ ଖେଳାଳିଙ୍କୁ ସ୍ଥାନ ମିଳିଛି । ଦଳରେ ଭରପୂର ସ୍ପିନର ରହିଛନ୍ତି । କାରଣ ୟୁଏଇର ପିଚ୍ ସ୍ପିନରଙ୍କୁ ବେଶ ସୁହାଇଥାଏ । ଆଫଗାନିସ୍ତାନର ଦଳରେ ସ୍ପିନର ରୂପେ ଅଧିନାୟକ ରଶିଦ ଖାନଙ୍କ ବ୍ୟତୀତ ମହମ୍ମଦ ନବି, ମୁଜିବ ଉର ରେହମାନ, ଆଲ୍ଲା ଗଜନଫର, ନୂର ଅହମ୍ମଦ ଓ ଶରାଫୁଦ୍ଦିନ ଅଶ୍ରଫଙ୍କ ନାଁ ସାମିଲ । ଏହି ପରି ୧୭ ଜଣିଆ ଦଳରେ ଛଅ ଜଣ ସ୍ପିନର ରହିଛନ୍ତି । ଏହା ବାଦ୍ ରିଜର୍ଭ ଖେଳାଳିଙ୍କ ମଧ୍ୟରେ ସ୍ପିନର ନ୍ୟାଙ୍ଗୀଲ ଖରୋଟେଙ୍କୁ ସାମିଲ୍ କରାଯାଇଛି । ସ୍ପିନ ବୋଲରଙ୍କ ଭରସାରେ ଆଫଗାନିସ୍ତାନ ଟିମ୍ ଏସିଆ କପରେ ଶକ୍ତିଶାଳୀ ଦଳକୁ ଟକ୍କର ଦେବାକୁ ପ୍ରସ୍ତୁତି କରୁଛି । ସୂଚନାଯୋଗ୍ୟ, ୨୦୨୫ ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେବ । ଏହାର ଫାଇନାଲ ମ୍ୟାଚ୍

ସେପ୍ଟେମ୍ବର ୨୮ରେ ଖେଳାଯିବ । ଏଥର ଏସିଆ କପରେ ମୋଟ ଆଠଟି ଦଳ ଅଂଶଗ୍ରହଣ କରିବେ । ଏହି ଦଳଗୁଡ଼ିକୁ ଦୁଇଟି ଗ୍ରୁପରେ ବିଭକ୍ତ କରାଯାଇଛି । ୨୦୨୫ ଏସିଆ କପ୍ ର ମ୍ୟାଚ୍ ଆବୁଧାବି ଏବଂ ଦୁବାଇରେ ଖେଳାଯିବ । ଟିମ୍ ଇଣ୍ଡିଆ ୧୦ ସେପ୍ଟେମ୍ବରରେ ଟୁର୍ଣ୍ଣାମେଂଟରେ ପ୍ରଥମ ମ୍ୟାଚ୍ ଖେଳିବ । ଗ୍ରୁପ ଏରେ ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଥିବା ବେଳେ ଗ୍ରୁପ ବିରେ ରହିଛନ୍ତି ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ।ଆଫଗାନିସ୍ତାନ ଟିମ୍ : ଶିଦ ଖାନ(ଅଧିନାୟକ), ରହମାନୁଲ୍ଲା ଗୁରବାଜ, ଇବ୍ରାହିମ ଜାଦରାନ, ଦରବିଶ ରସୁଲି, ସେଦିକୁଲ୍ଲା ଅଟଲ, ଅଜମତୁଲ୍ଲା ଉମରଜାଇ, କରିମ ଜନତ, ମହମ୍ମଦ ନବି, ଗୁଲବଦିନ ନାଏବ, ଶରାଫୁଦ୍ଦୀନ ଅଶରଫ, ମହମ୍ମଦ ଇଶାକ, ମୁଜିବ ଉର ରେହମାନ, ଆଲ୍ଲା ଗଜନଫର, ନୂର ଅହମ୍ମଦ, ଅହମ୍ମଦ ମଲିକ, ନବୀନ ଉଲ ହକ ଓ ଫଜଲହକ ଫାରୁକି ।

ଅନିଶ ଦୟାଲ ସିଂହ ହେଲେ ଡେପୁଟି ଏନ୍ଏସଏ

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ସିଆରପିଏଫ ଓ ଆଇଟିବିପିର ପୂର୍ବତନ ମହାନିର୍ଦ୍ଦେଶକ (ଡିଜି) ଅନିଶ ଦୟାଲ ସିଂହଙ୍କୁ ଉପ ଜାତୀୟ ସୁରକ୍ଷା ପରାମର୍ଶଦାତା (ଡେପୁଟି ଏନଏସଏ) ନିଯୁକ୍ତ କରାଯାଇଛି । ତାଙ୍କୁ ଅନ୍ତରୀଣ ବ୍ୟାପାର ଦାୟିତ୍ୱ ନ୍ୟସ୍ତ କରାଯାଇଛି । ମଣିପୁର କ୍ୟାଡର ୧୯୮୮ ବ୍ୟାଚ୍ ଆଇପିଏସ୍ ଅଫିସର ସିଂହ ୩୧ ଡିସେମ୍ବର ୨୦୨୪ରେ ସିଆରପିଏଫ ଡିଜି ପଦରେ ଅବସର ଗ୍ରହଣ କରିଥିଲେ । ଏହି ନିଯୁକ୍ତିକୁ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଅଜିତ ଡୋଭାଲଙ୍କ ଟିମକୁ ଅଧିକ ମଜବୁତ କରାଯିବା ଦିଗରେ ପଦକ୍ଷେପ ମନେ କରାଯାଉଛି । ଉତରପ୍ରଦେଶ ପ୍ରୟାଗରାଜରେ ୧୯୬୪ରେ ଜନ୍ମିତ ଅନିଶ ଦୟାଲ ସିଂହ ତାଙ୍କ କ୍ୟାରିୟରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି ଓ ଜାତୀୟ ସୁରକ୍ଷା କ୍ଷେତ୍ରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ରହିଛି । ଏହା ପୂର୍ବରୁ ସେ ଆଇଟିବିପି ଓ ସଶସ୍ତ୍ର ସୀମା ବଳ (ଏସଏସବି) ମହାନିର୍ଦ୍ଦେଶକ ଭାବେ ତାଙ୍କ ସେବା ଦେଇଛନ୍ତି । ତେବେ ସିଆରପିଏଫ ଡିଜି ଭାବେ ଜମ୍ମୁ-କାଶ୍ମୀରରେ ଅବସ୍ଥାପିତ ଥିବା ବେଳେ ଆତଙ୍କବାଦ ବିରୋଧୀ ଅଭିଯାନମାନଙ୍କରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି । ଏହାଛଡା ଅଗଷ୍ଟ ୨୦୨୪ରେ ତାଙ୍କୁ ଜାତୀୟ ସୁରକ୍ଷା ଗାର୍ଡ (ଏନଏସଜି) ଓ କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ (ସିଆଇଏସଏଫ) ଅତିରିକ୍ତ

ଦାୟିତ୍ୱ ମଧ୍ୟ ଦିଆଯାଇଥିଲା । ଅନିଶ ଦୟାଲ ତାଙ୍କ କ୍ୟାରିୟରର ପ୍ରାରମ୍ଭ ମଣିପୁର କ୍ୟାଡର ଆଇପିଏସ ଅଧିକାରୀ ଭାବେ ଆରମ୍ଭ କରିଥିଲେ । ସେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଗୁଇନ୍ଦା ବ୍ୟୁରୋ (ଆଇବି)ରେ ବିଶେଷ ନିର୍ଦ୍ଦେଶକ ରୂପେ କାମ କରିଥିଲେ, ଯେଉଁଠି ସେ ଅନେକ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଅପରେସନର ନେତୃତ୍ୱ ନେଇଥିଲେ । ତାଙ୍କର ବିଶେଷଜ୍ଞତା ଓ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ତାଙ୍କୁ ଡେପୁଟି ଏନଏସଏ ରୂପେ ନିଯୁକ୍ତ କରାଯିବା ଜାତୀୟ ସୁରକ୍ଷା ସମ୍ପର୍କିତ ମାମଲାରେ ଭାରତର ରଣନୀତିକୁ ଆହୁରି ପ୍ରଭାବୀ କରିବାରେ ସହାୟକ ହେବ । ଏନଏସଏ ଅଜିତ ଡୋଭାଲଙ୍କ ନେତୃତ୍ୱରେ ଡେପୁଟି ଏନଏସଏ ରୂପେ ଅନିଶ ଦୟାଲ ଆତଙ୍କବାଦ, ସାଇବର ସୁରକ୍ଷା ଓ ଅନ୍ତରୀଣ ବିପଦ ଭଳି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେବେ । ତାଙ୍କ ନିଯୁକ୍ତି ଜାତୀୟ ସୁରକ୍ଷା ପରିଷଦ (ଏନଏସସି) ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି ।

ୟେମେନର ରାଜଧାନୀରେ ଇସ୍ରାଏଲର ଭୟଙ୍କର ମିସାଇଲ୍ ମାଡ଼

ଜେରୁଜେଲମ, ୨୪/୦୮ (ନ୍ୟୁ.ଏ) : ଗାଜା, ଲେବାନନ ଓ ସିରିଆ ପରେ ଏବେ ୟେମେନ ଉପରେ ଭୟଙ୍କର ଆକ୍ରମଣ କଲା ଇସ୍ରାଏଲ୍ । ରବିବାର ଦ୍ୱିପ୍ରହରରେ ୟମନ ରାଜଧାନୀ ସନାରେ ଘାତକ ଆକ୍ରମଣ କରିଛି ଇସ୍ରାଏଲ୍ । ଏହି ଆକ୍ରମଣରେ ରାଷ୍ଟ୍ରପତି ଭବନ ଓ ମିଶାଇଲ୍ ଭଣ୍ଡାରକୁ ଟାର୍ଗେଟ୍ କରାଯାଇଛି । ପାଲେଷ୍ଟାଇନ୍‌କୁ ଦେଶର ମାନ୍ୟତା ଦେବାକୁ ଦାବିକୁ ବିରୋଧ କରି ଇସ୍ରାଏଲ୍ ଏହି ଆକ୍ରମଣ କରିଛି ବୋଲି କୁହାଯାଉଛି । ଇସ୍ରାଏଲ୍ ର ନେକ୍ସ ଟାର୍ଗେଟ୍ ଏବେ ଇରାନ ହୋଇପାରେ ବୋଲି କୁହାଯାଉଛି । ସେପ୍ଟେମ୍ବରରେ ପାଲେଷ୍ଟାଇନକୁ ମାନ୍ୟତା ଦେବା ପାଇଁ ଅନେକ ପାଶ୍ଚାତ୍ୟ ଦେଶଙ୍କ ଘୋଷଣାକୁ ଇସ୍ରାଏଲ ଅଟକାଇବାକୁ ଚାହୁଁଛି । ଏଥିପାଇଁ ସେ ଦରକାର ପଡ଼ିଲେ ଇରାନକୁ ବି ଟାର୍ଗେଟ୍ କରିପାରେ ବୋଲି କୁହାଯାଉଛି । ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ସାନାର ମଧ୍ୟଭାଗରେ ଥିବା ଏକ ପୌର ଭବନରେ ବିମାନ ଆକ୍ରମଣ ହୋଇଛି । ଏଥିରେ ଅନେକ ଲୋକ ଆହତ ହୋଇଛନ୍ତି । ୟମନର ବନ୍ଦର ସହର

ହୋଦେଇଦାରେ ମଧ୍ୟ ସମାନ ଆକ୍ରମଣ ହୋଇଛି । ଶୁକ୍ରବାର ହୁତି ବିଦ୍ରୋହୀ ଇସ୍ରାଏଲୀକୁ ଟାର୍ଗେଟ୍ କରି କ୍ଷେପଣାସ୍ତ୍ର ମାଡ଼ କରିଥିଲେ । ଯାହାର ଜବାବ ଦେଇ ରବିବାର ରାଜଧାନୀ ସାନାକୁ ଆକ୍ରମଣ କରିଛି ଇସ୍ରାଏଲ । ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ହୁତି ଶୁକ୍ରବାର ନିକ୍ଷେପ କରିଥିବା କ୍ଷେପଣାସ୍ତ୍ରରେ ଏକ କ୍ଲଷ୍ଟର ୱାରହେଡ୍ ଥିଲା । ପ୍ରଥମ ଥର ହୁତି ବିଦ୍ରୋହୀମାନେ ଇସ୍ରାଏଲ୍ ବିରୁଦ୍ଧରେ ଏଭଳି ଅସ୍ତ୍ର ବ୍ୟବହାର କରିଛନ୍ତି । ୭ ଅକ୍ଟୋବର, ୨୦୨୩ରେ ଗାଜାରେ ଇସ୍ରାଏଲ-ହମାସ ଯୁଦ୍ଧ ଆରମ୍ଭ ହେବା ପରଠାରୁ, ହୁତି ବିଦ୍ରୋହୀମାନେ ଇସ୍ରାଏଲ ଉପରେ ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରି ଆସୁଛନ୍ତି । ସେମାନେ ପାଲେଷ୍ଟାଇନର ସମର୍ଥନରେ କାର୍ଯ୍ୟ କରୁଛନ୍ତି । ଏହି ଆକ୍ରମଣଗୁଡ଼ିକ ମଧ୍ୟରୁ ଅଧିକାଂଶକୁ ପ୍ରତିହତ କରାଯାଇଛି ।

ଭାରତରେ ଉତ୍ପାଦନ ହେବ ସେମିକଣ୍ଡକ୍ଟର ଚିପ୍

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) :ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରଥମ ମେଡ-ଇନ-ଇଣ୍ଡିଆ ସେମିକଣ୍ଡକ୍ଟର ଚିପ୍ । ଘୋଷଣା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଭାରତରେ ଚଳିତ ବର୍ଷ ଶେଷ ସୁଦ୍ଧା ସେମିକଣ୍ଡକ୍ଟର ଚିପ୍ ତିଆରି ହେବ । ଏହା ସହ ଦେଶ ଏବେ ୬ଜି ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ମଧ୍ୟ କାର୍ଯ୍ୟ ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ସ୍ମାର୍ଟଫୋନ୍, କମ୍ପ୍ୟୁଟର, ମେଡିକାଲ ଉପକରଣ ଭଳି ଇଲେକଟ୍ରୋନିକ୍ସ ଯନ୍ତ୍ରାଂଶରେ ସେମିକଣ୍ଡକ୍ଟର ଚିପ୍ ବ୍ୟବହାର ହୋଇଥାଏ । ଏ ପର୍ଯ୍ୟନ୍ତ ଭାରତ ଏହି ଚିପଗୁଡ଼ିକୁ ବିଦେଶରୁ ଆମଦାନୀ କରୁଥିଲା । ଯାହା ଦେଶର ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଏକ ବଡ଼ ନିର୍ଭରତା ସୃଷ୍ଟି କରିଥିଲା । ଏହା ଦେଶରେ ଉତ୍ପାଦନ କ୍ଷେତ୍ରରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ଏବଂ ବିଶ୍ୱ ବଜାରରେ ଭାରତର ସ୍ଥାନକୁ ସୁଦୃଢ଼ କରିବ । ଏହି ଉଦ୍ୟୋଗ ସଫଳ ହେଲେ, ଭାରତ କେବଳ ପ୍ରଯୁକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବ ନାହିଁ । ବରଂ ବିଶ୍ୱରେ ଏକ ପ୍ରମୁଖ ପ୍ରଯୁକ୍ତି ଶକ୍ତି ଭାବେ ଉଭା ହେବ । ପ୍ରଧାନମନ୍ତ୍ରୀ ମୋଦୀ ଆହୁରି କହିଛନ୍ତି ଯେ, ଭାରତ ୬ଜି ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଛି । ୫ଜି ପ୍ରଯୁକ୍ତି ଦେଶରେ ବ୍ୟାପକ ଭାବେ ବ୍ୟବହୃତ ହେଉଥିବା ବେଳେ, ୬ଜି ପରବର୍ତ୍ତୀ ପିଢ଼ିର ଯୋଗାଯୋଗ ପ୍ରଯୁକ୍ତି ଭାବେ ବିବେଚିତ ହେଉଛି । ୬ଜି ପ୍ରଯୁକ୍ତି ଆର୍ଟିଫିସିଆଲ ଇଂଟେଲିଜେନ୍ସ, ଇଂଟରନେଟ ଅଫ ଥିଙ୍ଗ୍ (IoT), ଏବଂ ଅଟୋମେଂଟେଡ ରିଆଲିଟି ଭଳି କ୍ଷେତ୍ରଗୁଡ଼ିକରେ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଭାରତ ବର୍ତ୍ତମାନ ବିଶ୍ୱର ୧୦୦ଟି ଦେଶକୁ ବୈଦ୍ୟୁତିକ ଯାନ ରପ୍ତାନି କରିବାକୁ ଯାଉଛି ।

ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀକୁ ଉଦଘାଟନ କଲେ କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ପ୍ରଥମ ନିର୍ବାଚିତ ଭାରତୀୟ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ପାଳନ ଅବସରରେ ଦିଲ୍ଲୀ ବିଧାନସଭାରେ ଆୟୋଜିତ ଦୁଇ ଦିନିଆ ଅଖିଳ ଭାରତୀୟ ବାଚସ୍ପତି ସମ୍ମିଳନୀକୁ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଉଦଘାଟନ କରିଛନ୍ତି । ଏହି ଅବସରରେ ଦିଲ୍ଲୀ ବିଧାନସଭା ବାଚସ୍ପତି ଶ୍ରୀ ବିଜେନ୍ଦ୍ର ଗୁପ୍ତା, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ କିରେନ ରିଜିଜୁ, ଦିଲ୍ଲୀ ଉପରାଜ୍ୟପାଳ ଶ୍ରୀ ବିନୟ କୁମାର ସାକ୍ସେନା ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ରେଖା ଗୁପ୍ତାଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ସମ୍ମିଳନୀରେ ରାଜ୍ୟ/କେନ୍ଦ୍ରଶାସିତ ଅଂଚଳର ବିଧାନସଭାର ବାଚସ୍ପତି ଏବଂ ଉପବାଚସ୍ପତି ତଥା ବିଧାନ ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷମାନେ ଯୋଗ ଦେଉଛନ୍ତି । ଏହି ଅବସରରେ କେନ୍ଦ୍ର ଗୃହ ମନ୍ତ୍ରୀ ଦିଲ୍ଲୀ ବିଧାନସଭା ପରିସରରେ ବିଠଲଭାଇ ପଟେଲଙ୍କ ଜୀବନୀ ଉପରେ ଆୟୋଜିତ ଏକ ପ୍ରଦର୍ଶନୀ ମଧ୍ୟ ବୁଲି ଦେଖିଥିଲେ । ଏହି ସମ୍ମିଳନୀକୁ ସମ୍ବୋଧିତ କରି କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ ଆଜି ଦେଶର ବିଧାନସଭା ଇତିହାସର ଆରମ୍ଭ ହୋଇଛି । ସେ ଉଲ୍ଲେଖ କରିଥିଲେ ଯେ ଏହି ଦିନ ମହାନ ସ୍ୱାଧୀନତା ସଂଗ୍ରାମୀ ବିଠଲଭାଇ ପଟେଲ କେନ୍ଦ୍ରୀୟ ବିଧାନସଭାର ବାଚସ୍ପତି ଭାବେ ନିର୍ବାଚିତ ହୋଇଥିଲେ ଏବଂ ଭାରତୀୟମାନଙ୍କ ନେତୃତ୍ୱରେ ବ୍ୟବସ୍ଥାପକ ବ୍ୟବସ୍ଥାର ଇତିହାସ ଆରମ୍ଭ କରିଥିଲେ । ସେ କହିଥିଲେ ଯେ ଏହି ସଦନରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନେକ ବିଶିଷ୍ଟ ଏବଂ ବରିଷ୍ଠ ନେତାମାନଙ୍କର ବିଧାୟକ ଭାବେ ଉଲ୍ଲେଖନୀୟ ଅବଦାନ ଦେଖିବାକୁ ମିଳିଛି । ମହାମାନ୍ୟ ମଦନ ମୋହନ ମାଲବ୍ୟ ପ୍ରାୟ ୨୦ ବର୍ଷ ଧରି ଏହି ଗୃହର ସଦସ୍ୟ ରହିଥିଲେ । ଶ୍ରୀ ଶାହ ଆହୁରି ମଧ୍ୟ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ପରାମର୍ଶଦାତା ଗୋପାଳ କୃଷ୍ଣ ଗୋଖଲେ, ଲାଲା ଲାଜପତ ରାୟ ଏବଂ ଦେଶବନ୍ଧୁ ଚିତରଞ୍ଜନ ଦାସଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନେ ସେମାନଙ୍କ ଶକ୍ତିଶାଳୀ ଭାଷଣ ମାଧ୍ୟମରେ ସ୍ୱାଧୀନତା ପାଇଁ ଦେଶର ଉଚ୍ଚାକାଂକ୍ଷା ଏବଂ ସ୍ୱାଧୀନତା ପାଇଁ ସେମାନଙ୍କର ଆକାଂକ୍ଷାକୁ ପ୍ରକାଶ କରିଥିଲେ । କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହ ଦିଲ୍ଲୀ ବିଧାନସଭାର ବାଚସ୍ପତିଙ୍କୁ ଅନୁରୋଧ କରିଛନ୍ତି ଯେ

ଏହି ଗୃହରେ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଦିଆଯାଇଥିବା ଭାଷଣକୁ ସଂକଳିତ କରନ୍ତୁ ଏବଂ ସେଗୁଡ଼ିକୁ ସାରା ଦେଶର ସମସ୍ତ ବିଧାନସଭାର ଲାଇବ୍ରେରୀରେ ଉପଲବ୍ଧ କରାନ୍ତୁ, ଯାହା ଦ୍ୱାରା ବିଧାୟକ ଏବଂ ଆଜିର ଯୁବକମାନେ ଦିଲ୍ଲୀ ବିଧାନସଭାରେ ସ୍ୱାଧୀନତାର ଭାବନା କିପରି ପ୍ରଜ୍ୱଳିତ ହୋଇଥିଲା ତାହା ବୁଝିପାରିବେ । ଶ୍ରୀ ଶାହ କହିଥିଲେ ଯେ ଦିଲ୍ଲୀ ବିଧାନସଭା ବିଠଲଭାଇ ପଟେଲଙ୍କ ଜୀବନୀ ଉପରେ ଏକ ଉଲ୍ଲେଖନୀୟ ପ୍ରଦର୍ଶନୀର ଆୟୋଜନ କରିଛି । କେବଳ ବିଠଲଭାଇଙ୍କ ଜୀବନ ଏବଂ ଅବଦାନ ବିଷୟରେ ନୁହେଁ, ବରଂ ସ୍ୱାଧୀନତା ସଂଗ୍ରାମର ଇତିହାସ ବିଷୟରେ ବିଧାୟକ, ବିଧାନ ପରିଷଦର ସଦସ୍ୟ ଏବଂ ଦେଶର ଯୁବକମାନଙ୍କୁ ସୂଚନା ପ୍ରଦାନ କରିବା ପାଇଁ ସମସ୍ତ ବିଧାନସଭାରେ ଏହିପରି ପ୍ରଦର୍ଶନୀ ଆୟୋଜନ କରିବାକୁ ସେ ଅନୁରୋଧ କରିଥିଲେ । ପ୍ରତ୍ୟେକ ବିଧାନସଭାର ପାଠାଗାରଗୁଡ଼ିକୁ ସମୃଦ୍ଧ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ । କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ବିଠଲଭାଇ ପଟେଲ ଭାରତର ବିଧାନସଭା ପରମ୍ପରାର ମୂଳଦୁଆ ପକାଇଥିଲେ, ଯାହା ଆଜିର ଗଣତନ୍ତ୍ରକୁ ସୁଦୃଢ଼ କରିଛି । ସେ କହିଥିଲେ ଯେ ଯଦି କେହି ଭାରତୀୟ ମୂଲ୍ୟବୋଧ ଆଧାରରେ ଗଣତାନ୍ତ୍ରିକ ଢଙ୍ଗରେ ଦେଶକୁ ଚଳାଇବା ପାଇଁ ଢାଂଚା ପ୍ରସ୍ତୁତ କରନ୍ତି, ତେବେ ସେ ନିଃସନ୍ଦେହରେ ବୀର ବିଠଲଭାଇ ପଟେଲ ଥିଲେ । ସେ ଅନେକ ପରମ୍ପରା ପ୍ରତିଷ୍ଠା କରିଥିଲେ ଯାହା ଆମ ସମସ୍ତଙ୍କୁ ମାର୍ଗଦର୍ଶନ ଜାରି ରଖିଛି, ବିଶେଷ କରି ବିଧାନସଭା କାର୍ଯ୍ୟ ଏବଂ ବାଚସ୍ପତିଙ୍କ ଦାୟିତ୍ୱରେ, ଏକ ଉଜ୍ଜ୍ୱଳ ଆଲୋକବର୍ତ୍ତିକା ପରି । ଶ୍ରୀ ଶାହ କହିଥିଲେ ଯେ ବିଠଲଭାଇ ପଟେଲ ଅନେକ ପରୀକ୍ଷଣର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେ ପ୍ରତ୍ୟେକ ପରୀକ୍ଷାରେ ସଫଳ ହୋଇଥିଲେ । ସେ ବିଧାନସଭା ବାଚସ୍ପତିଙ୍କ ମର୍ଯ୍ୟାଦା ହ୍ରାସ ହେବାକୁ ଦେଇନଥିଲେ, କିମ୍ବା ଗୃହକୁ ରାଷ୍ଟ୍ରର ସ୍ୱରକୁ ଦମନ କରିବାକୁ ଅନୁମତି ଦେଇନଥିଲେ, କିମ୍ବା ବ୍ରିଟିଶମାନଙ୍କ ପ୍ରଚଳିତ ମାନସିକତାକୁ ବିଧାନସଭାର କାର୍ଯ୍ୟଧାରାରେ ପ୍ରାଧାନ୍ୟ ଦେବାକୁ ଦେଇନଥିଲେ । ଶ୍ରୀ ଅମିତ ଶାହ କହିଥିଲେ ଯେ ବିଠଲଭାଇ ପଟେଲଙ୍କ କାର୍ଯ୍ୟକାଳରେ କେନ୍ଦ୍ର ଏବଂ ସମସ୍ତ ରାଜ୍ୟରେ ବିଧାନସଭା ବିଭାଗ ଏବଂ ବିଧାନସଭା ସଚିବାଳୟ ପ୍ରତିଷ୍ଠା କରାଯାଇଥିଲା । ସେ ଗୁରୁତ୍ୱାରୋପ କରିଥିଲେ ଯେ ସେହି ସମୟରେ ବିଠଲଭାଇଙ୍କ ମନ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା : କୌଣସି ବିଧାନସଭା ନିର୍ବାଚିତ ସରକାରଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରିପାରିବ ନାହିଁ । ବିଧାନସଭା ସ୍ୱାଧୀନ ରହିବା ଆବଶ୍ୟକ, ଯାହାଦ୍ୱାରା ଏହା ମଧ୍ୟରେ ଆୟୋଜିତ ବିତର୍କର ଅର୍ଥପୂର୍ଣ୍ଣତା ସୁନିଶ୍ଚିତ ହୋଇପାରିବ । ଶ୍ରୀ ଶାହ କହିଥିଲେ ଯେ ଏକ ସ୍ୱାଧୀନ ବିଧାନସଭା ବିଭାଗ ପ୍ରତିଷ୍ଠା କରିବା ଲାଗି ବିଠଲଭାଇ ପଟେଲଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତିକୁ ଆମ ସମ୍ବିଧାନ ସଭା ମଧ୍ୟ ସ୍ୱୀକାର କରିଛି । କେନ୍ଦ୍ର ଗୃହ ମନ୍ତ୍ରୀ କହିଥିଲେ ଯେ ବିଠଲଭାଇ ପଟେଲ ବାଚସ୍ପତି ହେବାର ୧୦୦ତମ ବାର୍ଷିକୀ ଅବସରରେ, ନିଜ ନିଜ ବିଧାନସଭାରେ ବାଚସ୍ପତିଙ୍କ ମର୍ଯ୍ୟାଦା ବୃଦ୍ଧି ଦିଗରେ କାର୍ଯ୍ୟ କରିବା ଆମ ସମସ୍ତଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ । ସେ ଅନୁରୋଧ କରିଛନ୍ତି ଯେ ଆମେ ନିଜ ନିଜ ରାଜ୍ୟରେ ଲୋକଙ୍କ ସ୍ୱର ପାଇଁ ଏକ ନିରପେକ୍ଷ ମଂଚ ପ୍ରତିଷ୍ଠା କରିବା, ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ ନିରପେକ୍ଷ ବିତର୍କ ସୁନିଶ୍ଚିତ କରିବା ଏବଂ ବିଧାନସଭା, ଲୋକସଭା ଏବଂ ରାଜ୍ୟସଭାର ନିୟମ ଅନୁଯାୟୀ ଗୃହର କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା । ଶ୍ରୀ ଶାହ ଗୁରୁତ୍ୱାରୋପ କରିଥିଲେ ଯେ ଗଣତନ୍ତ୍ରରେ ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ବିଚାର ଆଲୋଚନା ହେଉଛି ସର୍ବୋତମ ମାଧ୍ୟମ । ଯେତେବେଳେ ବିଧାନସଭା ନିଜର ମର୍ଯ୍ୟାଦା ହରାଇଛି, ସେତେବେଳେ ଆମକୁ ଗୁରୁତର ପରିଣାମ ଭୋଗିବାକୁ ପଡ଼ିଛି । ସେ କହିଥିଲେ ଯେ ବିଧାନସଭା ଗୁଡ଼ିକର ମର୍ଯ୍ୟାଦା ଏପରି ହେବା ଉଚିତ, ଯାହା ରାଷ୍ଟ୍ରର ସ୍ୱାର୍ଥରେ ଲୋକଙ୍କ ସ୍ୱରକୁ ପ୍ରକାଶ କରିବାର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିବ । ଶ୍ରୀ ଅମିତ ଶାହ କହିଥିଲେ ଯେ ଭାରତରେ ବାଚସ୍ପତିଙ୍କୁ ଏକ ଅନୁଷ୍ଠାନର ମାନ୍ୟତା ପ୍ରଦାନ କରାଯାଇଛି । ସେ ଗୁରୁତ୍ୱାରୋପ କରିଥିଲେ ଯେ ସଦନରେ ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୂମିକା ହେଉଛି ବାଚସ୍ପତିଙ୍କର, କାରଣ ସେମାନେ ଏକ ରାଜନୈତିକ ଦଳରୁ ନିର୍ବାଚିତ ହୁଅନ୍ତି, କିନ୍ତୁ ଶପଥ ନେବା ପରେ ଜଣେ ନିରପେକ୍ଷ ଅମ୍ପାୟାରଙ୍କ ଭୂମିକା ଗ୍ରହଣ କରନ୍ତି । ଶ୍ରୀ ଶାହ କହିଥିଲେ ଯେ ଆମ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ମଧ୍ୟରେ ଦେଶର ବିଧାନସଭା ଏବଂ ଲୋକସଭାର ବାଚସ୍ପତିମାନେ ସଦନର ମର୍ଯ୍ୟାଦା ବୃଦ୍ଧି ପାଇଁ ନିରନ୍ତର କାର୍ଯ୍ୟ କରିଛନ୍ତି । ସେ ଗୁରୁତ୍ୱାରୋପ କରିଥିଲେ ଯେ ନିରପେକ୍ଷତା ଏବଂ ନ୍ୟାୟ ହେଉଛି ଦୁଇଟି ସ୍ତମ୍ଭ ଯାହା ଉପରେ ବାଚସ୍ପତିଙ୍କ ମର୍ଯ୍ୟାଦା ରହିଛି । ଏକ ପ୍ରକାରରେ, ବାଚସ୍ପତିଙ୍କୁ ଗୃହର ଉଭୟ ଅଭିଭାବକ ଏବଂ ସେବକ ଭାବେ ବିବେଚନା କରାଯାଏ । ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରାୟ ୮୦ ବର୍ଷ ମଧ୍ୟରେ, ଆମେ ଗଣତନ୍ତ୍ରର ମୂଳଦୁଆକୁ ମଜବୁତ କରିଛୁ, ଯାହା ପ୍ରମାଣ କରେ ଯେ ଗଣତନ୍ତ୍ର ଭାରତୀୟ ଲୋକଙ୍କ ସାର ଏବଂ ପ୍ରକୃତି ମଧ୍ୟରେ ନିହିତ । ସେ କହିଥିଲେ ଯେ ଅନେକ ଦେଶ ଗଣତନ୍ତ୍ର ଭାବେ ଆରମ୍ଭ କରିଥିବା ବେଳେ, କିଛି ଦଶନ୍ଧି ମଧ୍ୟରେ, ବିଭିନ୍ନ ପ୍ରକାରର ଶାସନ ସେହି ରାଷ୍ଟ୍ରଗୁଡ଼ିକରେ ଗଣତନ୍ତ୍ରର ସ୍ଥାନ ନେଇଯାଇଥିଲା ।

ତିନିଦିନିଆ ଭାରତ ଗସ୍ତରେ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା

ନୂଆଦିଲ୍ଲୀ, ୨୪/୦୮ (ନ୍ୟୁ.ଏ) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱର 'ବସ୍' ବୋଲି କହିଥିବା ଫିଜିର ପ୍ରଧାନମନ୍ତ୍ରୀ ସିଟିଭେନି ଲିଗାମାମାଡା ରାବୁକା ତିନିଦିନିଆ ଗସ୍ତରେ ଭାରତ ଆସିଛନ୍ତି । ଏହା ତାଙ୍କର ପ୍ରଥମ ସରକାରୀ ଭାରତ ଗସ୍ତ । ସେ ଆଜି ଦିଲ୍ଲୀରେ ପହଂଚିଛନ୍ତି, ଯେଉଁଠାରେ ତାଙ୍କୁ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସ୍ୱାଗତ କରିଥିଲେ । ଫିଜି ପ୍ରଧାନମନ୍ତ୍ରୀଙ୍କ ସହ ତାଙ୍କ ପତ୍ନୀ ସୁଲୁଏତି ରାବୁକା ମଧ୍ୟ ଅଛନ୍ତି । ଏହି ପ୍ରତିନିଧି ମଣ୍ଡଳରେ ସ୍ୱାସ୍ଥ୍ୟମନ୍ତ୍ରୀ ରାତୁ ଆଂଟୋନିଓ ଲାଲବାଲାଭୁ ଏବଂ ବରିଷ୍ଠ ଅଧିକାରୀମାନେ ମଧ୍ୟ ସାମିଲ ଅଛନ୍ତି । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ପ୍ରଧାନମନ୍ତ୍ରୀ ରାବୁକାଙ୍କ ଆଗମନ ସମ୍ପର୍କରେ ସୂଚନା ଦେଇ ଲେଖିଛନ୍ତି, "ଫିଜିର ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକାଙ୍କୁ ତାଙ୍କର ପ୍ରଥମ ଗସ୍ତରେ ନୂଆଦିଲ୍ଲୀରେ ପହଂଚିବା ପରେ ହାର୍ଦ୍ଦିକ ସ୍ୱାଗତ । ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ରାବୁକାଙ୍କୁ କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ସ୍ୱାଗତ କରିଥିଲେ । ଏହି ଗସ୍ତ ବିଭିନ୍ନ କ୍ଷେତ୍ରରେ ସହଭାଗିତାକୁ ଆହୁରି ମଜବୁତ କରିବ ।" ଏଥିସହ ଆପଣମାନେ ଜାଣିରଖନ୍ତୁ ଯେ, ଭାରତ ଗସ୍ତ ସମୟରେ ଫିଜି ପ୍ରଧାନମନ୍ତ୍ରୀ ସୋମବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଆଲୋଚନା କରିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ତରଫରୁ ଫିଜି ପ୍ରଧାନମନ୍ତ୍ରୀଙ୍କ ପାଇଁ ଏକ ମଧ୍ୟାହ୍ନ ଭୋଜନର ଆୟୋଜନ ମଧ୍ୟ କରାଯିବ । ଏହା ପରେ ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିବେ । ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମତରେ, ପ୍ରଧାନମନ୍ତ୍ରୀ ରାବୁକାଙ୍କ ଏହି ଗସ୍ତ ଭାରତ ଏବଂ ଫିଜି ମଧ୍ୟରେ ଥିବା ଦୀର୍ଘ ଦିନର ମଜବୁତ ଓ ସ୍ଥାୟୀ ସମ୍ପର୍କକୁ ଦର୍ଶାଉଛି । ଏହି ଗସ୍ତ ଉଭୟ ଦେଶର ଦ୍ୱିପାକ୍ଷିକ ସମ୍ପର୍କକୁ ସମସ୍ତ କ୍ଷେତ୍ରରେ ମଜବୁତ କରିବା ଏବଂ ଆମ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ଆହୁରି ଗଭୀର କରିବାର ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରୁଛି । ଭାରତ ଏବଂ ଫିଜି ଜୁଲାଇ ୨୦୨୫ରେ ଫିଜିର ସୁଭାଠାରେ ଷଷ୍ଠ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ (ଏଫଓସି) ଆୟୋଜନ କରିଥିଲେ । ଏହି ସମୟରେ ଉଭୟ ଦେଶ ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ବାଣିଜ୍ୟ ଓ ନିବେଶ, କୃଷି, ଅକ୍ଷୟ ଶକ୍ତି, ଜଳବାୟୁ ପରିବର୍ତ୍ତନ ଏବଂ ସାଂସ୍କୃତିକ ଆଦାନ-ପ୍ରଦାନ ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗର ସମୀକ୍ଷା କରିବା ସହ ଏହାକୁ ବୃଦ୍ଧି କରିବା ଉପରେ ଆଲୋଚନା କରିଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das